


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୩୧ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SAUNDAY 31 May 2026

Vol.No. 36 ■ No.142 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ପାକିସ୍ତାନ ଓ ଦାଉଦ ଲିଙ୍କରେ ଥିବା ୯ ଆତଙ୍କବାଦୀ ଗିରଫ : ଟାର୍ଗେଟରେ ଥିଲା ଦିଲ୍ଲୀ ଓ ମୁମ୍ବାଇ

ନୂଆଦିଲ୍ଲୀ,୩୦/୫ : ଗୋଟିଏ ବଡ଼ ଅଘଟଣ ଟଳିଛି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଓ ପଳାତକ ଡନ ଦାଉଦ ଇବ୍ରାହିମ ଲିଙ୍କରେ ଧରା ପଡ଼ିଛନ୍ତି ୯ ଜଣ। ଏମାନେ ଦିଲ୍ଲୀ, ମୁମ୍ବାଇ ଓ ଦେଶର ବିଭିନ୍ନ ସ୍ଥାନରେ ଆକ୍ରମଣ ପାଇଁ କରିଥିଲେ ମସୁଧା। ହେଲେ ସେମାନେ ଯୋଜନାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ ସବୁ କିଛି ପଣ୍ଡ କରି ଦେଇଛି। ସ୍ପେଶାଲ ସେଲ କହିଛି ଯେ ଗିରଫ ଯୁବକମାନଙ୍କ ଘର ଦିଲ୍ଲୀ, ମୁମ୍ବାଇ ଓ ପଞ୍ଜାବରେ। ଏମାନଙ୍କ ମଧ୍ୟରେ କିଛି ବଦେଶୀ ନାଗରିକ ମଧ ରହିଛନ୍ତି। ସେମାନଙ୍କ ଠାରୁ ବିପୁଳ ପରିମାଣର ଗୁଳିଗୋଳା ଓ ଅସ୍ତ୍ରଶସ୍ତ୍ର ମଧ ଜବତ କରାଯାଇଛି। ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ



ଓ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବାକୁ କୁହାଯାଇଥିଲା। ସେମାନଙ୍କ ସମ୍ଭାବ୍ୟ ଆକ୍ରମଣ ତାଲିକାରେ ଆଣବିକ ପ୍ରତିଷ୍ଠାନ, ବିମାନବନ୍ଦର, ରେଳ ଷ୍ଟେସନ ଓ ବିଭିନ୍ନ ଶକ୍ତି କେନ୍ଦ୍ର ରହିଥିବା ପୁଲିସ୍ ଜାଣିବାକୁ ପାଇଛି। ଅଧିକାରୀଙ୍କ କହିବା କଥା ଯେ ଏହି ଗ୍ୟାଙ୍ଗ ଉପରେ ବେଶ କିଛି ସମୟ ଧରି ଗୁଇନ୍ଦା ବିଭାଗର ନଜର ରହିଥିଲା। ଏବେ ସେମାନଙ୍କ ସୀମା ପାର ଲିଙ୍କ, ଫଣ୍ଡିଂ ମାଧ୍ୟମ ଓ ବିଦେଶରେ ଥିବା ହ୍ୟାଣ୍ଡେଲର୍ସଙ୍କ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଏସମ୍ପର୍କରେ ବିସ୍ତୃତ ତଥ୍ୟ ଦିଲ୍ଲୀ ପୁଲିସ୍ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ସମ୍ଭାବ୍ୟ ଆତଙ୍କୀ ହମଲା ଆଶଙ୍କାରେ ଦିଲ୍ଲୀରେ ହାଇଆଲର୍ଟ ଜାରି କରାଯାଇଛି। ଚଳିତ ମାସ ଆରମ୍ଭରେ ହିଁ ଆତଙ୍କବାଦୀମାନେ ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଓ ଜନଗହଳୀପୂର୍ଣ୍ଣ ଅଞ୍ଚଳକୁ ଟାର୍ଗେଟ କରିପାରନ୍ତି ବୋଲି ଗୁଇନ୍ଦା ବିଭାଗ ତଥ୍ୟ ଦେଇଥିଲେ। ବିଶେଷ କରି କେନ୍ଦ୍ରୀୟ ଦିଲ୍ଲୀରେ ଆତ୍ମଘାତୀ ହମଲାର ଆଶଙ୍କା କରିଛି ଗୁଇନ୍ଦା ବିଭାଗ। ଏଥିପାଇଁ ସବୁ ଜିଲ୍ଲାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସମସ୍ତଙ୍କୁ ଗୁଇନ୍ଦା ବିଭାଗ ଓ କେନ୍ଦ୍ରୀୟ ପାରାମିଲିଟାରୀ ବଳ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ସମସ୍ତ ସୁରକ୍ଷାକର୍ମୀଙ୍କୁ ସର୍ବାଧିକ ହାଇଆଲର୍ଟରେ ରଖାଯାଇଛି।

## ଓଡ଼ିଶାରେ ଆରମ୍ଭ ହେଲା ଏସଆଇଆର




ଭୁବନେଶ୍ୱର, ୩୦/୫ (ନି.ପ୍ର): ଦୀର୍ଘ ୨୪ ବର୍ଷ ପରେ ରାଜ୍ୟରେ ଆରମ୍ଭ ହୋଇଛି ଏସ୍ଆଇଆର। ଜୁଲାଇ ୨୭ ପର୍ଯ୍ୟନ୍ତ ଚାଲିବ ଏହି ପ୍ରକ୍ରିୟା। ବୁଥ୍ ସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ପ୍ରତ୍ୟେକ ଭୋଟରଙ୍କ ତଥ୍ୟ ଯାଂଚ କରିବେ। ୧୮ବର୍ଷ ପୂରଣ କରୁଥିବା ନୂଆ ଭୋଟରଙ୍କ ନାଁ ତାଲିକାରେ ଯୋଡିବେ ଏବଂ ମୃତ/ ସ୍ଥାନାନ୍ତରିତ ଭୋଟରଙ୍କ ନାଁ ବାଦ ପଡ଼ିବ। ବିଧିବଦ୍ଧ ଭାବେ ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର। ବୁଥ୍ ଲେବୁଲ ଅଧିକାରୀମାନେ ଘରକୁ ଘର ଯାଇ ମତଦାତାଙ୍କ ତଥ୍ୟ ସଂଗ୍ରହ ଆରମ୍ଭ କରିଛନ୍ତି। ଯାଂଚ ସମୟରେ ବିଏଲଓମାନେ ନିର୍ଦ୍ଧିଷ୍ଟ ଫର୍ମରେ, ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରୁଛନ୍ତି। ତଥ୍ୟ ସଂଗ୍ରହ ପରେ ମୃତ/ ସ୍ଥାନାନ୍ତରିତ ଭୋଟରଙ୍କ ନାଁକୁ ବାଦ ଦିଆଯିବ। ତ୍ରୁଟି ଥିଲେ ସଂଶୋଧନ ପାଇଁ ୫ ଜୁଲାଇରୁ ୪ ଅଗଷ୍ଟ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିପାରିବେ। ନାଗରିକମାନେ ନିଜେ ମଧ ଭୋଟର ପୋର୍ଟାଲ କିମ୍ବା ମୋବାଇଲ ଆପରେ ମଧ ଗଣନା ପତ୍ର ପୂରଣ କରିପାରିବେ। ତେବେ ଏସ୍ଆଇଆର ଆରମ୍ଭ ପୂର୍ବରୁ ରାଜ୍ୟର ୯ ଲକ୍ଷରୁ ଅଧିକ ଭୋଟରଙ୍କ ନାଁକୁ ତାଲିକାରୁ ବାଦ ଦିଆଯାଇଥିବାରୁ ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। ରାଜନୈତିକ ଅଭିସନ୍ଧି ରଖି ଯୋଗ୍ୟ ଭୋଟରଙ୍କ ନାଁ କାଟିଲେ ଜବାବ ଦିଆଯିବ ବୋଲି କହିଛନ୍ତି ବିରୋଧୀ।

## ମହାନଦୀ ଜଳ ବିବାଦ : ୧୫ଟି ପ୍ରସଙ୍ଗରୁ ୧୨ଟିରେ ଦୁଇ ରାଜ୍ୟ ସହମତ

ଭୁବନେଶ୍ୱର, ୩୦/୫ (ନି.ପ୍ର): ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ୧୫ଟି ପ୍ରସଙ୍ଗ ଦାଖଲ କରାଯାଇଛି। ୧୫ଟି ପ୍ରସଙ୍ଗରୁ ୧୨ଟିରେ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ଆଜିର ଶୁଣାଣି ଶେଷ ହୋଇଛି।୧୨ଟି ପ୍ରସଙ୍ଗରେ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ସହମତି ପ୍ରକାଶ ନେଇ ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କୁ ଅବଗତ କରିଛନ୍ତି। ଅନ୍ୟ ପ୍ରସଙ୍ଗରେ ଦୁଇ ରାଜ୍ୟର ବିଭିନ୍ନ ଟିମ୍ ବସି ସମାଧାନ କରିବେ। ଉଭୟ ରାଜ୍ୟର ଟେକ୍ନିକାଲ୍ ଟିମ୍ ଓ ଲିଗାଲ୍ ଟିମ୍ ବସି ସମାଧାନର ବାଟ ବାହାର କରିବେ। ଟ୍ରିବ୍ୟୁନାଲ୍ ରେ ପାଖାପାଖି ତାରିଖ ପଡୁଥିବା ଏକ ଭଲ ସଂକେତ।

## ଉତ୍ତର ପ୍ରଦେଶରେ ପ୍ରଳୟଙ୍କରୀ କାଳବୈଶାଖୀ : ୧୬ ମୃତ

ନୂଆଦିଲ୍ଲୀ,୩୦/୫ : ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ଖରା ମଧ୍ୟରେ ଉତ୍ତର ପ୍ରଦେଶର ବିଭିନ୍ନ ପ୍ରାନ୍ତରେ ହଠାତ୍ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ରାଜ୍ୟର ପଶ୍ଚିମ, ପୂର୍ବ, ତେରାଇ ଓ ରାଜଧାନୀ ଲକ୍ଷ୍ନୌ ସମେତ ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଓ ବଜ୍ରପାତ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଗତ ଦୁଇଦିନ ମଧ୍ୟରେ ୧୬ ଜଣଙ୍କର ମୃତ୍ୟୁ ଘଟିଛି। ଏହି କାଳବୈଶାଖୀ ଝଡ଼ ଯୋଗୁଁ ସାରା ରାଜ୍ୟରେ ଶତାଧିକ ଗଛ, ଟିଣ ଛପର ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଥିବା ବେଳେ ବଜ୍ରପାତ ଓ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରବଳ ପବନ ଯୋଗୁଁ ରେଳଧାରଣା ଉପରେ ଗଛ ପଡ଼ିଯିବା ଏବଂ ଓଭରହେଡ୍ ବିଦ୍ୟୁତ୍ ତାର ଛିଣ୍ଡିଯିବା ହେତୁ କାନପୁର-ଓରାଇ ସେକ୍ସନ ଏବଂ ଗୋରଖପୁର ଅଞ୍ଚଳରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ସ୍ଥଗିତ ହୋଇପଡ଼ିଛି। ଚଳିତ ବିପର୍ଯ୍ୟୟରେ ବୁନ୍ଦେଲଖଣ୍ଡ ଅଞ୍ଚଳ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ସର୍ବାଧିକ ୧୦ ଜଣଙ୍କର ପ୍ରାଣହାନି ଘଟିଛି। ଏହି ଅଞ୍ଚଳର ବାନ୍ଦା ଏବଂ ହାକିମପୁରରେ ତିନି ଜଣ ଲେଖାଏଁ ଲୋକଙ୍କର ମୃତ୍ୟୁ ହୋଇଛି। ଏହା ବ୍ୟତୀତ ରାୟବରେଲି, ଆମ୍ବେଦକରନଗର, କୌଶାମ୍ବୀ,

◆◆ପୃଷ୍ଠା ୭

## ମୋହନଙ୍କ କାର୍ଯ୍ୟରେ ମୋହର ମାରିବାକୁ ଆସିବେ ପ୍ରଧାନମନ୍ତ୍ରୀ

### ମନ୍ତ୍ରୀଙ୍କ ସହ ପାଳି କରି ବୈଠକ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୩୦/୫ (ନି.ପ୍ର): ଆଉ ମାତ୍ର ୩ ଦିନ। ମନ୍ତ୍ରୀଙ୍କ ୨ ବର୍ଷିଆ ପ୍ରଦର୍ଶନର ନାଡି ଚିପିବେ ମୁଖ୍ୟମନ୍ତ୍ରୀ। ବିଭାଗରେ କଣ କରିଛ ଓ କଣ ବାକି ରହିଲାଟ ତାହାର ଟିକିନିକି ହିସାବ ନେବେ ମୋହନ ମାଝୀ। ଭଲ ପ୍ରଦର୍ଶନ କରିଥିବା ମନ୍ତ୍ରୀ ଏବେ ଛାତି ଫୁଲେଇ ଚାଲୁଥିବା ବେଳେ ଦୁର୍ବଳ ପ୍ରଦର୍ଶନକାରୀ ଆଶଙ୍କାରେ। ଚଳଚଞ୍ଚଳ ହୋଇଉଠିଲାଣି ପାୱାର କରିଡର। ନିଜ କ୍ୟାବିନେଟ ସହଯୋଗୀ କେତେ ଦକ୍ଷ, କେତେ ପାରିବାର। ୨ ବର୍ଷ ଭିତରେ କେତେ ପ୍ରଭାବୀ ହୋଇଛନ୍ତି ଓ ଲୋକଙ୍କ ପାଇଁ କେତେ କାମ କରି ସରକାରଙ୍କ ଭାବମୂର୍ତ୍ତିକୁ ଉଚ୍ଚା କରିଛନ୍ତି ସେସବୁର ହିସାବକିତାବ କରିବେ ମୁଖ୍ୟମନ୍ତ୍ରୀ। ସୂଚନା ଅନୁସାରେ, ଆସନ୍ତା ୨ ତାରିଖରୁ ପାଳି ପାଳି କରି ମନ୍ତ୍ରୀଙ୍କ ପ୍ରୋଗ୍ରେସିଭ୍ ରିପୋର୍ଟକୁ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ। ଜୁନ୍ ୯ ତାରିଖ ଯାଏଁ ଏସବୁ ଚାଲିବ। ଏହାପରେ ପ୍ରତ୍ୟେକ ମନ୍ତ୍ରୀ ଜିଲ୍ଲା ଗସ୍ତରେ ଯାଇ ନିଜ ବିଭାଗର ସଫଳତା ଲୋକଙ୍କ ସାମନାରେ ରଖିବେ। ପ୍ରଥମେ ଉପ-ମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ଠାରୁ ଆରମ୍ଭ ହେବ ରିପୋର୍ଟ କାର୍ଡର ସମୀକ୍ଷା। ଗୋଟିଏ ସପ୍ତାହ ପୂର୍ବରୁ ସବୁ ମନ୍ତ୍ରୀଙ୍କୁ ରିପୋର୍ଟ ମାଗି ମେ ଶେଷ ସୁଦ୍ଧା ଦପ୍ତରରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଦୁର୍ବଳ ପ୍ରଦର୍ଶନ କରିଥିବା ଏକାଧିକ ମନ୍ତ୍ରୀ ରିପୋର୍ଟ କାର୍ଡ ଦେବା ପରେ ଛାନିଆ ପ୍ରାୟ।

◆◆ପୃଷ୍ଠା ୭

## କାରକୁ ଟ୍ରକ୍ ଘୋଷାଡ଼ି ନେବା ଘଟଣାରେ ଡ୍ରାଇଭର ଗିରଫ

ଭୁବନେଶ୍ୱର, ୩୦/୫ (ନି.ପ୍ର): ମଂଚେଶ୍ୱର ଗଙ୍ଗୁଆ ନାଳ ପାଖରେ କାରକୁ ଟ୍ରକ୍ ଘୋଷାଡ଼ି ନେବା ଘଟଣାରେ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭର ଗିରଫ ହୋଇଛନ୍ତି। ଅଭିଯୁକ୍ତ ଡ୍ରାଇଭରଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେ କହିଛନ୍ତି କାଲି ମଧ୍ୟରାତିରେ ଟ୍ରକ୍-କାର ମଧ୍ୟରେ ଦୁର୍ଘଟଣା ହୋଇଥିଲା। କାରଟି ଟ୍ରକ୍ ଆଗକୁ ଆସି ଯାଇଥିଲା। ଧକ୍କା ହେବା ପରେ ଟ୍ରକ୍ ଚାଳକ ଅଟକି ନ ଥିଲେ। କିଛି ବାଟ କାର୍ କୁ ଘୋଷାଡ଼ି ନେଇଥିଲେ। ପିସିଆର ପିଛା କରି ଟ୍ରକ୍ କୁ ଧରିଥିଲା।

## ବାରଙ୍ଗ ଥାର୍ଡଡିଗ୍ରି ମାମଲାରେ ନୂଆମୋଡ଼: ଥାନାରୁ ବିଳମ୍ବିତ ରାତିରେ ଘରୋଇ ହସ୍ପିଟାଲକୁ କିଭଳି ଗଲେ ଅଭିଯୁକ୍ତ ?

ଭୁବନେଶ୍ୱର, ୩୦/୫ (ନି.ପ୍ର): ବାରଙ୍ଗ ଥାର୍ଡ ଡିଗ୍ରି ଅଭିଯୋଗ ଘଟଣାରେ ନୂଆ ମୋଡ଼ । ଆହୁରି ଘନେଇଲା ସନ୍ଦେହ । କେବଳ ବାରଙ୍ଗ ଥାନା ପୁଲିସ ନୁହେଁ, ପୀଡ଼ିତ ରାକେଶ ବେହେରା ଚିକିତ୍ସିତ ହେଉଥିବା ମେଡ୍ ଏକ୍ସ ହସ୍ପିପାଲ ବି ଏବେ ସନ୍ଦେହ ଘେରରେ । ରାକେଶ ଥାନାକୁ ଜେରା ପାଇଁ ଯାଇଥିବା ବେଳେ, ସିଧା ହସ୍ପିଟାଲରେ କେମିତି ପହଞ୍ଚିଲେ ଏବଂ ଘରୋଇ ହସ୍ପିଟାଲକୁ ତାଙ୍କୁ କାହିଁକି ନିଆଗଲା, ପୁଲିସ ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛି କି, ଏଭଳି ଅନେକ ପ୍ରଶ୍ନ ଏବେ ବି ଜନମାନସକୁ ଆନ୍ଦୋଳିତ କରୁଛି । ବାରଙ୍ଗ ଥାନା ପୁଲିସ ଏମିତି ହରଡ଼ଘଣାରେ ଫସିଛି ଯେ, ସଫେଇ ଯେତେ ଦେଉଛି, ସନ୍ଦେହ ସେତେ ବଢୁଛି । ଏଭିତରେ ମାମଲାକୁ ନୂଆ ମୋଡ଼ ଦେଇଛି ସାଂଘାତିକ ତଥ୍ୟ । ଆଡମିସନ୍ ପେପର୍ କହୁଛି- ରାକେଶ ବେହେରାଙ୍କୁ ୨୪ ତାରିଖ ରାତି ୧୨ଟା ୪୫ରେ ଭର୍ତ୍ତି କରାଯାଇଛି ।

◆◆ପୃଷ୍ଠା ୭

## ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ମରଣାନ୍ତକ ଆକ୍ରମଣ

ନୂଆଦିଲ୍ଲୀ,୩୦/୫ : ଟିଏମସି ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ଆଜି ସନ୍ଧ୍ୟାରେ କିଛି ଲୋକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଅଭିଷେକ ନିଜ ଦଳର ଜଣେ କର୍ମୀଙ୍କୁ ଭେଟିବା ପାଇଁ ଯାଉଥିବା ବେଳେ କିଛି ଲୋକ ତାଙ୍କୁ ଘେରି ଆକ୍ରମଣ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯିବା ପରେ ସୁରକ୍ଷାକର୍ମୀ ମାନେ କଷ୍ଟକର ଭାବେ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ବାହାର କରିଥିଲେ। ସୁରକ୍ଷା ପାଇଁ ତାଙ୍କୁ ହେଲମେଟ୍ ପିନ୍ଧାଇ ସେହି ସ୍ଥାନରୁ ନେଇଯାଇଥିବା କୁହାଯାଉଛି। ଅଭିଯୋଗ ଅନୁସାରେ, ତାଙ୍କ ଉପରକୁ ଅଣ୍ଡା ମଧ ଫିଙ୍ଗାଯାଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ଅଭିଷେକ ବାନାର୍ଜୀଙ୍କୁ ଦେଖି "ଚୋର-ଚୋର" ନାରାବାଜି କରିଥିଲେ। ଧସ୍ତାଧସ୍ତି ମଧ୍ୟରେ ତାଙ୍କ ସାର୍ଟ ମଧ ଫାଟିଯାଇଥିବା କୁହାଯାଉଛି। ଏହି ଘଟଣାର କିଛି ସମୟ ପୂର୍ବରୁ ହିଁ ଅଭିଷେକ ବନାର୍ଜୀଙ୍କ ଘରେ



ସିଆଇଡିର ଏକ ଟିମ୍ ପହଞ୍ଚିଥିଲା। ସେହି ସମୟରେ ଅଭିଷେକ କହିଥିଲେ, "ମୁଁ କୌଣସି ପରିସ୍ଥିତିରେ ନଇଁବି ନାହିଁ। ମୋର ଗଳା କାଟିଦେଲେ ମଧ ମୁଁ ନଇଁବି ନାହିଁ।" ଏହି ବୟାନର କିଛି ସମୟ ପରେ ତାଙ୍କ ଉପରେ ହୋଇଥିବା କଥିତ ଆକ୍ରମଣ ପଶ୍ଚିମବଙ୍ଗର ରାଜନୀତିରେ ନୂଆ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଷେକ ବାନାର୍ଜୀ ସୋନାରପୁରରେ ନିର୍ବାଚନ ପରବର୍ତ୍ତୀ ହିଂସାରେ ପ୍ରଭାବିତ ପରିବାରଗୁଡ଼ିକୁ ଭେଟିବା ପାଇଁ ଯାଇଥିବା ବେଳେ ତାଙ୍କ ଉପରେ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଆକ୍ରମଣ ପରେ ଅଭିଷେକ ବନାର୍ଜୀ ଅଭିଯୋଗ କରି କହିଥିଲେ ଯେ, ଏହି ସମସ୍ତ ଘଟଣା ଭାଜପା ପ୍ରାୟୋଜିତ। ସେ କହିଥିଲେ, "ଏହା ହେଉଛି ଭାଜପାର ଗଣତନ୍ତ୍ରର ନମୁନା। ସେ ଆହୁରି କହିଥିଲେ, "ମୁଁ ଦେଖିବି ଏମାନଙ୍କର କେତେ ଦମ ଅଛି। ପ୍ରଶାସନର ଜଣେ ହେଲେ ମଧ ଅଧିକାରୀ ଘଟଣାସ୍ଥଳରେ ଉପସ୍ଥିତ ନାହାନ୍ତି।" ଅଭିଷେକ ବନାର୍ଜୀ ସ୍ପଷ୍ଟ କରି କହିଥିଲେ, "ଯେପର୍ଯ୍ୟନ୍ତ ପରିସ୍ଥିତିର ସୁଧାର ହେବ ନାହିଁ ଏବଂ ଲୋକମାନଙ୍କୁ ନ୍ୟାୟ ମିଳିବ ନାହିଁ, ସେପର୍ଯ୍ୟନ୍ତ ମୁଁ ଏଠାରୁ ଯିବି ନାହିଁ।"

## ଉନ୍ମୋଚିତ ହେଲା ଡ. ରମାକାନ୍ତ ବେହେରାଙ୍କ ପୁସ୍ତକ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ

ବାଲେଶ୍ୱର, ୩୦/୫ (ନି.ପ୍ର): ଆଜି ସଂଧ୍ୟାରେ ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଡ. ବେହେରାଙ୍କ ସଦ୍ୟଲିଖିତ ତଥା ସୁବର୍ଣ୍ଣଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏକ ନୂତନ ଗ୍ରନ୍ଥ 'ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଏବଂ ଅନ୍ୟାନ୍ୟ ପ୍ରବନ୍ଧ'ର ଶୁଭ ଉନ୍ମୋଚନ ପରିଷଦର କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଲେଖକ ତଥା କୃଷି ବିଜ୍ଞାନୀ ଡ. କେଶବ ଚରଣ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥକୁ



ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ଅରବିନ୍ଦ ଗିରି ପୁସ୍ତକ ଅନ୍ତର୍ଗତ ତଥ୍ୟ ଓ ତତ୍ତ୍ୱଧର୍ମୀ ୧୩ଗୋଟି ମୌଳିକ ପ୍ରବନ୍ଧର ଆଲୋଚନା କରି ଏହି ଗ୍ରନ୍ଥ ସମସ୍ତଙ୍କ ସୁଖପାଠ୍ୟ ଓ ସଂଗ୍ରହଣୀୟ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଲେଖିକା ତଥା 'ଧ୍ୱନି ପ୍ରତିଧ୍ୱନି'ର ସଂପାଦିକା ସୈରିନ୍ଧ୍ରୀ ସାହୁ ଡ. ବେହେରାଙ୍କ ଦୀର୍ଘ ଜୀବନର ସୃଷ୍ଟିର ମହନୀୟତାକୁ ବର୍ଣ୍ଣନା କରିଥିଲେ। ଟ୍ରଷ୍ଟର ସଂପାଦକ ଡ. କାଳୀପଦ ପଣ୍ଡା ପୁସ୍ତକର ପ୍ରକାଶଭାବେ ସୂଚନା ପ୍ରଦାନ କରିବା ସହ ଉତ୍ସବକୁ ସଂଚାଳନ କରିଥିଲେ।

◆◆ପୃଷ୍ଠା ୭

# ସାଗର ଆଙ୍କଳନ ପୁରସ୍କାରରେ ଶ୍ରେଷ୍ଠ ସମ୍ମାନ ହାସଲ କଲା ପାରାଦୀପ ବନ୍ଦର ପ୍ରାଧିକରଣ: ଭାରତର ଅଗ୍ରଣୀ ଶୁଷ୍କ ବଲ୍କ କାର୍ଗୋ ବନ୍ଦର ଭାବେ ଉଭା ହୋଇଛି ପାରାଦୀପ ବନ୍ଦର

ପାରାଦୀପ, ୩୦/୫ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରତିଷ୍ଠିତ ସାଗର ଆଙ୍କଳନ ପୁରସ୍କାରରେ ଶୀର୍ଷ ସ୍ଥାନ ହାସଲ କରି ଏକ ପ୍ରମୁଖ ଜାତୀୟ ସ୍ତରର ସମ୍ମାନ ହାସଲ କରିବାର ସୌଭାଗ୍ୟ ଲାଭ କରିଛି । ଏହି ସଫଳତା ଭାରତର ସର୍ବୋତ୍ତମ ପ୍ରଦର୍ଶନକାରୀ ବନ୍ଦର ମଧ୍ୟରୁ ଏକ ଭାବରେ ପାରାଦୀପ ବନ୍ଦରର ସ୍ଥିତିକୁ ପୁନଃନିର୍ମାଣ କରେ । କାର୍ଗୋ ପରିଚାଳନା, ପରିଚାଳନା ଦକ୍ଷତା ଏବଂ ଲଜିଷ୍ଟିକ୍ସ କାର୍ଯ୍ୟଦକ୍ଷତାରେ ଏହାର ଉତ୍କର୍ଷତା ପ୍ରତିପାଦିତ କରିଛି । ଗତକାଲି ସନ୍ଧ୍ୟାରେ ମୁମ୍ବାଇ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା, ଯେଉଁଠାରେ ପାରାଦୀପ ବନ୍ଦର ପ୍ରାଧିକରଣ ର ଅଧ୍ୟକ୍ଷ ଶ୍ରୀ ପି. ଏଲ୍. ହରନାଦ (ଆଇ ଆର ଟି ଏସ) ମାନ୍ୟବର କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଠାରୁ ପ୍ରତିଷ୍ଠିତ ସାଗର ଆଙ୍କଳନ ପୁରସ୍କାର ଗ୍ରହଣ କରିଥିଲେ। ଏହି ସମାରୋହ ସାମୁଦ୍ରିକ କ୍ଷେତ୍ରର ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଏକତ୍ରିତ କରିଥିଲା। ଏହି ମାନ୍ୟତା ପାରାଦୀପ ବନ୍ଦର ପ୍ରାଧିକରଣ ଙ୍କ କାର୍ଗୋ ପରିଚାଳନା, ପରିଚାଳନା ଦକ୍ଷତା ଏବଂ ଲଜିଷ୍ଟିକ୍ସ ଉତ୍କର୍ଷତାରେ ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରତିଫଳିତ କରେ, ଯାହା ଭାରତର ଅଗ୍ରଣୀ ବନ୍ଦର ମଧ୍ୟରେ ଏହାର ସ୍ଥିତିକୁ ସୁଦୃଢ଼ କରି ପାରିଛି । ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଦ୍ୱାରା ଜାରି ଲଜିଷ୍ଟିକ୍ସ ବନ୍ଦର ପ୍ରଦର୍ଶନ ପାଇଁ ସାଗର ଆଙ୍କଳନ ପ୍ରମାଣପତ୍ର ଅଧୀନରେ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ୫ ନିୟୁତ ଟନ୍ କିମ୍ୱା ସମାନ ମାଲ ପରିବହନ କରୁଥିବା ବନ୍ଦର ବର୍ଗରେ ଶୁଷ୍କ ବଲ୍କ କାର୍ଗୋ ପରିଚାଳନାରେ ଉତ୍କୃଷ୍ଟ ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ସ୍ଥାନ ହାସଲ କରିଛି। ଏହି ପାର୍ଥକ୍ୟ ବଲ୍କ କାର୍ଗୋ ପରିଚାଳନାରେ ପାରାଦୀପ ବନ୍ଦରର ନେତୃତ୍ୱ ଏବଂ ଭାରତର ଶିଳ୍ପ ଏବଂ ଶକ୍ତି ଯୋଗାଣ ଶୃଙ୍ଖଳରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ପଷ୍ଟ କରେ। ଏହି ସଫଳତା ସହିତ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ୦.୫ ନିୟୁତ ଟିଇୟୁ ରୁ କମ୍ ମାଲ ପରିବହନ କରୁଥିବା ବନ୍ଦର ବର୍ଗରେ କଣ୍ଟେନର କାର୍ଗୋ ପରିଚାଳନାରେ ଉତ୍କୃଷ୍ଟ ସାମଗ୍ରିକ ପ୍ରଦର୍ଶନ ପାଇଁ ସାଗର ଆଙ୍କଳନ ପ୍ରମାଣପତ୍ର ଅଧୀନରେ ତୃତୀୟ ସ୍ଥାନ ମଧ୍ୟ ହାସଲ କରିଛି। ଏହି ମାନ୍ୟତା କଣ୍ଟେନର ପରିଚାଳନାରେ ବନ୍ଦରର ବର୍ଦ୍ଧିତ କ୍ଷମତା ଏବଂ ବିଭିନ୍ନ କାର୍ଗୋ ବିଭାଗରେ ଦକ୍ଷ ଏବଂ ନିର୍ଭରଯୋଗ୍ୟ ସେବା ପ୍ରଦାନ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି କାର୍ଯ୍ୟକ୍ରମ ସମୟରେ, ମାନ୍ୟବର କେନ୍ଦ୍ରମନ୍ତ୍ରୀ ଲଜିଷ୍ଟିକ୍ସ ପୋର୍ଟ ପ୍ରଦର୍ଶନ ସୂଚକାଙ୍କ (ଏଲ ପି ପି ଆଇ) ଆରମ୍ଭ କରିଥିଲେ, ଯାହା ଭାରତୀୟ ବନ୍ଦରଗୁଡ଼ିକର ପ୍ରତିଯୋଗିତାମୂଳକ, ଦକ୍ଷତା ଏବଂ ସେବା ମାନଦଣ୍ଡର ମୂଲ୍ୟାଙ୍କନ ଏବଂ ଉନ୍ନତି କରିବା ପାଇଁ ସାଗର ଆଙ୍କଳନ ପଦକ୍ଷେପ ଅଧୀନରେ ବିକଶିତ ଏକ ବ୍ୟାପକ ଜାତୀୟ ବେଞ୍ଚମାର୍କିଂ ଫ୍ରେମୱାର୍କ। ଏହି ପୁରସ୍କାରଗୁଡ଼ିକ ସେହି ବନ୍ଦରଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରେ, ଯାହା କାର୍ଯ୍ୟକ୍ଷମ ଦକ୍ଷତା, କାର୍ଗୋ ପରିଚାଳନା କାର୍ଯ୍ୟଦକ୍ଷତା, ଭିତ୍ତିଭୂମି ବ୍ୟବହାର, ପରିବର୍ତ୍ତନ ସମୟ, ଲଜିଷ୍ଟିକ୍ସ ସୁବିଧା ଏବଂ ଗ୍ରାହକ ସେବାରେ ଉତ୍କୃଷ୍ଟତା ପ୍ରଦର୍ଶନ କରେ। ଶୁଷ୍କ ବଲ୍କ ଏବଂ କଣ୍ଟେନର କାର୍ଗୋ ବର୍ଗରେ ପାରାଦୀପ ବନ୍ଦରର ଦୃଢ଼ ପ୍ରଦର୍ଶନ ଆଧୁନିକୀକରଣ, ଡିଜିଟାଲ୍ ରୂପାନ୍ତର ଏବଂ କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଉପରେ ଏହାର ନିରନ୍ତର ଧ୍ୟାନକୁ ପ୍ରତିଫଳିତ କରିବାରେ ସଫଳ ହୋଇପାରିଛି । ଏହି ଅବସରରେ, ଶ୍ରୀ ସର୍ବାନନ୍ଦ ସୋନୋୱାଲ ଗୁରୁତ୍ୱାରୋପ କରିଥିଲେ ଯେ, ଲଜିଷ୍ଟିକ୍ସ ପୋର୍ଟ ପ୍ରଦର୍ଶନ ସୂଚକାଙ୍କ ଭାରତୀୟ ବନ୍ଦରଗୁଡ଼ିକରେ ଅଧିକ ସ୍ୱଚ୍ଛତା, ଦକ୍ଷତା ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ, ଯାହା ଭାରତକୁ ଏକ ଅଗ୍ରଣୀ ସାମୁଦ୍ରିକ ରାଷ୍ଟ୍ର କରିବାର ଦୃଷ୍ଟିକୋଣକୁ ସମର୍ଥନ କରିବ। ଏହି ସଫଳତା ଉପରେ ଖୁସି ବ୍ୟକ୍ତ କରି, ପାରାଦୀପ ବନ୍ଦରର ଅଧ୍ୟକ୍ଷ ଶ୍ରୀ ପି. ଏଲ୍. ହରନାଦ କହିଛନ୍ତି:ଏହି ମାନ୍ୟତାଗୁଡ଼ିକ କର୍ମଚାରୀ, ଅଂଶୀଦାର, ବନ୍ଦର ବ୍ୟବହାରକାରୀ ଏବଂ ବାଣିଜ୍ୟ ଅଂଶୀଦାର ସମେତ ସମଗ୍ର ପାରାଦୀପ ବନ୍ଦର ପରିବାରର ସମର୍ପଣ ଏବଂ କଠିନ ପରିଶ୍ରମର ପ୍ରମାଣ । ସାଗର ଆଙ୍କଳନ ଢାଞ୍ଚା ଅଧୀନରେ ଶୁଷ୍କ ବଲ୍କ କାର୍ଗୋ ପ୍ରଦର୍ଶନରେ ପ୍ରଥମ ସ୍ଥାନ ଏବଂ କଣ୍ଟେନର କାର୍ଗୋ ପ୍ରଦର୍ଶନରେ ତୃତୀୟ ସ୍ଥାନ ସୁରକ୍ଷିତ କରିବା କାର୍ଯ୍ୟକ୍ଷମ ଉତ୍କୃଷ୍ଟତା, ଦକ୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟି ପ୍ରତି ଆମର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଆମେ ଭାରତର ସାମୁଦ୍ରିକ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଦେଶର ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।' ଏହି ସଦ୍ୟତମ ମାନ୍ୟତା ଏକ ଉଚ୍ଚ-କାର୍ଯ୍ୟକ୍ଷମ ସାମୁଦ୍ରିକ ପ୍ରବେଶପଥ ଏବଂ ଭାରତର ବାଣିଜ୍ୟ, ଲଜିଷ୍ଟିକ୍ସ ଏବଂ ଆର୍ଥିକ ବିକାଶର ଏକ ପ୍ରମୁଖ ବାହକ ଭାବରେ ପାରାଦୀପ ବନ୍ଦରର ଖ୍ୟାତିକୁ ଆହୁରି ସୁଦୃଢ଼ କରି ପାରିଛି ।




# ଆଇଏମଏଫଏଲ୍ ଦୋକାନ ବଂଟନ ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ

ନୂଆପଡ଼ା, ୨୯ ମଇ (ହି.ସ.)- ନୂଆପଡ଼ା ଆବକାରୀ ଜିଲ୍ଲାର ୨୦୨୬-୨୭ ବର୍ଷ ପାଇଁ ଆଇଏମଏଫଏଲ ଦୋକାନ ଗୁଡ଼ିକର ବଣ୍ଟନ ନିମନ୍ତେ ଆଜି ସଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଖୋଲା ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି । ଚଳିତ ବର୍ଷ ଜିଲ୍ଲାର ମୋଟ ୯ଟି ଆଇଏମଏଫଏଲ୍ 'ଅଫ୍' ଦୋକାନ ଯଥା ଖରିଆର ରୋଡ୍-୧, ଖରିଆର ରୋଡ୍-୨, ବେଲଟୁକୁରି, ବୋଡେନ, ଖଡ଼ିଆଳ, କୋମନା, ଲଖନା, ନୂଆପଡ଼ା ଓ ସିନାପାଲି ଦୋକାନ ପାଇଁ ମୋଟ ୨୮୦ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ନୂଆପଡ଼ା ଦୋକାନ ପାଇଁ ସର୍ବାଧିକ ୧୦୬ଟି ଆବେଦନ ମିଳିଥିବା ବେଳେ ସିନାପାଲି ପାଇଁ ୫୦ଟି, କୋମନା ପାଇଁ ୪୦ଟି ଏବଂ ବୋଡେନ ପାଇଁ ୩୯ଟି ଆବେଦନ ଦାଖଲ ହୋଇଥିଲା।
ଲଟେରି ପ୍ରକ୍ରିୟା ୯ଟି ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଂଚ୍ ପରେ ଏବଂ ନିର୍ଦ୍ଧାରିତ ଫି' ପ୍ରଦାନ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ। ଲଟେରିର ଫଳାଫଳ ଇ-ଆବକାରୀ ପୋର୍ଟାଲରେ ମଧ ଅପଲୋଡ୍ କରାଯାଇଛି। ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଂଚ୍ ବ୍ୟବସ୍ଥା କରାଯାଇଥିବା ବେଳେ କେବଳ ଆବେଦନକାରୀ ଓ ସେମାନଙ୍କ ଅନୁମୋଦିତ ପ୍ରତିନିଧିଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଆବେଦନକାରୀଙ୍କ ସୁବିଧା ପାଇଁ ପ୍ରଥମିକ ଚିକିତ୍ସା, ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଏହାସହ ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା। ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ ଦାଶ ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ ଓ ଆବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବରଗାଁ, ସାନମହେଶ୍ୱର ଓ ଖୁଦପେଜ ଧାନ ମଣ୍ଡି ଉଦ୍‌ଘାଟିତ

ନୂଆପଡ଼ା, ୩୦/୫ (ନି.ପ୍ର): ଗତ କୋଡ଼ିଏ ତାରିଖ ଦିନ ନୂଆପଡ଼ା ଜିଲ୍ଲାରେ ରବି ଧାନ ମଣ୍ଡି ଶୁଭାରମ୍ଭ କରାଯାଇଥିଲା। ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଣ୍ଡି ସବୁ ଆରମ୍ଭ ହୋଇଯାଇଛି। ଖଡ଼ିଆଳ ବ୍ଲକ ବରଗାଁ ପେକ୍ସ ଅଧୀନରେ ତିନିଟି ମଣ୍ଡି ଯଥା ବରଗାଁ, ସାନମହେଶ୍ୱର ଓ ଖୁଦପେଜ ମଣ୍ଡି ଆଜି ଉଦଘାଟିତ ହୋଇଯାଇଛି। ବରଗାଁ ପେକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡ ପୂଜାର୍ଚ୍ଚନା କରି ଓ ଫିତା କାଟି ମଣ୍ଡି ସବୁର ଶୁଭାରମ୍ଭ କରିଥିଲେ। ଏହି ତିନି ମଣ୍ଡି ପାଇଁ ମୋଟ୍ ୧୩୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଅଶି ହଜାର କ୍ୱିଂଟାଲରୁ ଅଧିକ ଧାନ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି। ଚାଷୀଙ୍କ ପାଇଁ ମଣ୍ଡିରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ନେଇ ପେକ୍ସ ସଭାପତି ଶ୍ରୀମୁଣ୍ଡ ସୂଚନା ଦେଇଛନ୍ତି।

# ବ୍ରହ୍ମପୁର ବଡ଼ ଡାକ୍ତରଖାନାର ଆଇସିୟୁରେ ପୁଣି ଅଗ୍ନିକାଣ୍ଡ

ଗଞ୍ଜାମ, ୩୦/୫ (ନି.ପ୍ର): ବ୍ରହ୍ମପୁର ବଡ ଡାକ୍ତରଖାନା ପିଏମଏସଏସୱାଇ କୋଠା ପଛରେ ରହିଥିବା ଯକ୍ଷ୍ମା ଓ ଛାତିରୋଗ ବିଭାଗରେ ଆଇସିୟୁରେ ଗତକାଲି ରାତିରେ ଏକ ଫ୍ୟାନ ହଠାତ୍ ସର୍ଟସର୍କିଟରୁ ଜଳିଯାଇଛି। ଏହା ଦେଖି ରୋଗୀମାନେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ । ଏହାପରେ ରୋଗୀ ଓ କର୍ମଚାରୀମାନେ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ, କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ଗ୍ୟାସ୍ ଦ୍ୱାରା ଅଗ୍ନି ନିର୍ବାପିତ କରିଥିଲେ । ରେଜିଷ୍ଟ୍ରାର ଡଃ. ଶ୍ୱେତକୁମାର ଦାଶ ଆଇସିୟୁରେ ପହଂଚି ପରିସ୍ଥିତି ଅନୁଧ୍ୟାନ କରି ରୋଗୀ ମାନଙ୍କୁ ସ୍ଥାନାନ୍ତର କରି ଚିକିତ୍ସା ବ୍ୟବସ୍ଥା କରାଇଥିଲେ ।

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରୁଛି ସେଲ୍, ରାଉରକେଲା ଇସ୍ପାତ କାରଖାନା

## ଏକ କୋଟି ଠାରୁ ଅଧିକ ବ୍ୟୟରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ୨୫୦ରୁ ଅଧିକ ଯୁବକଯୁବତୀଙ୍କୁ ଶିଳ୍ପ-ଉପଯୋଗୀ ଦକ୍ଷତା ପ୍ରଦାନ କରାଯାଇଛି

ରାଉରକେଲା, ୩୦/୫ (ନି.ପ୍ର): ସ୍ଥାନୀୟ ଯୁବକଯୁବତୀଙ୍କ ମଧ୍ୟରେ ସ୍ଥାୟୀ ଜୀବିକା ନିର୍ବାହକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ପାଇଁ ନିଜର ପ୍ରତିବଦ୍ଧତାର ଏକ ଅଂଶ ସ୍ୱରୂପ, ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ବିଭାଗ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଅନେକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜାରି ରଖିଥିଲା। ଏହି ପ୍ରୟାସ ଅଧୀନରେ ଏକ ପ୍ରମୁଖ କାର୍ଯ୍ୟକ୍ରମ ହେଉଛି ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ଠାରେ ପରିଚାଳିତ ହେଉଥିବା 'ନିଯୁକ୍ତି ଯୋଗ୍ୟତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ' । ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ୨୦୨ ଜଣ ପ୍ରଶିକ୍ଷାର୍ଥୀ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବିଭିନ୍ନ କ୍ଷେତ୍ରରେ ବିଶେଷ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି, ଯେଉଁଥିରେ ମେଡିକାଲ ଆଟେଣ୍ଡାଣ୍ଟ, ଆଡଭାନ୍ସଡ୍ ସ୍ପେଶାଲାଇଜ୍‌ଡ ନର୍ସିଂ, ଆଡଭାନ୍ସଡ୍ ଫିଜିଓଥେରାପି, ହସ୍ପିଟାଲ ଆଡମିନିଷ୍ଟ୍ରେସନ, ଆନାସ୍ଥେସିଆ/ଓଟି ଆଟେଣ୍ଡାଣ୍ଟ, ଡାଟା ଏଣ୍ଟ୍ରି ଅପରେଟର ଏବଂ ମେଡିକାଲ ଟ୍ରାନ୍ସକ୍ରିପସନ, ଲ୍ୟାବ୍ ଟେକ୍ନିସିଆନ, ରେଡିଓଗ୍ରାଫର, କ୍ରିଟିକାଲ କେୟାର ନର୍ସିଂ ଏବଂ ଫାର୍ମାସିଷ୍ଟ ପ୍ରଶିକ୍ଷଣ ସାମିଲ ରହିଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଏକ ଦକ୍ଷ କାର୍ଯ୍ୟବଳ ସୃଷ୍ଟି କରିବା, ଯେଉଁମାନେ ବିଭିନ୍ନ ହସ୍ପିଟାଲ ଏବଂ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନଗୁଡ଼ିକରେ ନିଯୁକ୍ତି ପାଇବାକୁ ସକ୍ଷମ ହୋଇପାରିବେ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ସ୍ୱରୂପ, ଆରଏସପିର ଆଖପାଖ ଗ୍ରାମଗୁଡ଼ିକର ୫୨ ଜଣ ସୁବିଧାବଞ୍ଚିତ ଯୁବକଯୁବତୀ ଭୁବନେଶ୍ୱରସ୍ଥିତ 'ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପେଟ୍ରୋକେମିକାଲ୍ସ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି' (ସିପେଟ୍) ଠାରେ ପ୍ଲାଷ୍ଟିକ୍ ଉତ୍ପାଦର ମୋଲ୍ଡିଂ (ଏମ.ଓ.ପି.ପି.) ପ୍ରଶିକ୍ଷଣ ସଫଳତାର ସହ ସମାପ୍ତ କରିଛନ୍ତି। ଦୁଇଟି ବ୍ୟାଚ୍‌ରେ ପରିଚାଳିତ ଏହି କାର୍ଯ୍ୟକ୍ରମକୁ ପ୍ଲାଷ୍ଟିକ୍ ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ଯୋଗ୍ୟତା ବୃଦ୍ଧି ଏବଂ ଚାକିରିର ସୁଯୋଗ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଥିଲା। ଆରଏସପି ଏହି ପ୍ରକଳ୍ପରେ ୧୬.୩୩ ଲକ୍ଷ ଟଙ୍କା ବ୍ୟୟ କରିଛି। ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ, ଆରଏସପି ଦକ୍ଷତାର ବ୍ୟବଧାନକୁ ଦୂର କରିବା ସହ ନିଜର ଆଖପାଖ ସମୁଦାୟର ଯୁବକଯୁବତୀମାନଙ୍କ ପାଇଁ ଲାଭଦାୟକ ନିଯୁକ୍ତିର ମାର୍ଗ ପ୍ରଶସ୍ତ କରିବା ଜାରି ରଖିଛି।




# ଅନାଥ ଭାଇ ଭଉଣୀଙ୍କୁ ଭେଟିଲେ କୋଟପାଡ଼ ବିଧାୟକ ପ୍ରାର୍ଥୀ

ଜୟପୁର, ୩୦/୫ (ନି.ପ୍ର): କୋରାପୁଟ ଜିଲା ଦଣ୍ଡାବାଡ଼ି ଗ୍ରାମ ପଂଚାୟତ ଅନ୍ତର୍ଗତ ବାଙ୍କୁଲିଯୋଡ଼ି ଗ୍ରାମର ଅନାଥ ଭାଇ ଭଉଣୀଙ୍କୁ ଭେଟିଲେ କୋଟପାଡ଼ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମ ଦିଆନ । ଭେଟିବା ସହ ସହାୟତାର ହାତ ବଢାଇଛନ୍ତି । ଏନେଇ ବୈପାରିଗୁଡାରେ ଏପରି ମହତ୍ କାମକୁ ସ୍ୱାଗତ କରିଛନ୍ତି । ଚଳିତ ମାସ ୨୬ ତାରିଖ ମଙ୍ଗଳବାର ଦିନ ଦଣ୍ଡାବାଡ଼ି ଗ୍ରାମ ପଂଚାୟତ ଅନ୍ତର୍ଗତ ବାଙ୍କୁଲିଯୋଡ଼ି ଗ୍ରାମର ଲକ୍ଷ୍ମୀଖିଲ (୧୮) ଓ ରାଜେଶ ଖିଲ (୧୩) ଦୁଇ ଅନାଥ ଭାଇ ଭଉଣୀଙ୍କ ଘର ଛପର ଅଦିନିଆ କାଳ ବୈଶାଖୀ ଉଡ଼େଇ ନେଇ ଛାରଖାର କରିଥିଲା । ଘରର ଛପର ଉଡ଼େଇ ଘର ଭାଙ୍ଗିବା ପରେ ଦୁଇ ଭାଇ ଭଉଣୀ କାନ୍ଦି କାନ୍ଦି ପରଘରେ ଆଶ୍ରୟ ନେଇଥିଲେ। କୁଲି ମଜୁରୀ କରି ଚଳୁଥିବା ଭାଇ ଭଉଣୀ ଦୁହେଁ କେମିତି ଘର ସଜାଡ଼ିବେ ସେନେଇ ଚିନ୍ତାରେ ରହିଥିଲେ । ଖବର ପାଇ କୋଟପାଡ଼ ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ଅନାମ ଦିଆନ ବାଙ୍କୁଲିଯୋଡ଼ି ଗ୍ରାମରେ ପହଂଚିଥିଲେ। କୋଟପାଡ଼ ବିଧାୟକ ପ୍ରାର୍ଥୀ ଅନାଥ ଭାଇ ଭଉଣୀଙ୍କୁ ଭେଟିବା ପରେ ଶ୍ରୀ ଦିଆନଙ୍କୁ ଭାଇ ଭଉଣୀ ତାଙ୍କ ଦୁଃଖ ଜଣାଇଥିଲେ । ତାଙ୍କର ଦୁଃଖ ଶୁଣି ଶ୍ରୀ ଦିଆନ ଦୁଇ ଅନାଥ ଭାଇ ଭଉଣୀଙ୍କୁ ଆଶ୍ୱାସନା ଦେବାସହ ଘରର ଛପର ପାଇଁ ଘର ଛପର ମାପ ଅନୁସାରେ ୧୨ ଫୁଟର ୧୨ ଖଣ୍ଡ ଆଜବେଷ୍ଟ ଓ ୮ ଫୁଟର ୧୨ ଖଣ୍ଡ ଆଜବେଷ୍ଟ ତଥା ସର୍ବମୋଟ ୨୪ ଖଣ୍ଡ ଆଜବେଷ୍ଟ ଯୋଗାଇ ଦେଇଛନ୍ତି । କାଳବୈଶାଖୀରେ ଘର ଭାଙ୍ଗିବା ପରେ ଅନାଥ ଭାଇ ଭଉଣୀଙ୍କୁ ସରକାରଙ୍କ ପକ୍ଷରୁ କେବଳ ଜରିପାଲ ଖଣ୍ଡେ ଦିଆଯାଇଛି । କାଳବୈଶାଖୀରେ ଘରର ଆଜବେଷ୍ଟ ଉଡ଼େଇ ଘର ଭାଙ୍ଗି ଯାଉଛି । ବର୍ଷାରେ ଜରିପାଲ କ'ଣ କାମ କରିବ । ଅସହାୟ ଲୋକଙ୍କ ପାଇଁ ସରକାର ସଠିକ ଭାବରେ ତୁରନ୍ତ ମୌଳିକ ସୁବିଧା ଯୋଗାଇ ଦିଅନ୍ତୁ ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ବିଏଡ୍ କର୍ମଶାଳା ଉଦ୍‌ଯାପିତ

ଜୟପୁର, ୩୦/୫ (ନି.ପ୍ର): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଆନୁକୁଲ୍ୟରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗ ପରିସରରେ ବାର ଦିନିଆ ବିଏଡ୍ କର୍ମଶାଳା ବିଶ୍ୱବିଦ୍ୟାଳୟର ଇଗ୍ନୁ ବିଏଡ୍ ସଂଯୋଜକ ତଥା ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଡ଼ ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ କର୍ମଶାଳାରେ ଯାହା ଶିଖିଲେ ସେଗୁଡିକ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ସହ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଉପସ୍ଥିତ ରହି ବାର ଦିନ ଧରି ଚାଲିଥିବା କର୍ମଶାଳାର ରୂପରେଖ ଓ ପ୍ରଶିକ୍ଷାର୍ଥୀମାନଙ୍କ ଅନୁଭୂତି ଶୁଣି ଖୁସି ବ୍ୟକ୍ତ କରିବା ସହ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ମିନି ଓଡିଶା ସହ ପଡୋଶୀ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ର ଯୋଗ୍ୟ ପ୍ରତିନିଧି ଭାବରେ ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଇଗ୍ନୁ ଆଂଚଳିକ ନିର୍ଦ୍ଦେଶାଳୟର ଆଂଚଳିକ ନିର୍ଦ୍ଦେଶିକା ଡଃ. ଲତିକା ମିଶ୍ର କର୍ମଶାଳାର ସଫଳତା ସମ୍ବନ୍ଧରେ ସନ୍ତୋଷ ପ୍ରକାଶ କରିବା ସହ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଡ଼ ଉଜ୍ଜ୍ୱଳ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଏଡ ପ୍ରଶିକ୍ଷାର୍ଥୀଙ୍କୁ ପରୀକ୍ଷା ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ଓଡିଶାର ୨୦ଟି ଜିଲ୍ଲା ଓ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ୫ ଜଣ ପ୍ରଶିକ୍ଷାର୍ଥୀ ସମେତ ୫୬ ଜଣ ପ୍ରଶିକ୍ଷାର୍ଥୀ ବାର ଦିନ ଧରି ଶିକ୍ଷକ ଶିକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ନେଇଥିଲେ। ଶ୍ରୀଜଗନ୍ନାଥଙ୍କ କରକମଳରେ ପୁଷ୍ପ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିବା ଉଦଯାପନୀ ଅଧିବେଶନରେ ସହକାରୀ ପ୍ରଫେସର ସୁଶ୍ରୀ ଅନୀତା ପଟ୍ଟନାୟକ, ଶ୍ରୀମତୀ ଅନୁପମା ମିଶ୍ର, ଯପ୍ରତ୍ ପାଣ୍ଡେ, ବନ୍ଦନା ମହାରଣା, ଶୁଭଶ୍ରୀ ପଟ୍ଟନାୟକ,ସୁଜାତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ସୂଚନା ଫଳକରେ କଂକ୍ରିଟ ରାସ୍ତା ନିର୍ମାଣ କାହା ସ୍ୱାର୍ଥରେ ?

ମୁଖୀଗୁଡା, ୩୦/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ଲକ୍ଷ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତା ନିର୍ମାଣ ହୋଇଛି ହେଲେ କୌଣସି ସ୍ଥାନରେ ସୂଚନା ଫଳକ ନଥିବାରୁ ଜନସାଧାରଣ ସୂଚନା ପାଇବାରୁ ବଂଚିତ ହେଉଛନ୍ତି । କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବାର ନିୟମ ରହିଥିଲେହେଁ ବିନା ସୂଚନା ଫଳକରେ ଗତ ତିନି ମାସ ତଳେ କଂକ୍ରିଟ ରାସ୍ତା ଗୁଡିକ ନିର୍ମାଣ କରାଯାଇଛି ।ଜୟପାଟଣା ପଂଚାୟତର ଜୟପାଟଣା କିଶୋରପଡା ବିରଂଚି ପଣ୍ଡା ଘରଠାରୁ ବୁଲୁଦାସ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ଉପରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିବା ବେଳେ ଆଲୋକ ପଣ୍ଡା ଘରଠାରୁ ଭାରତ ଅଗସ୍ତି ଘରଯାଏଁ ଅଧାପନ୍ତରିଆ କଂକ୍ରିଟ ରାସ୍ତା କରାଯାଇଛି । ଜୟପାଟଣା ପିଡ଼ବୁଡ଼ି ରାସ୍ତା ଠାରୁ ଶିବ ମନ୍ଦିର ପର୍ଯ୍ୟନ୍ତ ୫ମ ଏସଏଫସି ୨୦୨୫-୨୬ ଯୋଜନାରେ ୧.୫ ଲକ୍ଷ ବ୍ୟୟ ଅଟକଳରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ଗତ କିଛିଦିନ ତଳେ ପୁଣି ସେହି କଂକ୍ରିଟ ରାସ୍ତା ଉପରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି । ପାଢ଼ୀପଡାରେ ରାମକୃଷ୍ଣ ପାଢ଼ୀ ଘର ଛକ ଠାରୁ ଅର୍ଜୁନ ପଣ୍ଡା ଘର ଭାୟା ବନ ହୋତା ଘର ।ରାମନଗର ପଡାରେ ପ୍ରଶନ୍ନ ନାଏକ ଘର ଠାରୁ ବିରଜା ପଣ୍ଡା ଘର ପର୍ଯ୍ୟନ୍ତ । ତହସିଲ ଅଫିସ ନିକଟରେ ବାପୁ ପଣ୍ଡା ଗଳି, ଜୟପାଟଣା- ଚଂଚରାପଡା ରାସ୍ତା ଗୁପ୍ତେ ପଣ୍ଡାଙ୍କ ଜମି ନିକଟରୁ ପ୍ରାୟ ୧୮୦ ମିଟର କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲେ ହେଁ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ । ସେହିପରି ମଙ୍ଗଳପୁର ପଂଚାୟତ ରାଣୀବାହାଲ ଗ୍ରାମର ଶାନ୍ତିପଡାରେ ନକୁଳଘର ଠାରୁ ବରଗଛ ଛକ, ମଧୁ ରାଉତ ଘର ଠାରୁ ତ୍ରିନାଥ ନାଏକ ଘର ଯାଏଁ, ପରଜାପଡାରେ ଧନିଆ ଘର ଠାରୁ ଘାସି ମାଝୀ ଘର, ଲଦା ମାଝୀ ଘର ଗଳି, ବାମନୁ ମାଝୀ ଘର ଗଳି, ବସ୍ତିପଡାରେ ବରଗଛ ଛକ ଠାରୁ ନରସିଂ ଶବର ଘର ଯାଏଁ, ଗୌନ୍ତିଆପଡା ଗଳି କୁହୁରୀଗୁମା ଗ୍ରାମରେ ରାଇଟ କେନାଲ ରାସ୍ତା ଠାରୁ ଲଙ୍କେଶ୍ୱରୀ ମନ୍ଦିର, ଭୀମ ନାଏକଙ୍କ ଦୋକାନ ଠାରୁ ସ୍କୁଲ ଗଳି, ରଜାମୁଣ୍ଡା ଗ୍ରାମରେ କବିରଣା ଘର ସାମନାରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି ହେଲେ ସୂଚନା ଫଳକ ନଥିବାରୁ ସୂଚନା ସମ୍ପର୍କରେ ଜନ ସାଧାରଣ କୌଣସି ତଥ୍ୟ ପାଇ ପାରୁ ନାହାଁନ୍ତି । ରାଣୀବାହାଲ ଗ୍ରାମରେ କରାଯାଇଥିବା କଂକ୍ରିଟ ରାସ୍ତାର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ଏହାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ଉପୁଜିଛି । କାର୍ଯ୍ୟର ଅଟକଳ ମୂଲ୍ୟ, କେଉଁ ଯୋଜନାରେ କାମ ହେଇଛି, କାର୍ଯ୍ୟ ନିର୍ବାହୀ ସଂସ୍ଥା, କାର୍ଯ୍ୟର ନାମ, କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ସମ୍ପର୍କରେ ଲୋକଙ୍କୁ ଅଜ୍ଞାତରେ ରଖାଯାଇ ସରକାରୀ ଯୋଜନା ହରିଲୁଟ ପାଇଁ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଦିଆଯାଉ ନଥିବା ଅଭିଯୋଗ ହେଉଛି । ରାଣୀବାହାଲ, କୁହୁରୀଗୁମାରେ ବିନା ସୂଚନା ଫଳକରେ ହୋଇଥିବା କଂକ୍ରିଟ ରାସ୍ତା ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସୁଦୀପ ରାଉତଙ୍କୁ ପଚାରିବାରୁ କାମ ହୋଇଥିବା ସମ୍ପର୍କରେ ଜାଣିନଥିବା କହିଥିଲେ ।ସେହିପରି ଜୟପାଟଣାରେ ବିଭିନ୍ନ ସ୍ଥାନରେ ବିନା ସୂଚନା ଫଳକରେ କଂକ୍ରିଟ ରାସ୍ତା ନିର୍ମାଣ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସଙ୍କୁ ପଚାରିବାରୁ ସେ ମଧ କେଉଁ ଯୋଜନାରେ କାମ ହୋଇଛି କିଛି ଜାଣି ନଥିବା କହିଥିଲେ । ଜୟପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ଏପରି ପ୍ରାୟ ୨ କୋଟି ଟଙ୍କାର କାମ ବିନା କାଗଜପତ୍ରରେ କରାଯାଇଥିବା କୁହାଯାଉଛି । ସେସବୁ କାମ ଆଗ କରାଯାଇ ପରେ ଫଣ୍ଡ ଆସିଲେ ବିଲ୍ କରାଯିବ ବୋଲି ସୂଚନା ମିଳିଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି ।

# ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଜଳ ଯନ୍ତ୍ରଣା

ଜୟପୁର, ୩୦/୫ (ନି.ପ୍ର): କୋରାପୁଟ ଜିଲ୍ଲା ରେ କଳବଳ କରୁଛି ପ୍ରଚଣ୍ଡ ଖରା । ଗରମ ଗୁଳୁଗୁଳି ସାଙ୍ଗକୁ ଅସହ୍ୟ ତାତି । ଏଭଳି ପରିସ୍ଥିତିରେ ଜଳ ଯନ୍ତ୍ରଣା କଷ୍ଟକୁ ଆହୁରି ଆହୁରି ଅଧିକ ଦ୍ୱିଗୁଣିତ କରିଦେଇଛି । ଏହା ଗାଁ ଗହଳିର ଘଟଣା ନୁହଁ, ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଠାରେ ଏଭଳି ଘଟଣା ଦେଖିବାକୁ ମିଳିଛି । ଗୁପ୍ତେଶ୍ୱର ପୀଠରେ ପର୍ଯ୍ୟଟକଙ୍କୁ ପିଇବା ପାଇଁ ପାଣି ମୁନ୍ଦାଏ ମିଳୁନି । ଆଶା ଥିଲା ଡବଲ ଇଂଜିନ ସରକାର. ଆସିବା ପରେ ପୀଠର ସମସ୍ୟା ସମାଧାନ ହେବ କିନ୍ତୁ ଲୋକଙ୍କ ସରକାର କେବଳ ବିଜ୍ଞାପନରେ ସୀମିତ ବୋଲି ପ୍ରମାଣିତ ହୋଇଛି । ମନ୍ଦିର ପରିସରରେ ପାଣି ସମସ୍ୟା ଦୂର କରିବା ପାଇଁ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି । ବିଶୁଦ୍ଧ ପାଣି ଯୋଗାଇବା ପାଇଁ ପୀଠରେ ୮ଟି ସିଂଟେକ୍ସ ତଥା ପ୍ଲାଷ୍ଟିକ୍ ପାଣି ଟାଙ୍କି ପାଇଁ ଅର୍ଥ ବରାଦ କରାଯାଇଛି । ପୀଠରେ ସବୁଆଡେ ପାଣି ପାଇପ୍ ବିଛା ଯାଇଛି । ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଛି କିନ୍ତୁ ପାଇପ ଲାଗିନି । ସେହିପରି ମନ୍ଦିର ପାହାଚରେ ଧାଡି ଦର୍ଶନ ଶ୍ରଦ୍ଧାଳୁଙ୍କ ପାଇଁ ପାଣି ଟେପ ସହିତ ଗ୍ଲାସ ବ୍ୟବସ୍ଥା କରାଯାଇଛି କିନ୍ତୁ ସେଥିରୁ ପାଣି ଆସୁନି । ମନ୍ଦିର ପାଦ ଦେଶରେ କେବଳ ଗୋଟିଏ ଷ୍ଟାଣ୍ଡ ପୋଷ୍ଟରୁ ପାଣି ଆସୁଛି କିନ୍ତୁ ଅଳ୍ପ ସମୟ ପରେ ସେ ମଧ ବନ୍ଦ ହୋଇଯାଉଛି ବୋଲି ଅଭିଯୋଗ ହୋଇଛି । ଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ବିଭିନ୍ନ ଯୋଜନାରେ ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁଥିବା ବେଳେ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଗୁପ୍ତେଶ୍ୱର ପୀଠରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ।

# ଜଳିଗଲେ ବାଇକ୍ ଆରୋହୀ

ଅନୁଗୋଳ, ୩୦/୫ (ନି.ପ୍ର): ଅନୁଗୋଳ ଜିଲ୍ଲା ସମଲ ଥାନା ଅନ୍ତର୍ଗତ ସମାକୋଇ ବ୍ରିଜ ଉପରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ବାଇକ୍ ଆରୋହୀ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ତୁରଙ୍ଗ ଅଂଚଳର ଦୀପକ ପ୍ରଧାନ(୨୭) । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଦୀପକ ଓ ତାଙ୍କ ସାଙ୍ଗ ରଞ୍ଜନ କୌଣସି କାମରେ ବାଇକ୍ ଯୋଗେ ପାଲଲହଡ଼ା ଯାଉଥିବା ବେଳେ କୌଣସି ଅଜଣା ଧକ୍କା ଦେଇ ୨୦୦ ମିଟର ଘୋଷାଡ଼ି ନେଇଥିଲା। ବାଇକ୍ ଟିରେ ନିଆଁ ଲାଗିଯିବା ସହିତ ଏହା ଜଳି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୀପକଙ୍କର ମୃତ୍ୟୁ ଘଟିଥିବା ବେଳେ ରଞ୍ଜନ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଖମାର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ଅନୁଗୁଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ଯୁବକଙ୍କ ପରିଚୟ ମିଳିପାରିନାହିଁ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ମଇ ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ

ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**



### ୩୬ ବିଶାଖା (ବୁଦ୍ଧଙ୍କ ସର୍ବଶ୍ରେଷ୍ଠ ମହିଳା ସମର୍ଥକ) (କ)

ବିଶାଖା ଜଣେ କୋଟିପତିଙ୍କ ଧର୍ମପରାୟଣ ଏବଂ ଦାନଶୀଳ କନ୍ୟା ଥିଲେ।

ଯେତେବେଳେ ସେ ମାତ୍ର ସାତବର୍ଷ ବୟସର ଥିଲେ, ବୁଦ୍ଧ ତାଙ୍କ ଜନ୍ମସ୍ଥାନକୁ ଆସିଥିଲେ। ତାଙ୍କ ଜେଜେବାପା ବୁଦ୍ଧଙ୍କ ଆଗମନ ବିଷୟରେ ଶୁଣି ତାଙ୍କୁ ବାହାରକୁ ଯାଇ ବୁଦ୍ଧଙ୍କୁ ସ୍ୱାଗତ କରିବାକୁ ପରାମର୍ଶ ଦେଇଥିଲେ। ଏତେ କମ୍ ବୟସର ହୋଇ ମଧ୍ୟ ସେ ଧାର୍ମିକ ଏବଂ ସଦାଚାରୀ ଥିଲେ। ତେଣୁ ବୁଦ୍ଧଙ୍କ ଠାରୁ ଧର୍ମଜ୍ଞାନ ପ୍ରାପ୍ତ କରିବା ମାତ୍ରେ ସେ ସନ୍ଥତ୍ୱର ପ୍ରଥମ ପର୍ଯ୍ୟାୟ ପ୍ରାପ୍ତ ହେଲେ।

ଯେତେବେଳେ ସେ ପନ୍ଦର ବର୍ଷ ବୟସର ଥିଲେ, କିଛି ବ୍ରାହ୍ମଣ ତାଙ୍କୁ ଦେଖି ଭାବିଲେ ଯେ ସେମାନଙ୍କ ପ୍ରଭୁ ପୁନ୍ନବର୍ଦ୍ଧନଙ୍କ ପାଇଁ ସେ ଜଣେ ଆଦର୍ଶ ପତ୍ନୀ ହୋଇପାରିବେ, ଯିଏ ମିଗାର ନାମକ ଜଣେ କୋଟିପତିଙ୍କ ପୁଅ ଥିଲେ। ବିଶାଖା ପାଞ୍ଚ ପ୍ରକାରର ନାରୀସୌନ୍ଦର୍ଯ୍ୟର ଅଧିକାରୀ ଥିଲେ - ସୁନ୍ଦର କେଶ, ଆକର୍ଷଣୀୟ ଶରୀର, ସୁନ୍ଦର ଅସ୍ଥି-ସଂରଚନା, ସୁନ୍ଦର-ମସୃଣ ଓ ସୁବର୍ଣ୍ଣ ରଙ୍ଗର ତ୍ୱଚା ଏବଂ ଯୌବନ। ତେଣୁ, ସେମାନେ ବିଶାଖାଙ୍କୁ ପୁନ୍ନବର୍ଦ୍ଧନଙ୍କ ସହିତ ବିବାହ ଦେବାର ବ୍ୟବସ୍ଥା କଲେ।

ତାଙ୍କ ବିବାହ ଦିନ, ତାଙ୍କ ବୁଦ୍ଧିମାନ ବାପା ତାଙ୍କୁ ଦଶଟି ଶୀର୍ଷକ ଅଧୀନ ନିମ୍ନଲିଖିତ ପରାମର୍ଶମାନ ଦେଇଥିଲେ:


୧) ଜଣେ ସ୍ତ୍ରୀ ଅନ୍ୟ ଲୋକଙ୍କ ସମ୍ମୁଖରେ ତାଙ୍କ ସ୍ୱାମୀ ଏବଂ ଶାଶୂଘର ଲୋକଙ୍କୁ ସମାଲୋଚନା କରିବା ଉଚିତ ନୁହେଁ। ସେମାନଙ୍କର ଦୁର୍ବଳତା କିମ୍ବା ପାରିବାରିକ କଳହ ଅନ୍ୟ କୌଣସି ସ୍ଥାନରେ ପ୍ରକାଶ କରିବା ଉଚିତ ନୁହେଁ।

୨) ଜଣେ ସ୍ତ୍ରୀ ଅନ୍ୟଘରର କଥା କିମ୍ବା ବିଷୟ ପ୍ରତି ଧ୍ୟାନ ଦେବା ଉଚିତ ନୁହେଁ।

୩) ଯେଉଁମାନେ ଜିନିଷ ଫେରାଇ ଦିଅନ୍ତି ସେମାନଙ୍କୁ ଉଧାର ଦେବା ଉଚିତ।

୪) ଯେଉଁମାନେ ଜିନିଷ ଫେରାନ୍ତିନାହିଁ ସେମାନଙ୍କୁ ଉଧାର ଦେବା ଅନୁଚିତ।

୫) ଗରିବ ସମ୍ପର୍କୀୟ ଓ ବନ୍ଧୁମାନେ ଋଣ ପରିଶୋଧ ନକଲେ ମଧ୍ୟ ସେମାନଙ୍କୁ ସାହାଯ୍ୟ କରିବା ଉଚିତ।



୬) ଜଣେ ସ୍ତ୍ରୀ ଶାଳୀନତା ସହକାରେ ବସିବା ଉଚିତ। ଶ୍ୱଶୁର କିମ୍ବା ଶାଶୂଙ୍କୁ ଦେଖବା ପରେ ସେ ନିଜ ଆସନରୁ ଉଠି ସେମାନଙ୍କୁ ସମ୍ମାନ ଦେବା ଉଚିତ।

୭) ଖାଦ୍ୟଗ୍ରହଣ ପୂର୍ବରୁ ଜଣେ ସ୍ତ୍ରୀ ପ୍ରଥମେ ଦେଖିବା ଉଚିତ ଯେ ତାଙ୍କ ଶାଶୂ-ଶ୍ୱଶୁର ବା ପତିଙ୍କୁ ଭୋଜନ ଦିଆଯାଇଛି କି ନାହିଁ। ତାଙ୍କୁ ଏହା ମଧ ନିଶ୍ଚିତ କରିବା ଉଚିତ ଯେ ସେବକମାନେ ସେମାନଙ୍କର ଠିକ୍‌ଭାବେ ଯତ୍ନ ନେଇଛନ୍ତି କି ନାହିଁ।

୮) ଶୟନ ପୂର୍ବରୁ ଜଣେ ସ୍ତ୍ରୀ ଦେଖିବା ଉଚିତ ଯେ ସମସ୍ତ ଦ୍ୱାର ବନ୍ଦ ଅଛି, ଆସବାବପତ୍ର ସୁରକ୍ଷିତ ଅଛି, ସେବକମାନେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିଛନ୍ତି ଏବଂ ଶାଶୂ-ଶ୍ୱଶୁର ବିଶ୍ରାମ ନେଇଛନ୍ତି। ନିୟମ ଅନୁସାରେ ଜଣେ ସ୍ତ୍ରୀ ସକାଳେ ଶୀଘ୍ର ଉଠିବା ଉଚିତ ଏବଂ ଯଦି ସେ ଅସୁସ୍ଥ ନଥାନ୍ତି, ତେବେ ସେ ଦିନରେ ଶୋଇବା ଉଚିତ ନୁହେଁ।

୯) ଶାଶୂ-ଶ୍ୱଶୁର ଓ ସ୍ୱାମୀଙ୍କ ସହିତ ଅଗ୍ନି ସଦୃଶ ବହୁ ସତର୍କତା ସହ ବ୍ୟବହାର ଦେଖାଇବା ଉଚିତ।

୧୦) ଶାଶୂ-ଶ୍ୱଶୁର ଓ ସ୍ୱାମୀଙ୍କୁ ଦେବତାଙ୍କ ପରି ସମ୍ମାନ ଦିଆଯିବା ଉଚିତ।

ବିଶାଖା ତାଙ୍କ ସ୍ୱାମୀଙ୍କ ନଗର ଶ୍ରାବସ୍ତୀରେ ପହଞ୍ଚିବା ଦିନଠାରୁ ନଗରର ସମସ୍ତଙ୍କ ପ୍ରତି ଦୟାଳୁ ଓ ଉଦାର ଥିଲେ ଏବଂ ସମସ୍ତେ ତାଙ୍କୁ ଭଲ ପାଉଥିଲେ।


ଦିନେ ତାଙ୍କ ଶ୍ୱଶୁର ଏକ ସୁନାପାତ୍ରରେ ମିଠା ଚାଉଳର ଦଳିଆ ଖାଉଥିଲେ, ସେତେବେଳେ ଜଣେ ଭିକ୍ଷୁ ଭିକ୍ଷା ମାଗିବା ନିମନ୍ତେ ଆସି ସେଠାରେ ପହଞ୍ଚିଲେ। ଯଦିଓ ଶ୍ୱଶୁର ଭିକ୍ଷୁଙ୍କୁ ଦେଖିଥିଲେ, ତଥାପି ସେ ଭିକ୍ଷୁଙ୍କୁ ନଦେଖିଲା ପରି ଖାଇଚାଲିଥିଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମିନିଗଳ୍ପ-୮

### ମାମଲା (ଜ)

**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**



ଗୋସେଇଁ ପଣ୍ଡିତିଆ ବୃତ୍ତି ସହିତ ଘରଭାଗ ଜମିମାପ ଜଉତିଶ ଆଦି ଚର୍ତୁବିଦ୍ୟା ହାସଲ କରିଛନ୍ତି। ଶିଖିବା ସ୍ୱାଭାବିକ। ଖାନଦାନୀ ଶାସ୍ତ୍ର ଓ ପୋଥିରେ ସନ୍ଧା ହୋଇଛି। ବିଳମ୍ବରେ ପ୍ରାଇମେରୀ ଇସ୍କୁଲରେ ବି ମାଷ୍ଟର ଚାକିରୀରେ ମୁକରିର ହୋଇଛନ୍ତି। ଦିଅଁ ବସେଇ ଟାଉଟାଉ କରି ନାକରେ ପାଟିରେ ପାଞ୍ଚ ଆଙ୍ଗୁଳିଆ ଭରି ସାଇକଲ ଚଲେଇ ଯାଆନ୍ତି ଗନ୍ଧଣ ନିମ୍ନ ପ୍ରାଥମିକ ବିଦ୍ୟାଳୟ। ଦିନେ ଦିଅଁ ବସାଣରେ ଡେରି ଲେଖିବାରୁ ଅଖିଆ ସାଇକଲ ପେଡାଲକୁ ଜୋରରେ ଘୂରାଇ ସେ ଯାଉଥାନ୍ତି। ପାଖ ଗାଁ' ଗଜରାଜପୁରର ଚୌଧୁରୀ ଘର ନିକଟରେ ଧୁମ କୋଳାହଳ, ତୁରୀ, ପେଁକାଳୀ, ଢୋଲ ଶବ୍ଦ ବାଜିଲା ତାଙ୍କ କାନରେ। କାହୁଁ ମାଡି ଆସିଲେ ଚୌଧୁରୀବଂଶର ଜଣେ ମଜବୁତ ମରଦ। ସେ ବି ମାଷ୍ଟର ଚାକିରୀ କରିଥାନ୍ତି। ଦିହେଁ ଦିହିଁଙ୍କି ଭାରି ସୁଖ ପାଆନ୍ତି। କୁଣ୍ଢେଇ ପକେଇଲେ ସେ ଗୋସାଇଁଙ୍କୁ।

'ଗୋସାଇଁ ଗୋସେଇଁ ଅପୁଆ ଘରେ ପୁଅ ଜାତ। ମୋ କୋଡକୁ ବାଳୁତଟେ ପଠେଇଛନ୍ତି ମା'କୁତାମଚଣ୍ଡୀ। କହିଲ କହିଲ ଜଉତିଷେ-ପୁଅର ଦଶା କଣ ଅଛି ।

ଗୋସାଇଁ ପୁଅକୁ ଦେଖି ନାହାନ୍ତି। ହୁଦାସ ପାଟିରୁ ଉବୁରିଗଲା-ହଉ ! କାଲି ଯାଏ ଦେଖ !

କିଛି ବୁଝି ପାରିଲେନି ଚୌଧୁରୀଏ। ତାଟଙ୍ଗା ହେଇ ସାଇକଲ ପଛକୁ ହାଁ'ଟା କରି ଅନେଇ ଥାଆନ୍ତି। ତା'ପରଦିନ ସେଇବାଟ ଦେଇ ଗୋସାଇଁ ଇସ୍କୁଲ ଗଲେ। ଛକିଥିଲେ। ଧାଇଁ ଆସିଲେ ଚୌଧୁରୀଏ। ସାଇକଲ ହେଣ୍ଡେଲ ମାଡି ବସିଲେ। ଲଙ୍ଗଳ ଦଉଡିରେ ବାନ୍ଧି ଦେଲେ ଗୋସାଇଁଙ୍କୁ।

'ତମେ କି ଜଡିଯନ୍ତ୍ର କଲ ହେ ବାହ୍ମଣ। ପୁଅଟା ମୋର ଦିନଟେ ଉଧେଇଲାନି ।' ଗୋସାଇଁ ଲକ୍ଷ୍ମୀ ଜନାର୍ଦ୍ଦନ ଜପିଲେ। ଠକଠକ କମ୍ପିଲେ। ଗାଁ' ମାମଲତକାର ମଧ୍ୟସ୍ଥ ହୋଇ ମୁକାଳିଲେ ଗୋସାଇଁଙ୍କୁ। ଆଉ ଇସ୍କୁଲ ନଯାଇ ମୁହଁ ଶୁଖାଇ ଗୋସାଇଁ ଘରକୁ ଫେରିଲେ।

ଦିନଟେ ପରେ ଚୌଧୁରୀଏ ଲମ୍ବ ହୋଇ ଦାଣ୍ଡରେ ପଡିଗଲେ ଗୋସାଇଁଙ୍କର।

'ମୋର ମତିଭ୍ରମ ହେଇଥେଲା। ମତେ କ୍ଷମା କର ଆଚାଯର୍ଯ୍ୟେ। ନରକ ଉଧାରିବାକୁ ବାଟ ଦେଖାଅ।' ଗୋସାଇଁ ଲୁହ ଟବଟବ ଆଖିରେ କୋଳେଇ ନେଲେ ବନ୍ଧୁଙ୍କୁ।

ଗୋସାଇଁ ଆଦିତ୍ୟ ହୃଦୟ ଜପିବାକୁ କହିଲେ। ରବିବାର ପୂଜା ବିଧାନରେ ପାଳିବାକୁ ପରାମର୍ଶ ଦେଲେ। ବଡ଼ କଉତୁକିଆ ପୁଅଟେ ଜନମିଲା। ଗୋରା ତକତକ ରଜା ଚେହେରା।

ଚୌଧୁରୀଏ ହାତ ମଳିମଳି ଗୋସାଇଁଙ୍କ ଘରେ ପହଞ୍ଚିଲେ।

'ଆଗତ ଭବିଷ୍ୟତ ବତାଅ ଆଚାର୍ଯ୍ୟେ ।'

ଗୋସାଇଁ ହସି ଦେଇ କହିଲେ: ବିଦ୍ୟାଘର ଦୁର୍ବଳ। ଜିଇଁବ ବହୁକାଳ।

ସେଇଆ ହେଲା। ମାଟ୍ରିକ ଦି'ଥର ବିଫଳ।

ଚୌଧୁରୀଏ ପୁଣି ପଚାରିଲେ : ଏଥକୁ ଉପାୟ ?

ଗୋସାଇଁ ଇଙ୍ଗିତ ଦେଲେ : ନୀଳସରସ୍ୱତୀ କବଚ।

କବଚ ପିନ୍ଧିଲା ନନ୍ଦନ। ବି.ଏ ପାଶ କଲା। ସରପଞ୍ଚ ହେଲା।

ଗୋସାଇଁ ଶପଥ କଲେ ।

ଶ୍ଳୋକଟେ ଗାଇଲେ: ସତ୍ୟମ୍ ବ୍ରୂୟାତ୍, ପ୍ରିୟମ୍ ବ୍ରୂୟାତ୍, ମାବ୍ରୂୟାତ୍ ସତ୍ୟମପ୍ରିୟମ।

ଗୋସାଇଁ ଉଭାନ। ଚୌଧୁରୀଏ ଉଭାନ। କିନ୍ତୁ ଏଯାଏ ଲୋକମୁଖରେ ରହିଛି ଏ ମାମଲା !

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

## କବିତା

### ସେଇ ଦିନଟି



**ସ୍ନିଗ୍ଧା ପଣ୍ଡା**

ସେ ଶୁଣିଲା
ତା ପାଇଁ କାଳେ ଦିନଟିଏ ଅଛି
ମାର୍ଚ୍ଚ ଆଠ ତାରିଖ
ଯୋଉ ଦିନ ତାକୁ କିଛି ଓଜନିଆ ଶବ୍ଦ ମିଳେ
ପୂଜାର ମନ୍ତ୍ର ପରି
ରାତିରେ କିନ୍ତୁ ଦେବତା ରାକ୍ଷସ ନର
ସଭିଏଁ ଏକାକାର
ମାଂସର ମୂଲଚାଲ ହୁଏ
ବାକି ତିନିଶହ ଚୌଷଠି ଦିନ ପରି ।

ତାର ସବୁ କଥାରେ କାମରେ
ସମସ୍ତେ ମନେ ପକାଇ ଦିଅନ୍ତି
ସେ କେବେ ଲୋକ ନ ଥିଲା
ଆଜି ବି ନୁହେଁ
ସେଇ ଦିନର ବି ନୁହେଁ
ସେ ବରଂ ସ୍ତ୍ରୀ ଲୋକଟିଏ ଖାଲି ।

ବୁଝି ପାରେନି
ସେ ନିଜେ ସ୍ତ୍ରୀ ହେଲା
ନା ତାକୁ ସ୍ତ୍ରୀ କରିଦିଆଗଲା
ଶେଷରେ ଗୋଟିଏ ଦିନ ବି
ତା ନାଆଁରେ ଖଞ୍ଜି ଦିଆଗଲା
ଅଥଚ ସମସ୍ତେ ଭୁଲି ଗଲେ
ତାର ଲୋଡା ନାହିଁ ସ୍ତ୍ରୀ ଲୋକର ଅଧିକାର
ବରଂ ଲୋଡା ମଣିଷର ଅଧିକାର ।


ବେଳେ ବେଳେ ଭାବେ
ନିଜ ନାଁରୁ ଓହ୍ଲେଇ ଦେବାକୁ
ଯେତେ ସବୁ ଓଜନିଆ ପଣ
ଯାହା ଟାଣି ଧରେ ତାକୁ ତଳକୁ
ଯେତେଥର ଇଚ୍ଛାକରେ ଉଡିବାକୁ ।

ଅଧିକାର ପାଇଁ ବିଚାର ଓ ନିୟମ ଭିତରେ
ସେଇ ଦିନଟି କଣ
ତା'ର ଭାରି ଦରକାର
ଯାହା ମନେ ପକେଇ ଦିଏ
ସ୍ତ୍ରୀଲୋକର ଦିନ କଣ, ରାତି କଣ
ସେ ଖାଲି ଗୋଟେ ସ୍ତ୍ରୀଲୋକ
ଗୋଟେ ତାରିଖରେ
ତା'ର କଣ ବଦଳିଯାଏ କି ଭାଗ୍ୟ ।

♥ ଲହଣ୍ଡା, ବରଗଡ
ମୋ-୯୮୬୧୩୨୩୬୫୦

### ପାଦଚିହ୍ନ ଅଛି, ଥିବ...

**ସୁଶୀଲ କୁମାର ପାଣିଗ୍ରାହୀ**



ଫୁଲମାନଙ୍କୁ ପବନ ସହ ପ୍ରେମକଥା
ଲାଗୁଥିବାର ଦେଖିଲି

ନଈର ପାଣି
ଆକାଶର ଚିତ୍ର ଆଙ୍କୁଥିବାର ଦେଖିଲି

ଘାସ ଉପରେ ଶିଶିର ଠୋପାରେ
ଉଜ୍ଜ୍ୱଳ ଭବିଷ୍ୟତର ସନ୍ଦେଶ ପାଇଲି ।

କଣ କେବଳ ଏତିକି
ମରୁରେ କଣ୍ଟା ଗଛମାନଙ୍କର
ଜିଦ୍ ବି ଅଭୂତପୂର୍ବ
ନିଜ ଯନ୍ତ୍ରଣାକୁ
ଫୁଲ କରି ଫୁଟାଇ ଦିଅନ୍ତି
ପ୍ରତିଟି ଶ୍ୱାସର ଅର୍ଥକୁ କରନ୍ତି ଆଲୋକିତ ।

ପତ୍ର ଝରାଇ ଦେଇଥିବା ଗଛ ବି
ବୁନ୍ଦାଏ ପାଣିର ସ୍ପର୍ଶରେ
ମର୍ମରର ସବୁ ରାଗ ଫେରିପାଏ
ନିଜ ଜୀଜିବିଷାର ଆଦ୍ୟବିନ୍ଦୁ
ହେଇଉଠେ ପୁଣି କଂପିତ ।

ଏସବୁ ପ୍ରତିଶ୍ରୁତି
ସମ୍ଭାବନାର ଏକ ଲମ୍ବା ତାଲିକା ...
ଯୁଦ୍ଧଖୋରମାନେ
କଣ ଧ୍ୱଂସ କରିପାରିବେ ଏ ପୃଥିବୀକୁ ?

ମାଟିର କବିତାର ଶବ୍ଦସବୁ କାଳଜୟୀ
ଅନ୍ଧାରର ଖେଳ ସରିଯିବ
ସିନ୍ଦୂରା ଫାଟିଲା ବେଳକୁ।

♥ କଲ୍ୟାଣୀ ରେସିଡେନ୍ସି
ଜଲାନ ଗଲି ,ଫ୍ଲାଟ-୨୦୩
ବ୍ଲକ-ଉ, ପୋଷ୍ଟ ଅଫିସ: ମୁଦିପଡା
ସମ୍ବଲପୁର -୨
(ମୋ) :୯୪୩୭୮୦୫୯୬୧

### ଶୂନ୍ୟବାଣୀ

**ପ୍ରଶାନ୍ତ କୁମାର ଦାଶ**



ସେମାନଙ୍କ ଘୃଣାର
ବିଶାଳକାୟ ଗୋପନ ଗୁମ୍ଫାକୁ
ଆବିଷ୍କାର କରି ସାରିଲା ଅନ୍ତେ
ଅଧୁନା ତାହା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଏକ ବହୁଜନାଦୃତ
ଚମତ୍କାର ପର୍ଯ୍ୟଟନସ୍ଥଳୀ ।

ସେମାନେ ସୁଉଚ୍ଚ ପାହାଡ଼ ଉପରେ
ନିର୍ମାଣିଥିଲେ
ହିଂସାର ଏକ ଭବ୍ୟ ବିଳାସପୂର୍ଣ୍ଣ ଅଟ୍ଟାଳିକା,
ଶୁଣିବାକୁ ମିଳୁଛି, ସେମାନଙ୍କ ଅନୁଷ୍ଠାନ ମୁଖ୍ୟ
ବିଦେଶର ଏକ ଘରୋଇ ଡାକ୍ତରଖାନାରେ
ହିଂସା ନାମକ ଦୁରାରୋଗ୍ୟ ହେତୁ
ଜୀବନର ଅନ୍ତିମ କ୍ଷଣରେ ଉପନୀତ ।

ବିଶ୍ୱାସର ଛାତି ଉପରେ
ସେମାନେ ପୋତିଲେ ଛଳନାର ମଂଜି,
ଅବିକା ସେଇ ଛଳନାର ଛାଇ
ବାଟରେ-ଘାଟରେ-ହାଟରେ,
ବିଚରା ବିଶ୍ୱାସ !

ସେମାନେ ଅକ୍ତିଆର କଲେ ଗୋଚର ପଡ଼ିଆ,
ଆଜିକାଲି ସମସ୍ତେ
କ୍ଷୀରାଭାବେ ଖୁବ୍ ହନ୍ତସନ୍ତ ।

ଶୂନ୍ୟବାଣୀ ହେଲା,
ସେମାନଙ୍କୁ ଈଶ୍ୱର ସର୍ଜିବା ପୂର୍ବରୁ
ପ୍ରଥମେ ସେମାନଙ୍କ ପାଇଁ
ତିଆରି କରିଥିଲେ ମୁଖା ।

♥ ରେଗଡା, କର୍ଲାମୁଣ୍ଡା
ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩

### ତିନୋଟି ଅରଖ ଫୁଲ

**ଶୁଭସ୍ମିତା ତ୍ରିପାଠୀ**



(୧)
ଅଧା ଆଖିବୁଜା ପଥର ବୃଷଭର ପାଦତଳେ
ଝରି ପଡିଛି ସଜତୋଳା ଅରଖ
ତା ଉପରେ ଢଳଢଳ ଟୋପାଏ କାକର,
ସେ କାକରରେ କାହାର ଏ ପ୍ରତିଛବି ?
ଛଳଛଳ ନୀଳନୀଳ ଆଖି,
ସକାଳ ରଙ୍ଗର ଓଠ,
ଶାମୁକା ରଙ୍ଗର ଆଖିପତା
ସେଇଠି ଏକାନ୍ତ ନିର୍ଜନତା
ଶୋଇ ପଡିଥିବା ପୃଥିବୀର

ଆହାଃ...କିଏଜଣେ ଝାପ୍ସା ଅନ୍ଧାରରେ ଆସି
ଚାହିଁଦେଇ ଗଲା କେବଳ
ପଥର ବୃଷଭ ଗାଲରେ ଶୁଖିଲା ଦିଶୁଥିବା
କେଇ ବୁନ୍ଦା ଲୁହଧାର !

(୨)
କେଉଁ ଯୋଗୀର କେନ୍ଦେରାରୁ
ଛିଣ୍ଡି ପଡିଥିଲା ତାର,
ଅଧାଫୁଟା ଅରଖ ପାଖୁଡା ଠି
ଆଖି ଖୋଲିନଥିଲା ସକାଳ,
ଜହ୍ନ ଗାଇଲା ଗୀତଟିଏ ଯେ
ତଣ୍ଟି ଫିଟିଲା
ଭଙ୍ଗା କେନ୍ଦେରା ଧରି ବୁଲୁଥିବା ଯୋଗୀର

ପାହାନ୍ତିଆ ଖରା ଛୁଇଁଲା ବେଳକୁ ଦେଉଳ
କେନ୍ଦେରା ସଜାଡି ଯୋଗୀ ଉଭାନ,
ଆଉ ତା ପରେ ତୋଳା ଅରଖ ପାଇଁ
ଆଖି ବି ଖୋଲିଲାନି ଦିଅଁଙ୍କର !

(୩)
ପଲକ ପଡିଲେ ଅନ୍ଧାର,
ପଲକ ପଡିଲେ ତା'ର ସବୁବାଟ
ଆପେଆପେ ମୁଦି ହେଇଯାଏ ଫେରିବାର

ପଲକ ଭିତରେ ବି ଆକାଶ
କେବେ ଆକାଶର ହେଇପାରିନଥିବା
କେଇଖଣ୍ଡ ମେଘ,
ମେଘତଳେ ସେଇ ପାପୁଲି ଦୁଇ,
ଆଉ ତା ଉପରେ
କେଉଁ ଆଖିତଳର କଳାଦାଗ
ଏତିକିକୁ ନେଇ ସ୍ୱପ୍ନଟିଏ ହେଇ ଉଭା ହେଉଥାଏ ରାତି;
ତା ଆଞ୍ଜୁଳାରେ ଆଞ୍ଜୁଳା ଭର୍ତ୍ତି କାକରବୁନ୍ଦା
କେବେ ଓଠ ଛୁଇଁ ନଥିବା ଅରଖର !

♥ ବ୍ରହ୍ମପୁର, ଗଞ୍ଜାମ

### ପାଉଁଜିର ପାଣ୍ଡୁଲିପି-୨୨

**ବିପିନ ମହାନ୍ତି**



#### ପାଗଳ ପ୍ରେମୀ ମୁଁ

ପ୍ରେମ ପାଇଁ ପୁଣି ପାପ ଆଉ ପୁଣ୍ୟ ପ୍ରାପ୍ତିର ପାଠଶାଳା
ପ୍ରେମ ପରା ଗୋଟେ ପ୍ରୀତି ପୁରୁଷର ପବିତ୍ର ଗାନ୍ଧର୍ବ ଲୀଳା
ପ୍ରେମିକା ବି ପୁଣି ଛଳଛଳ ନଈ ଛଳନାର ମରୁଭୂଇଁ
ଛୋପରୀ ଛଟକୀ ଛୁରୀ ମାରେ ଛକି ଛୁଆଁଛୁଇଁ ଖେଳ ପାଇଁ।

ପାଗଳ ପ୍ରେମୀ ମୁଁ ପାଖରେ ପାଇଲେ ପଦ୍ମତୋଳା ପଢ଼େ ପଦେ
ପ୍ରଚଣ୍ଡ ପ୍ରତାପୀ ପ୍ରେମିକା ବି ମୋର ବଶୀଭୂତ ପ୍ରେମ ଗଦେ
ପ୍ରତିଟି ପହରେ ପଦ୍ମବନରେ ମୁଁ ପଳପଳ ହୋଇ ଜଳେ
ଫଁ କରୁଥିବା ନାଗୁଣୀ ଫଣାରେ ଫଣା ଯୋଡ଼ି ପୁଣି ଖେଳେ।

ପୋଷପୋଷ କରି ପାପୁଲିରେ ମୋର ପିଇଛି ମୁଁ ପ୍ରେମସୁଧା
ପିଆଲାରୁ ପ୍ରେମ ନିଗାଡ଼ି ନିଗାଡ଼ି ସାରିଛି ମୁଁ ଶେଷବୁନ୍ଦା
ନିଶାରେ ନିଶାରେ ନିଶିଗନ୍ଧା ସାଥେ ନିଶି ପୁହାଇଛି କେତେ
ନିଃଶବ୍ଦ ନୂପୁର ନାହିଁନାହିଁ ସ୍ୱର ନୀରବି ଡାକିଛି ମୋତେ।

ଫେରେଇ ଦେଇନି ଅମା ଅନ୍ଧକାରେ ନିଶିଥରେ କେହି ମୋତେ
ଫେରିନି ମୁଁ କେବେ କା' ପ୍ରେମ ଦୁଆରୁ ମନମାରି ଖାଲି ହାତେ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ନିର୍ବାସନର ଆତ୍ମଲିପି

**ଡ. ଶ୍ରୀଧର ସାମଲ**



ନିର୍ଜନ ଏ କୋଳାହଳ
ନିଶୀଥ ଏ ଜ୍ୟୋତ୍ସ୍ନାଭିଜା ନିସ୍ତବ୍ଧ ରଜନୀ,
ସ୍ମୃତିସବୁ ଇତସ୍ତତଃ
ଫିକା ଫିକା ବର୍ଷାଭିଜା ଅଧୁରା କାହାଣୀ।

ଅଦୂର ଅତୀତ ଏଠି
ଦିଗହରା ଭାସିଯାଏ
ବେସାହାରା ସମୟ ସୁଅରେ,
ଆତ୍ମୀୟତା ମ୍ରିୟମାଣ
ହଜିଯାଏ ଅଚାନକ
ପ୍ରେମର ଏ ଅଜଣା ସହରେ।

ନିକାଞ୍ଚନ ଲମ୍ବାରାସ୍ତା
ଝୁଣ୍ଟିପଡ଼େ ଚାଲୁଚାଲୁ
ଖାଲଢ଼ିପ କେତେ ଧୂଳିଝଡ଼,
ବିଶ୍ୱାସର ବାଲିବନ୍ଧ, ତୁଟିଯାଏ ଅସମୟେ
ଅଙ୍କାବଙ୍କା କେତେ ରାସ୍ତା ମୋଡ଼।

ବିସ୍ତୀର୍ଣ୍ଣ ଏ ଉପତ୍ୟକା
ଝାଉଁବଣ ନିରବତା
କୁହୁଡ଼ିର ଝାପ୍ସା ଆସ୍ତରଣ,
ବିଜନ ଏ ଅଭିସାର
କେବେ ଖରା କେବେ ବର୍ଷା
ମୋହଭଙ୍ଗ ହୁଏ ବାରବାର।

ଅଳିକ ଅସ୍ଥିର ଏଠି ନିବିଡ଼ତା
ଋତୁମାନେ ପତ୍ରଝଡ଼ା
ଭୋଦୁଅର ନିର୍ମେଘ ଆକାଶ,
ସ୍ମୃତିସବୁ ଓଦାଓଦା
କଣ୍ଠ ହୁଏ ବାଷ୍ପରୁଦ୍ଧ
ଅସରନ୍ତି ସିକ୍ତ ଅବେସାଦ ।

♥ ସଂପାଦକ : ମୌସୁମୀ
କେନ୍ଦ୍ରାପଡା
(ମୋ) ୯୪୩୭୬୦୭୯୯୭

### କହି ହେଇନାହିଁ ଯାହା...

**ସୈରିନ୍ଧ୍ରୀ ସାହୁ**



ପୁରୁଣା ଚିଠିର ଅକ୍ଷର ଭିତରେ
ଭଲ ପାଇବାର ରଂଗ
ଜକଜକ ଦିଶେ, ଛୁଇଁଦେଲେ ଲାଗେ
ଭାରି ମିଠା ଅନୁରାଗ...
ମନ ମୋର ଯାଏ ଉଡ଼ି
ସପନ ପିଆସୀ ନୀଳ ଆକାଶରେ
ସତେ ଅବା ଗୋଟେ ଗୁଡ଼ି। ♥

# ମନଲାଖି ଲେଖାଟିଏର ପରିସମାପ୍ତିରେ ଯୋଉ ଆନନ୍ଦ, ତାହା କୋଉ ପୁରସ୍କାରରେ ନଥାଏ : ମୋନାଲିସା ମିଶ୍ର

**ମୋନାଲିସା ମିଶ୍ର** ସମକାଳୀନ ଓଡ଼ିଆ ସାହିତ୍ୟରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ ଗପ ନୁହେଁ, ଉପନ୍ୟାସିକା ସହ କବିତା ଲେଖି ସେ ତିଆରି କରିଛନ୍ତି ତାଙ୍କ ସୃଷ୍ଟିଶୀଳତାର ବଳୟ । ତାଙ୍କ ଲେଖା ଉପସ୍ଥାପନାରେ ଥାଏ ଯେଉଁ ନିଆରାପଣ, ତାହା ହିଁ ତାଙ୍କର ପରିଚୟ । ଅନୁସନ୍ଧିତ୍ସାକୁ ନିଜର ପ୍ରେରଣା କରି; କରୁଣା, ସମବେଦନା, ଆବେଗ ଓ ପ୍ରକୃତି ପ୍ରେମକୁ ଆଧାର କରି ସେ ତାଙ୍କ ଲେଖାରେ ଦେଖେଇ ପାରନ୍ତି ସଂଘର୍ଷମୟ ଜୀବନକୁ ଆଲୋକ ଆଡକୁ ବାଟ । "ମାତୃଭାଷାକୁ ସଂକଟଜନକ ପରିସ୍ଥିତିକୁ ଆଣିଛୁ ଆମେ, ଆମ ପରବର୍ତ୍ତୀ ପିଢ଼ି ଏହାର ଶିକାର ହେଉଛନ୍ତି" ବୋଲି କହୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ସତ କହିବି ତ ସୃଷ୍ଟି ହେଇଥିଲା ସେଇ ବାଲ୍ମିକୀଙ୍କର ପ୍ରଥମ ଶ୍ଳୋକ ଯାହାକୁ କି ସାହିତ୍ୟର ଆଦିଶ୍ଳୋକ ବୋଲି କୁହାଯାଏ ତାହା ସୃଷ୍ଟି ହେବାର ଭାବଧାରା କରୁଣା ଭାବରୁ । ପିଲାଦିନେ ନିଜକୁ ଭୋକ ହେଉଛି କି ନହଉଛି ଜାଣିପାରୁନଥିଲି କିନ୍ତୁ ଅନ୍ୟର ଭୋକ ଦେଖିଲେ ବ୍ୟସ୍ତ ହେଇଉଠୁଥିଲି, ଭିକାରିଟିଏ ଦେଖିଲେ ମନ ହଉଥିଲା ତାକୁ ଘରକୁ ଡାକି ଖାଇବାକୁ ଦିଅନ୍ତି । କେତେଥର ମୁଁ ଖାଉଥିବା ଗୋଟିଏ ରୁଟିର ଫାଳେ ମୁଁ ଦେଇଦେଇଛି ଭିକାରିଙ୍କୁ । ବହି ପୃଷ୍ଠାରେ ଖାଲି ଭୋକିଲା ଶବ୍ଦଟି ହିଁ ମୋ ଆଖିରେ ଲୁହ ଆଣିଦିଏ । ତେଣୁ ଆବେଗ ହିଁ ହେଉଛି ମୋ ସୃଜନର ମାଟି । ଏଠି ବିଭିନ୍ନ ବୀଜ ସେଇ ଅକ୍ଷର ଶିଖି ବହି ପଢିଲା ଦିନରୁ ହିଁ ରୋପିତ ହେଇଛି । ମୋର ମନେ ପଡୁଛି ପ୍ରଥମ କରି ମୁଁ କିଛି ଶବ୍ଦ ଯତିପାତ ପକେଇ ଲେଖି ଦେଇଥିଲି ଗୋଟିଏ କବିତା 'ଚାରିଦିନ ଭୋକିଲା' । ପଢୁଥିଲି ଷଷ୍ଠ ଶ୍ରେଣୀରେ । ପରେ ପରେ ଏମିତି ହେଲା ସାଧା କାଗଜଟିଏ ଦେଖିଲେ ଛାଟିପିଟି ହେଲି, କଣଗୁଡ଼ାଏ ଗାରେଇ ଦିଅନ୍ତି କି ! ଏମିତି ଲୁଚି ଲୁଚି ଗାରଉ ଗାରଉ ଦିନେ ଡେରି ରାତିରେ ଟେବୁଲ୍ ଉପରେ ପଡ଼ିଥିବା ଏକ ଧଳା ଫିନ୍ ଫିନ୍ କାଗଜର ଡାକରାରେ ଲେଖି ଦେଇଥିଲି ଏକା ଥରେ ତିନୋଟି କବିତା । ତେଣୁ ଶୂନ୍ୟକାଗଜରୁ ହିଁ ଆରମ୍ଭ ହେଇଛି ସୃଜନର ସ୍ଫୁରଣ । ଆଜି ବି କମ୍ପ୍ୟୁଟରରେ ଲେଖିଲେ ମଧ୍ୟ ସାଧା କାଗଜ ଦେଖିଲେ ମୁଁ କୌଣସି ମୂଲ୍ୟବାନ ବସ୍ତୁ ଦେଖିଲା ପରି ଲାଳାୟିତ ହୁଏ ।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ଅନୁସନ୍ଧିତ୍ସା ହିଁ ମୋର ପ୍ରେରଣା । ମୋ ଭିତରେ ସୃଷ୍ଟି ହେଉଥିବା ଅଜସ୍ର ପ୍ରଶ୍ନ ହିଁ ମୋର ପ୍ରେରଣା । ସେଇ ଯୋଉ କହିଲି କରୁଣା, ସମବେଦନା, ଆବେଗ, ପ୍ରକୃତି ପ୍ରେମ ଏମିତି ଏମିତି କେତେପ୍ରକାରର ଭାବଧାରାର ଯୋଉ ସୃଜନର ମାଟିଟି ମୋ ଭିତରେ ଥିଲା ସେଠି ଆଉ ଏକ ଆଲୋଡ଼ନ ସୃଷ୍ଟିକାରୀ ଭାବଧାରା ପ୍ରବେଶ କଲା ତାହା ହେଲା ଦର୍ଶନ ବା ରହସ୍ୟ । ଯେତେବେଳେ ବିଜ୍ଞାନ ପଢିଲି, ବିଭିନ୍ନ ଧର୍ମ ବିଷୟରେ ଜାଣିଲି, ପ୍ରଚୁର ବହି ପଢ଼ିଲି ସେତେବେଳେ ଖାଲି ମନରେ ପ୍ରଶ୍ନ ପରେ ପ୍ରଶ୍ନ ଆସିଲା । କେମିତି ହେଲା ଏ ସୃଷ୍ଟି ! କଣ ଜନ୍ମ କଣ ମୃତ୍ୟୁ ! ଈଶ୍ୱର କିଏ ? (ଏ ଯାଏଁ ଜାଣିନି) ଏଇ ସବୁ ମତେ ମୋ ପାଠପଢା ଧ୍ୟାନରୁ ବିଚ୍ୟୁତ କରିଦଉଥିବା ପ୍ରଶ୍ନ, କବିତା ହୋଇ ତ ଝରିବାକୁ ଥିଲାନା ! ତେଣୁ ପ୍ରେରଣା ମୁଁ ନିଜେ ମୋ ନିଜର । କିନ୍ତୁ ଯାହା ଲେଖୁଥିଲି ଲୁଚେଇ ରଖୁଥିଲି ତେଣୁ କିଏ ଆଉ ଗୁରୁ ହେବ ? ଏମିତି ଲୁଚଉ ଲୁଚଉ ଯେତେବେଳେ ଧରାପଡ଼ିଲା ମୋ ଗୀତ କବିତା ଖାତା ଆଉ କିଛି କିଛି ପ୍ରକାଶ ହେଲା ସେତେବେଳେ ମୋ ପିତାଙ୍କ ଗୋଟିଏ ଧାଡ଼ି; ଲେଖ୍, ଯାହା ମନକୁ ଆସୁଛି ଲେଖିଯା । ମୋ କଲମ ତୁ ନେଇଯା । ବାସ୍, ସେଇ ଧାଡ଼ିଟି ହିଁ ଯଥେଷ୍ଟ ।

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ସାହିତ୍ୟ ଗଣର । ବ୍ୟକ୍ତିଟିଏ ତା' ଦୁଃଖ କଷ୍ଟ ତା' ବ୍ୟାକୁଳତା, ତା' କ୍ଷତକୁ ଭରିବାକୁ ତ ଲେଖିଥାଏ କିନ୍ତୁ ତାହା ତା' ଅଜାଣତରେ ସମୂହର ହେଇଯାଏ । ପାଠକଟିଏ ଯେତେବେଳେ ନିଜେ ଭୋଗୁଥିବା ସମସ୍ୟାକୁ ସେଇ ଲେଖା ମଧ୍ୟରେ ଦେଖେ ସେ ଲେଖାଟି ତା' ନିଜର ହେଇଯାଏ । ସେଇ ନିଜର ହେଇଯିବା ହିଁ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇପାରେ । ଯଦି ଲେଖାଟି କିଛି ବି ବାର୍ତ୍ତା ଦେଇପାରିଲା ଆଉ ସେଇ ଆଦର୍ଶ ବା ଆଭିମୁଖ୍ୟଟି ପାଠକସମାଜ ଭିତରେ ଏକ ଆଲୋଡ଼ନ ସୃଷ୍ଟି କଲା, ବାଟ ଦେଖେଇ ପାରିଲା, ତାକୁ ସଳଖେଇ ଠିଆ ହେବାରେ ସାହାଯ୍ୟ କରିପାରିଲା, ତେବେ ତାହା ହିଁ ପରିବର୍ତ୍ତନ । ପରିବର୍ତ୍ତନ କହିଲେ ଖାଲି ସାମାଜିକ ବା ରାଜନୈତିକ ପରିବର୍ତ୍ତନ ନୁହେଁ । ବ୍ୟକ୍ତିର ଭାବ ରାଇଜକୁ, ତା ସଂଘର୍ଷମୟ ଜୀବନକୁ ଟିକେ ଆଲୋକ ଆଡ଼େ ବାଟ ଦେଖେଇ ପାରିଲେ ସାହିତ୍ୟ ସଫଳ ହେଲା ବୋଲି ମୁଁ ଭାବେ । ତେଣୁ ଆଜିର ଲେଖକଙ୍କ ପାଇଁ ଅନେକ ଆହ୍ୱାନ । କେତେ ଭୀତତ୍ରସ୍ତ ଅବସ୍ଥାରେ ଅଛି ଆଜିର ଯୁବ ସମାଜ ! ରାଜନୀତିପାଲିରେ ଧର୍ମ ଗଡୁଛି ପେଣ୍ଡୁ ପରି, ସାଧାରଣ ଲୋକଙ୍କ କ୍ଷୁଧା, ଦୁର୍ଦ୍ଦଶା, ଅଭାବୀ ବେରୋଜଗାରୀ ଉପରେ ଉଡୁଛି ଗର୍ବ, ଅହଙ୍କାର, ସ୍ୱାର୍ଥର ପତାକା । ରକ୍ତାକ୍ତ ଶିଶୁଟି ପଚାରୁଛି କାହିଁକି ମୋ ଆକାଶରେ ଏତେ ଧୂଆଁ ! କାହିଁକି ମୋ ବିଦ୍ୟାଳୟ ମୋ ଖେଳ ପଡ଼ିଆ ଆଜି ବାରୁଦମୟ ? ଏବେବି ସେଇ ପ୍ରାକ୍ ପୁରାଣଯୁଗୀୟ ଅବଳା ପରି ନାରୀଟିଏ ଖୋଜୁଛି ନିଜର ସ୍ଥିତି, ସାମାନ୍ୟ ବ୍ୟକ୍ତିଗତ ସମ୍ମାନ । କଣ କରିପାରିଛି ସାହିତ୍ୟ ! ଏ ଯାଏଁ ବଦଳାଇ ପାରିଲାନି ଅସୁସ୍ଥ ମାନସିକତା ! ବ୍ୟକ୍ତିର ଚଳଣି, ଚିନ୍ତାଧାରା, ଚରିତ୍ରକୁ ବଦଳେଇବାରେ, ସତକୁ ସତ ବୋଲି କହିପାରିବାର ସାମର୍ଥ୍ୟ ଜୁଟେଇବାରେ, ଅନ୍ୟାୟକୁ ବିରୋଧ କରିବାର ସାହସ ଯଦି ସାହିତ୍ୟ ଦେଇପାରିଲା ତେବେ ତାହା ସଫଳ ସାହିତ୍ୟ । ପରମ୍ପରାକୁ ପାଳନ କରିବା ଯେମିତି ଆମର ଧର୍ମ ସେମିତି ସମାଜର ମଙ୍ଗଳ ପାଇଁ ନୂତନ ପରମ୍ପରା ସୃଷ୍ଟି କରିବା ବି ସାହିତ୍ୟର ଧର୍ମ ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଅଧିକ ଗଳ୍ପ ଲେଖାଯାଉଛି କାରଣ ଶିକ୍ଷିତଙ୍କ ସଂଖ୍ୟା ବଢିଛି । ଆଉ ଏବେ ଏଇ ଦଶ ପନ୍ଦର ବର୍ଷ ଭିତରେ ଡିଜିଟାଲ୍ ସୁବିଧା ଯୋଗୁ ଲେଖକଙ୍କ ସଂଖ୍ୟା ବଢ଼ିଛି । ସେଇ ଅନୁପାତରେ ସାଧାରଣ ପାଠକ ନାହାନ୍ତି । କାରଣ ଏବେ ଲୋକଙ୍କ ପାଖରେ ସମୟ ଉପଯୋଗ କରିବାର ବିଭିନ୍ନ ମାଧ୍ୟମ ଆସିଯାଇଛି । ତେବେ ଓଡ଼ିଆ ସାହିତ୍ୟ ତାର ଗୁରୁଦାୟିତ୍ୱ ବିଷୟରେ ବେଶ୍ ସଚେତନ, ବିଭିନ୍ନ ମନୋରଂଜନକାରୀ ମାଧ୍ୟମ ସହିତ ପ୍ରତିଯୋଗିତା କରିବାକୁ ସେ ସକ୍ଷମ । ଅପେକ୍ଷା କରିବାକୁ ହେବ, କେବେ ଯୁବସମାଜ ବୁଝିବେ ଯେ ସାହିତ୍ୟ ପାଂଚମିନିଟ୍‌ର ନୁଡ୍‌ଲ୍ସ୍ ପରି ନୁହେଁ ଯେ ଗଣମାଧ୍ୟମରେ ପାଂଚଟା ପୋଷ୍ଟ୍ କରିଦେଲେ ଜଣେ ଲେଖକ ବନିଯିବ । ଏହା ଏକ ତପସ୍ୟା, ଏ ସୋମରସ ପ୍ରସ୍ତୁତ ହେବା ପାଇଁ ବହୁ ଅଧ୍ୟୟନ ଓ ସମୟ ଦରକାର ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇପାରିବ କି ?

■■ ମାତୃଭାଷାକୁ ସଂକଟଜନକ ପରିସ୍ଥିତିକୁ ଆଣିଛୁ ଆମେ, ଆମ ପରବର୍ତ୍ତୀ ପିଢ଼ି ଏହାର ଶିକାର ହେଉଛନ୍ତି । ଆମ ଭିତରର ହୀନମନ୍ୟତା, ଆମ ଶିକ୍ଷାବ୍ୟବସ୍ଥା, ଆମ ପରିଚାଳନା ଅକ୍ଷମତା ଅଭାବୀ ଦୂରଦୃଷ୍ଟି ଆଜି ପାଠ ପଢ଼ିବାର ମାଧ୍ୟମ ବଦଳେଇ ଦେବାଟି ଯେତିକି ଚିନ୍ତାଜନକ ନୁହେଁ ତା ଠାରୁ ଅଧିକ ଭୟାବହ ହେଲା ଆମ ଭାଷାକୁ ହେୟ ମନେ କରିବା । ଘର ଭିତରେ ଓଡ଼ିଆ କଥାବାର୍ତ୍ତା କରିବା କଣ ସାହିତ୍ୟ ଶିଖେଇବ ! ଏ କୋଉ ପ୍ରକାରର ହୀନମନ୍ୟତାସମ୍ପନ୍ନ ଉଚ୍ଚାଭିଳାଷ ଆମ ଯୁବ ଓଡ଼ିଆ ପିତାମାତାଙ୍କୁ ଘାରୁଛି ଯୋଉମାନେ ନିଜ ସନ୍ତାନ ସହିତ ଓଡ଼ିଆରେ କଥାବର୍ତ୍ତା କରୁନାହାନ୍ତି ! ଏଭଳି ପରିସ୍ଥିତିରେ ସାହିତ୍ୟ ତ କେମିତି ବଂଚିବ ଚିନ୍ତା କଲାଣି ଆଉ ପରିବର୍ତ୍ତନ ଆଣିବ କଣ ! ତେବେ ସାହିତ୍ୟ ତାର ଗୁଣାତ୍ମକ ମାନ ବଜାୟ ରଖିଥାଉ ଆଜି ନହେଲେ ନାହିଁ ଦିନେ ତ ବାଟ ହୁଡ଼ିଥିବା ପୁଅ ଘରକୁ ଫେରିବ !

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ସାମାଜିକ ଅବ୍ୟବସ୍ଥା ବିରୋଧରେ ଯଦି କିଏ ସ୍ୱର ଉଠେଇପାରେ ତ ତାହା ହେଉଛି ସାହିତ୍ୟ । କିନ୍ତୁ ପରିବର୍ତ୍ତନ ଆଣିବାରେ ସକ୍ଷମ ସେବେ ହେବ ଯେବେ ସାମୁହିକ ବ୍ୟକ୍ତି ସମାଜରେ ସ୍ୱର ଉଠେଇବାରେ ସାହସ କରିବେ । ଖାଲି ଶାସନଗତ ବା ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ନୁହେଁ । ନିଜେ ନିଜ ବିରୁଦ୍ଧରେ, ଅର୍ଥାତ୍ ବ୍ୟକ୍ତିଟିଏ ଯୋଉଁଦିନ ନିଜ କୁକର୍ମ, ନିଜେ କରୁଥିବା ଅନ୍ୟାୟର ଦଣ୍ଡ ନିଜକୁ ନିଜ ବିବେକ ଦ୍ୱାରା ଦେବ, ସେଇଦିନ କିଛି ପରିବର୍ତ୍ତନ ହେବାର ଆଶା ଦେଖାଯାଇପାରେ । ଦୁର୍ନୀତିଗ୍ରସ୍ତ ଅଫିସର୍‌ଟିଏ ଦୁର୍ନୀତିର ସାଗର ଭିତରେ ବୁଡ଼ି ଚାଲିଛି ତା ବିବେକ ତା ବ୍ୟକ୍ତିଗତ ସଂସ୍କାର ତା ଧର୍ମ ତାକୁ ଯଦି ପ୍ରଥମେ ଦଣ୍ଡ ଦିଅନ୍ତା ତେବେ ଭିଜିଲାନ୍ସ୍ ଯାଏଁ କଥା ଯାଆନ୍ତା ନାହିଁ । ଆଉ ବିବେକକୁ ଜାଗ୍ରତ କରିପାରିବାର ଅମାପ ଶକ୍ତି କେବଳ ସାହିତ୍ୟ ପାଖରେ ହିଁ ଥାଏ ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତା ସମ୍ପର୍କରେ କଣ କହିବେ ?

■■ ଓଡ଼ିଆ ସାହିତ୍ୟର ସ୍ଥିତି ବିଷୟରେ ପ୍ରଶ୍ନ କାହିଁକି ଉଠୁଛି ! ନକ୍ଷତ୍ରକୁ ପଚରା ଯାଏକି ତୋ ପାଖରେ ଆଲୁଅ ଅଛି କି ନାହିଁ ? ଓଡ଼ିଆ ସାହିତ୍ୟ ନକ୍ଷତ୍ର ସଦା ଉଦ୍‌ଭାସିତ ହେଉଥିବ ଏମିତି । କିନ୍ତୁ ଯଦି ତା ଆଲୋକ ଠିକ୍ ଜାଗାରେ ପହଁଚି ପାରୁନି ତେବେ ସେ ଯୋଉ ଅନ୍ଧାରରେ ଥିଲା ସେଇଠି ରହିବ । ଆମର ପ୍ରଚାର, ପ୍ରସାର, ଅନୁବାଦ, ଆଲୋଚନା, ସମୀକ୍ଷା ଏସବୁ ବହୁତ୍ କମ୍ । ଲେଖକର ପଦପଦବୀ ବା ବ୍ୟକ୍ତିଗତ ବୁନିୟାଦିକୁ ନଦେଖି ତା ନାମକୁ କାଟି କୃତିକୁ ଦେଖାଯାଉ । ଆଉ ସାହିତ୍ୟ କୃତିରେ ଯଦି କିଛି ନୂତନତ୍ୱ ଅଛି ତେବେ ତାହା ସମସ୍ତଙ୍କ ଦୃଷ୍ଟିକୁ ଆସୁ । ତେବେ ଏହା ଗତୀଶୀଳ ହେବ । ଏଇଠି ମୋର ଗୋଟିଏ ଦୁଃଖକୁ ପ୍ରକାଶ କରିବାକୁ ଚାହିଁବି, ଗଳ୍ପ ହେଉ କି କବିତା ହେଉ ଆମେ ପ୍ରାୟତଃ ଆମର ଚିରାଚରିତ ଧାରାକୁ ଛାଡ଼ି ପାରୁନୁ । ଉଦାହରଣ ସ୍ୱରୂପ ଆମ ଗାଁ ଏବେ ବଦଳି ଗଲାଣି କିନ୍ତୁ ଆମେ ଏଇ ବଦଳିଯାଇଥିବା ଦୃଶ୍ୟକୁ ଗ୍ରହଣ ନକରି ସେଇ ପଚାଶ ବର୍ଷତଳର ଗ୍ରାମର କଥା କହିଚାଲିଛୁ । ଯାହା କି ଆମକୁ ପରବର୍ତ୍ତୀ ପିଢ଼ିଠୁ ଦୂରେଇ ଦେଉଛି । ଅନେକ ଗଳ୍ପରେ ଆମେ ବ୍ୟବହାର କରୁଥିବା ଶବ୍ଦ, ଘଟଣା, କାହାଣୀ, ଅତ୍ୟନ୍ତ ମ୍ଳାନ ସର୍ବସ୍ୱ ହେଇଯାଉଛି । ସତ କଥାଟିଏ କହୁଛି ପରୀକ୍ଷା ହଲ୍‌ରେ ପ୍ରଶ୍ନପତ୍ରରେ ବୋଉ ଶବ୍ଦ ଦେଖି ପିଲାଟିଏ ପଚାରିଲା, ବୋଉ ଶବ୍ଦର ଅର୍ଥ କଣ ! ମୁଁ ବାକ୍‌ରୁଦ୍ଧ ହେଇଗଲି । କିନ୍ତୁ ପରେ ବୁଝିଲି, ସତରେ ରାଉରକେଲାର ଆଦିବାସୀ ଘରର ଆଧୁନିକ ସଭ୍ୟତାରେ ବଢୁଥିବା ପିଲାଟିଏ ବା ପଶ୍ଚିମାଂଚଳର ପିଲାଟି ଏ ବୋଉ ଶବ୍ଦ ଶୁଣି ହିଁ ନାହିଁ । ସେଇଠୁ ମୁଁ ଜାଣିପାରିଲି ଏ ଆମ ଲେଖାର ଭୁଲ୍ । ବୋଉ ଶବ୍ଦ ତ ନିର୍ଦ୍ଦିଷ୍ଟ ଅଂଚଳ ନିର୍ଦ୍ଦିଷ୍ଟ ଜାତିରେ ଅଛି ଆଉ ଆଜିର ଏ ମମି ଯୁଗରେ ଆମେ ତାକୁ ସାର୍ବଜନୀନ କରିବା କାହିଁକି ? ଆମେ ବ୍ୟବହାର କରୁଥିବା ଶବ୍ଦ ପ୍ରତି ଆମକୁ ସଚେତନ ହେବାକୁ ପଡ଼ିବ । ସାଧାରଣରେ ବ୍ୟବହାର ହେଉଥିବା ଇଂରାଜୀ ଶବ୍ଦ ଯେଭଳି ରହିବାକୁ ବାଧ୍ୟ ସେଇ ଭଳି ଅବ୍ୟବହୃତ ଇଂରାଜୀ ଶବ୍ଦଠାରୁ ବି ଆମ ଲେଖାକୁ ଦୂର କରିବାକୁ ପଡ଼ିବ । ନଚେତ୍ ଆମେ ହରେଇ ବସିବୁ ଆମ ଭାଷାରେ ଥିବା ଆଞ୍ଚଳିକ ଓ ଆଲଙ୍କାରିକ ଶବ୍ଦ ସବୁଙ୍କୁ । ଓଡ଼ିଆ ଗଳ୍ପଧାରା ଆହୁରି ଗତିଶୀଳ ହେବ ଯଦି ତାହା ଖାଲି ଘଟଣା ସର୍ବସ୍ୱ ନ ହୋଇ ଚେତନା ସର୍ବସ୍ୱ ହେବ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ବିଷୟରେ କିଛି କହିବାକୁ ମୁଁ ଅଜ୍ଞ । ଯେବେ ନୂଆ ନୂଆ ଲେଖିବା ଆରମ୍ଭ କରିଥିଲି ସେବେ ମୋ ବୋଉର ଖୁସି, ମୋ ନନାଙ୍କ ପିଠି ଥାପୁଡା, ମୋ ଶିକ୍ଷକ ମୋ ବନ୍ଧୁମାନଙ୍କ ବାହାବା, ଆଉ ମୁଖ୍ୟତଃ ମୋ ପାଠକମାନଙ୍କ ଚିଠି, ଫୋନ୍, ସଦିଚ୍ଛା ଏସବୁ ତ ମୋ ପାଇଁ ଗୋଟିଏ ଗୋଟିଏ ପୁରସ୍କାର । ତେଣୁ ପୁରସ୍କାର ମୁଁ ନିତି ପାଉଥାଏ । ସ୍ନେହ ଶ୍ରଦ୍ଧା ସ୍ୱୀକୃତି ବିନା କି କିଏ କେବେ ଆଗେଇ ପାରେ ! ତାହା ତ ଦେବ ପାଠକ । ହଁ, ପୁରସ୍କାର ତ ପୁଲକଟିଏ ସୃଷ୍ଟି କରୁଥିବ ନିଶ୍ଚିତ କିନ୍ତୁ ତାହା କ୍ଷଣିକ । ବୟସ ଅନୁଯାୟୀ ତାହା କମି କମି ଯାଏ । ମୁଁ ନିଜକୁ ପୁରସ୍କାର ଦେଇ ଶିଖିଛି, ତାହା ହଉଛି ସମସ୍ତ ପ୍ରତିକୂଳ ପରିସ୍ଥିତି ଭିତରେ ମଧ୍ୟ ଲେଖନୀ ଚଳେଇବା । ମନଲାଖି ଲେଖାଟିଏର ପରିସମାପ୍ତିରେ ଯୋଉ ଆନନ୍ଦ ତାହା କୋଉ ପୁରସ୍କାରରେ ନଥାଏ । ତେଣୁ ଲେଖକଟିଏ ନିଜକୁ ଅଧ୍ୟୟନର ପୁରସ୍କାର ପ୍ରଥମେ ଦେଉ । ଖାଲି ସ୍ମୃତି ବା ଘଟଣାର ସିଧାସଳଖ ବର୍ଣ୍ଣନା ନକରି ସାହିତ୍ୟିକ ମୂଲ୍ୟବୋଧକୁ ଅଧିକ ଗୁରୁତ୍ୱ ଦଉ । ଆଉ ଯୋଉ ଶୁଣାଯାଉଛି ଯେ ଲେଖକମାନେ ପୁରସ୍କାର ପାଇଁ ଲବି କରୁଛନ୍ତି ତାହା ନକରି ଗୋଟିଏ ଲମ୍ବା ଫୁତ୍‌କାର୍ ମାରନ୍ତୁ । ସାହିତ୍ୟ ପାଇଁ ନିଜକୁ ଯଦି ସମର୍ପଣ କରିପାରିଲ ତେବେ ଈଶ୍ୱରଙ୍କ ତରଫରୁ ତାହା ସବୁଠୁ ବଡ଼ ପୁରସ୍କାର । ପାଇବା ନପାଇବାର ଦୁଃଖ ସୁଖରୁ ବାହାରି ଆସିବାରେ ହିଁ ନିଛକ ଆନନ୍ଦ ଥାଏ । ♥♥

### ■ ଅକ୍ସରେ ମୋନାଲିସା ମିଶ୍ର



ଜନ୍ମତାରିଖ- ୩୦/୧୧/୧୯୬୯
ଜନ୍ମସ୍ଥାନ- ପୁରୀ
ବାପାଙ୍କ ନାମ - ହରିହର ମିଶ୍ର
ମାତାଙ୍କ ନାମ- ରାଜଲକ୍ଷ୍ମୀ ମିଶ୍ର
ସ୍ୱାମୀ- ଡ. ଗୋପାଳକୃଷ୍ଣ ପଣ୍ଡା (ପ୍ରଫେସର ଏନ୍‌ଆଇଟି)
ବର୍ତ୍ତମାନର ଠିକଣା- ଏ/୭,ଏନ୍ ଆଇ.ଟି କ୍ୟାମ୍ପସ୍ ରାଉରକେଲା, ଓଡ଼ିଶା

### ପ୍ରକାଶିତ ପୁସ୍ତକ

୧- ବାଘରାତି
୨- କେତେଦୂର କୃଷ୍ଣଚୂଡ଼ା
୩- ଦେହବର୍ଣ୍ଣାଳୀ
୪- ଶିମିଳି ସଂଧ୍ୟା
୫- ଡାକିଦେଇ ଯାଏ ସେ ଛାଇ
୬- ଖେଳ ଓ ଅନ୍ୟାନ୍ୟ ଗଳ୍ପ
୭- ଉଭାନ୍ ଫେରିବାଲା(କବିତା)
୮- ଭିତର ପୃଥିବୀ
୯- ସେଇ ଲାଲ୍ କଢ଼ି



ସ୍ୱାମୀଙ୍କ ସହ କଥାକାର ମୋନାଲିସା ମିଶ୍ର ।



ସୁଖୀ ପରିବାର : ସ୍ୱାମୀ ଓ ଦୁଇ କନ୍ୟାରତ୍ନଙ୍କ ସହ ଲେଖିକା ମୋନାଲିସା ମିଶ୍ର...



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

**ଧାରାବାହିକ ଉପନ୍ୟାସ**

**ଡ.ରତିକାନ୍ତ ବେହେରା**

# ଭିନ୍ନ ଏକ ବିଦେଶିନୀ



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୨୫**

ଏହାପରେ ବାବା ହେଲେ ନିରବ। ଜେନି କହିଲା, "ଆପଣ ମହାନ୍ ବାବା। ଏ ଅମୃତ ଦୈବୀବାଣୀରୁ ଆଉ କିଛି ମୋତେ ଶୁଣାନ୍ତୁ ବାବା। ଆପଣଙ୍କ ଦର୍ଶନ ସତରେ ମହାନ ମୋ ପାଇଁ। ଈଶ୍ୱରଙ୍କ କୃପା ଏବଂ କରୁଣା ମୋତେ ଏଥିପାଇଁ ସହାୟ ହୋଇଛି। ଏବେଠୁଁ ମୁଁ ଆପଣଙ୍କର ଶିଷ୍ୟା ହେବାକୁ ଚାହେଁ! ଅନୁଗ୍ରହ କରି ମୋତେ ସେ ଅମୃତ ସୁଯୋଗରୁ ବଞ୍ଚିତ କରନ୍ତୁ ନାହିଁ ବାବା ! ମୋତେ ଦୟା କରନ୍ତୁ।"

"ମୁଁ କାହାକୁ ଶିଷ୍ୟଭାବେ ଗ୍ରହଣ କରେନାହିଁ ମା' । ମଣିଷ ନିଜେ ହିଁ ନିଜର ଗୁରୁ ଏବଂ ଶିଷ୍ୟ ବୋଲି ମୁଁ ବିଚାର କରେ। 'ତୋହରି ମନ ତୋର ଗୁରୁ।' ଏତଦଭିନ୍ନ ତୁମେ ଯଦି କାହାର ଶିଷ୍ୟା ହେବାକୁ ଚାହୁଁଛ, ତେବେ ତୁମ ଚତୁଃପାର୍ଶ୍ୱରେ ତ ସର୍ବତ୍ର ଗୁରୁମାନେ ବିରାଜିତ ଅଛନ୍ତି। ପ୍ରତିଟି ନିର୍ଜୀବବସ୍ତୁ ହିଁ ସର୍ବଶ୍ରେଷ୍ଠ ଗୁରୁ ବନିଯାଇ ପାରନ୍ତି। ଧୂଳି ମାଟି ବାଲି ପଥର ପାହାଡ଼ ପର୍ବତ ଆକାଶ ଆଉ ସମୁଦ୍ର- ଏମାନଙ୍କ ମଧ୍ୟରେ ନିଜକୁ ଉପଲବ୍ଧି କଲେ ତୁମେ ନିରୋଗ ରହିବ ଏବଂ ମୁକ୍ତି ପାଇବ। 'ଈଶ୍ୱର ସର୍ବଭୂତାନାଂ'- ଏ ମହାନ୍ ତତ୍ତ୍ୱକୁ ଅନୁଭବ କର।"

"ହେଲା ବାବା, ହେଲା। ଆପଣଙ୍କର ଅମୃତବାଣୀ ମୋର ସର୍ବଦା ମନେ ରହିବ ବାବା। ଶେଷ ନିଃଶ୍ୱାସ ଥିବା ଯାକେ ମନେ ରଖିଥିବି।" କହିଲା ଜେନି।

"ତୁମେ ଏବେ ଆସିପାର ମା" !- ବିଦାୟ ଜଣେଇଲେ ବାବା, ଜେନିକୁ।

ଆପଣା ବସିବା ସ୍ଥାନ ଛାଡ଼ି ବାବାଙ୍କ ପାଦଧୂଳି ଆଣି ମସ୍ତକରେ ଲଗାଇଲା ଜେନି। ସେଇ ଭକ୍ତିରେ ବି କ୍ଷଣକୁ ପ୍ରଣାମ ଜଣେଇଲା ଏବଂ କହିଲା, "ଆପଣଙ୍କର ଖାଦ୍ୟପାନୀୟ ପାଇଁ କିଛି ବ୍ୟବସ୍ଥା କରିବାକୁ ଇଚ୍ଛା ହେଉଛି ଏ ଦାସୀର, ସେତକ କ'ଣ ମନା କରିବେ ବାବା ?"

"ନା, ପ୍ରସାଦ ବ୍ୟତୀତ କୌଣସି ଖାଦ୍ୟ ମୁଁ ଗ୍ରହଣ କରେ ନାହିଁ ମା"।

- ସ୍ପଷ୍ଟ ଉକ୍ତି ରଖିଲେ ଅବଧୂତ ବାବା।

ମନ୍ଦିରରୁ ପ୍ରସାଦ, ଯାହାକୁ ଆଣିବା ଜେନି ପକ୍ଷେ ସଂପୂର୍ଣ୍ଣ ଅସମ୍ଭବ। ବିଧର୍ମୀ ବୋଲି ତାକୁ ସିଂହଦ୍ୱାର ଟପିବାକୁ ଦିଆଗଲା ନାହିଁ। ବାରମ୍ବାର ବିଫଳ ହୋଇ ସିଂହଦ୍ୱାର ସମ୍ମୁଖରୁ ଫେରି ଆସିଛି ସେ। ସେଠୁ ପ୍ରସାଦ ଆଣିବା ଯେ ତା' ପକ୍ଷେ ସଂପୂର୍ଣ୍ଣ ଅସମ୍ଭବ, ଏଇ କଥା ଭାବି ଜେନି ମ୍ରିୟମ୍ରାଣ ହୋଇ ପଡ଼ିଲା। "ଆପଣ ଏଇଠି ଅଛନ୍ତି ବାବା ? ମୁଁ ଯାଇ ଖୁବ୍ ଶୀଘ୍ର ଫେରି ଆସନ୍ତି ?"- ବିନୀତ ହୋଇ ପଚାରିଲା ଜେନି।

"ଏବେ ତ ଅଛି। କିନ୍ତୁ ଆଗାମୀ ମୁହୂର୍ତ୍ତରେ ଯେ ମୁଁ ଥିବି, ଏ କଥା କହି ପାରିବି ନାହିଁ। ମନେ ରଖିବ, ଭବିଷ୍ୟତ ସର୍ବଦା ହିଁ ଭବିଷ୍ୟତ। ତାହାର କୌଣସି ନିଶ୍ଚିତତା ନାହିଁ। ମୋ ପାଇଁ ଏବଂ ତୁମ ପାଇଁ ଆଗ ମୁହୂର୍ତ୍ତକୁ କ'ଣ ଅଛି, ଆମେ କେହି ଜାଣୁନା। ତେବେ ତୁମେ ଆସ !"- କହିଲେ ବାବା।

ରାଧିକାମାତା କହୁଥିଲେ, 'ସାଧୁସନ୍ଥ ଓ ସନ୍ନ୍ୟାସୀମାନଙ୍କୁ କୌଣସି ଧନ ସଂପତ୍ତି ନୁହେଁ, ବରଂ ସେମାନଙ୍କ ଅନୁରୂପ ପାନାହାର କିମ୍ବା ପରିଧାନ ଦେଇପାରିଲେ, ସେମାନେ ଅଧିକ ପ୍ରୀତ ହୁଅନ୍ତି। ଧନ ସଂପତ୍ତିରେ ସେମାନଙ୍କର ଆଦୌ ଆକର୍ଷଣ ନଥାଏ। ଧନସଂପତ୍ତି ପରା ସର୍ବଦା ମାନବିକ ଅବିଗୁଣ ଗୁଡ଼ିକୁ ସଂପାତି ଥାଏ।'

ଏଣୁ ଜେନି ସ୍ଥିର କଲା, ବାବାଙ୍କୁ ତାଙ୍କ ଅନୁରୂପ ଦୁଇଟି ବସ୍ତ୍ରଦାନ କଲେ ସେ ନିଜକୁ ଧନ୍ୟ ମଣିବ।

ବାବାଙ୍କୁ ସେଇଠାରେ ଅଟକିବାକୁ ଅନୁରୋଧ କରି ସେ ଦଉଡ଼ିଲା ଅନତି ଦୂରରେ ଥିବା ଏକ ବସ୍ତ୍ରାଳୟ ନିକଟକୁ। ସଠିକ ଗୈରିକ ବର୍ଣ୍ଣର ଗାମୁଛା ଦୁଇଟି ସଂଗ୍ରହ କରିବାକୁ ତାକୁ ଦୁଇ ତିନୋଟି ବିପଣି ବୁଲିବାକୁ ହେଲା। ଶେଷରେ ଗୋଟେ ଦୋକାନରୁ ସଂଗ୍ରହ କଲା ବାବାଙ୍କ ଅନୁରୂପ ବସ୍ତ୍ର ଦୁଇଖଣ୍ଡ ଗାମୁଛା ଏବଂ ପୂର୍ବସ୍ଥାନକୁ ଫେରିଆସି ଦେଖେ ତ, ବାବା ଆଉ ସେଠାରେ ନାହାନ୍ତି। କେବଳ ପୂର୍ବୋକ୍ତ ଷଣ୍ଢଟି ସେଠି ଶୋଇ ଶୋଇ ଘୁମଉଛି।

ବାବାଙ୍କ ଅନୁପସ୍ଥିତି ଭୀଷଣ କଷ୍ଟଦେଲା ଜେନିକୁ। ଭାରି ଉଦାସ ହୋଇଗଲା ସେ ଏଥିପାଇଁ। ବାବା ବୋଧହୁଏ ବୁଝି ପାରିଥିଲେ ତା' ମନ ତଳର ଭାବନାକୁ। ସେ ବିଧର୍ମୀ ବୋଲି, ବାବା କ'ଣ ଜେନି ପାଖରୁ କୌଣସି ବସ୍ତୁ ଗ୍ରହଣ କରିବେ ନାହିଁ ?

ଉଦାସ ଭାବ କ୍ରମେ ବିଷର୍ଣ୍ଣତାରେ ପରିଣତ ହେଲା। ଜେନି ସେଇଠାରେ ଛିଡ଼ା ହୋଇଥିଲେ ବି ତା' ଅନ୍ତରଟା ଫାଟି ପଡୁଥିଲା ଦୁଃଖରେ। କୌଣସି ଦୁଃସ୍ଥିତିପୂର୍ଣ୍ଣ ମୁହୂର୍ତ୍ତରେ ମସ୍ତିଷ୍କର ସ୍ୱାଭାବିକ କ୍ରିୟା ତୁରନ୍ତ କୌଣସି ବିକଳ୍ପ ବ୍ୟବସ୍ଥା ଖଞ୍ଜି ଦେଇଥାଏ। ଜେନିର ମନତଳେ ଅନ୍ୟ ଏକ ସମାଧାନ ଉଦ୍‌ଭାସିତ ହେଲା। ବସ୍ତ୍ର ଦୁଇଖଣ୍ଡ ସେ ଦେଇଯିବ ବୃଷଭ ମହାରାଜଙ୍କୁ, ବାବାଙ୍କୁ ଦେଲା ବୋଲି ମନାସି।

କିନ୍ତୁ ଆଶ୍ଚର୍ଯ୍ୟ, ବାବାଙ୍କର ହଠାତ ହେଲା ଆବିର୍ଭାବ। "ଆପଣ କେଉଁଆଡ଼େ ଚାଲିଗଲେ ବାବା? ମୁଁ ନିରାଶ ହୋଇଗଲି ଆପଣଙ୍କୁ ଏଠାରେ ନଦେଖି।" - ଛୋଟ ପିଲାପରି ଅଭିଯୋଗ କରୁଥିଲା ଜେନି ବାବାଙ୍କ ନିକଟରେ।

"ଚାଲିଯାଉଥିଲି, କିନ୍ତୁ ତୁମ କଥା ଭାବି ଫେରି ଆସିଲି। ଏଇଥିପାଇଁ ଯେ ତୁମକୁ ଗୋଟେ କଥା କହିବା ମୋର ବାକି ରହିଗଲା ବୋଲି। ଆଜିଠୁ ତିନିଦିନ ଭିତରେ ତୁମର ନିଶ୍ଚିତ ସ୍ଥାନ ପରିବର୍ତ୍ତନ ହେବ। ତୁମେ ଆଉ ସେ ମଠରେ ଅବସ୍ଥାନ କରିପାରିବ ନାହିଁ।" ଖୁବ ନିଷ୍ଠୁର ଶୁଣାଗଲା ଜେନିକୁ ବାବାଙ୍କର ଏଇ କେତୋଟି ବାକ୍ୟ।

"ମଠ ଛାଡ଼ିବାରେ ମୋର ସେମିତି କିଛି ଯୋଜନା ନାହିଁ ବାବା! ଜୀବନ ବ୍ୟାପି ମୁଁ ସେଇଠାରେ ହିଁ ଅବସ୍ଥାନ କରିବି ବୋଲି ସ୍ଥିର କରି ସାରିଛି।" - ଜେନି।

"ମଣିଷର ଆଶା ଆକାଂକ୍ଷା ଓ ଯୋଜନା ଉପରେ ଜୀବନ ପର୍ଯ୍ୟବସିତ ନୁହେଁ। ଏମିତି ହେଲେ ସଂସାରଟା ସଂପୂର୍ଣ୍ଣ ବିଗିଡ଼ି ଯିବ। ପ୍ରକୃତିର ନିୟମ କିଛି ଅଲଗା। ସଂସାରରେ ସବୁକିଛି ପରିଚାଳିତ ହୁଏ ଈଶ୍ୱରଙ୍କ ଇଚ୍ଛାରେ। ମନୁଷ୍ୟ ନିମିତ୍ତ ମାତ୍ର।"- କହିଲେ ବାବା ଅବଧୂତାନନ୍ଦ।

ବାବାଙ୍କ କଥାରେ ବିଶ୍ୱାସ ଓ ଅବିଶ୍ୱାସର ମଝିରେ ଜଳ ଭଉଁରୀ ପରି ଆନ୍ଦୋଳିତ ହେଉଥିଲା ଜେନି, ଯାହା ବାହାରକୁ ଦୃଶ୍ୟ ହେଉ ନଥିଲେ ବି ମନତଳେ ତଳେ ଛପି ଯାଉଥିଲା। କିନ୍ତୁ ଜେନିର ଭାବନା ଥିଲା ଭିନ୍ନ, ବାବା କିପରି ତା' ପରି ବିଧର୍ମୀ ହାତରୁ ଏ ବସ୍ତ୍ର ଦୁଇଟି ଗ୍ରହଣ କରନ୍ତେ ବିନା ଦ୍ୱିଧାରେ ?

"ତୁମ ଭିତରେ ଥିବା ସଂଶୟଟିକୁ ତୁମେ ଦୂର କରିଦିଅ ମା'। ଈଶ୍ୱର କୌଣସି ଧର୍ମ ବା ସଂପ୍ରଦାୟ ସୃଷ୍ଟି କରି ନାହାଁନ୍ତି। ସଂସାରର ସମସ୍ତ ମାନବ ଓ ଜୀବଜନ୍ତୁ ତାଙ୍କର ଅଂଶ ବିଶେଷ। କେହି କାହାରିଠାରୁ ବଡ଼ କି ନ୍ୟୁନ ନୁହଁନ୍ତି। ତାଙ୍କ ସୃଷ୍ଟ ଷଣ୍ଢ ଏବଂ ମୁଁ ଏକାପ୍ରକାର। କେବଳ ଯାହା ଆକାର ଓ ଆକୃତିରେ ଭିନ୍ନ। ହେଉ, ତୁମର ଆଗ୍ରହକୁ ମୁଁ ଆଦରରେ ଗ୍ରହଣ କରୁଛି। ମହୋଦଧିରେ ସ୍ନାନକରି ଏ ପୁରୁଣା ଦୁଇଟିକୁ ବିସର୍ଜନ କରି ତୁମ ପ୍ରଦତ୍ତ ଏ ନୂଆବସ୍ତ୍ର ପରିଧାନ କରିବି। ମନେରଖିବ ବିଦେଶିନୀ, ଜୀବନଟା ଜହର ନୁହେଁ, ଅମୃତ। ଈଶ୍ୱର ତୁମକୁ ମଙ୍ଗଳରେ ରଖନ୍ତୁ!"- କହୁ କହୁ ତାଙ୍କର ହସ୍ତ ଉଠିଗଲା ଜେନିର ମସ୍ତକ ଉପରକୁ।

ବାବାଙ୍କୁ ବସ୍ତ୍ର ଦୁଇଖଣ୍ଡ ଦେଇସାରି ପୁଣି ଥରେ ଜେନି ପ୍ରଣିପାତ କଲା ବାବାଙ୍କୁ । ବାବା ପ୍ରସ୍ଥାନ କଲେ ତାଙ୍କ ଗନ୍ତବ୍ୟ ପଥରେ। ଜେନି ଛିଡ଼ା ହୋଇ ଛଳଛଳ ଆଖିରେ ଦେଖୁଥିଲା ବାବାଙ୍କୁ, ଆଖିର ଅନ୍ତରାଳକୁ ଚାଲିଯିବା ପର୍ଯ୍ୟନ୍ତ।

**॥ ଗୋପପୁର ॥**

ଏ ଘଟଣାର ଦୁଇଦିନ ପରେ ସତକୁ ସତ ପୁରୀ ସହରରୁ ଜେନି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଯାହାର ସାମାନ୍ୟତମ ସୂଚନା କେହି ପାଇପାରି ନଥିଲେ। ଅତଃପର ଏଠାରେ ଆତଯାତ ହେଉଥିବା ଲୋକଙ୍କ ଆଖିକୁ ସେ ବିଦେଶିନୀ ଆଉ ଦୃଶ୍ୟ ହେଲେନାହିଁ। ଅଗଣିତ ଲୋକଙ୍କ ଭିତରୁ ସ୍ୱଷ୍ଟ ବାରିହୋଇ ପଡୁଥିବା ଜେନି କେମିତି ଓ କାହିଁକି ଅଦୃଶ୍ୟ ହୋଇଯାଇଥିଲା, ତାହା ବୁଝିପାରୁ ନଥିଲେ ପୁରୀବାସୀ। ହୁଏତ ସେ ବିଦେଶିନୀ ଜଣକ ସ୍ଥାନାନ୍ତରରେ ଯାଇଥାଇ ପାରନ୍ତି କିମ୍ବା ତାଙ୍କ ଭିସାର ଅବଧି ପୂରି ଯାଇଥିବା ହେତୁ ସେ ଆପଣା ଦେଶକୁ ବାହୁଡ଼ି ଯାଇଥାଇ ପାରନ୍ତି- ଏମିତି ଏକ ଆପାତଃ ଧାରଣା ନେଇ ଚୁପ୍ ହୋଇ ଯାଇଥିଲେ ଏମାନେ।

କିନ୍ତୁ ଅନ୍ୟମାନଙ୍କ ପରି ଏମିତି କିଛି ଭାବୁ ନଥିଲେ ଇସ୍‌କନ୍ ମଠର ସନ୍ନ୍ୟାସିନୀ ରାଧିକାମାତା। ଜେନି ତାଙ୍କୁ କିଛି ନ କହି ନ ବୋଲି ହଠାତ୍ ଏମିତି ଅଦୃଶ୍ୟ ହୋଇଯିବାକୁ ସେ ଆଦୌ ସହଜରେ ଗ୍ରହଣ କରିପାରୁନଥିଲେ। ଆଶଙ୍କାରେ ଜର୍ଜରିତା ହୋଇ ପଡୁଥିଲେ ବେଳେବେଳେ। କର୍ମ ରହିତ କିମ୍ବା ଧ୍ୟାନାସୀନ ଅବସ୍ଥାରେ ଜେନି କଥା ମନେପଡ଼ିଲେ ତାଙ୍କ ଚେତନାରେ ଉଦ୍‌ଭାସିତ ହୋଇ ଉଠୁଥିଲା ସମୁଦ୍ର ଓ ତା'ର ଉତ୍ତାଳ ତରଙ୍ଗମାଳା, ଯାହା ତାଙ୍କ ମସ୍ତିଷ୍କକୁ ବୁଢ଼ିଆଣି ଜାଲପରି ଛନ୍ଦି ଦେଉଥିଲା। ମନେପଡୁଥିଲା ଜେନିର ଗୋଟିଏ କଥା, 'ମୋତେ ବେଳେ ବେଳେ ସମୁଦ୍ର ଆହ୍ୱାନ କରୁଛି ଦିଦି। କାହିଁକି କେଜାଣି, ତା'ର ଉତ୍ତାଳ ତରଙ୍ଗମାଳା ବାଉଳା କରି ଦେଉଛି ମୋତେ। ପୁଲକ ଭରି ଦେଉଛି ହୃଦୟରେ। ଦୁଇବାହୁ ପ୍ରସାରିତ କରି ସେ ଡାକୁଛି ମୋତେ କୋଳ କରିବାକୁ। କ'ଣ ଏହାର କାରଣ ହୋଇପାରେ ?'

ସେଦିନ ଜେନିର ଏମିତି କଥାରେ ସ୍ତବ୍ଧ ଓ ବିମୂଢ଼ ବନି ଯାଇଥିଲେ ରାଧିକା ମାତା। ଆତଙ୍କିତ ହୋଇ ଜିଭ କାମୁଡ଼ି ପକେଇଥିଲେ ସେ। ଏମିତି କ'ଣ କହୁଛି ଜେନି ? ସତରେ କ'ଣ ସମୁଦ୍ର ତାକୁ ଡାକୁଛି କୋଳ କରିବାକୁ ନା ଜେନି ଖୁବ୍ ବେଶି ହତାଶ ହୋଇ ପଡ଼ିଛି ? ବୁଝେଇଲେ, "ଧୈର୍ଯ୍ୟ ପ୍ରତି ଏତେବେଶି ବିମୁଖ ହୁଅନାହିଁ ଜେନି। ନଚେତ୍ ପ୍ରଭୁଙ୍କ ଉପରେ ଥାପିଥିବା ବିଶ୍ୱାସ ଭାଙ୍ଗିଯିବ। ତାଛଡ଼ା ସମୁଦ୍ର ଭାରି ଦୁଷ୍ଟ ଓ ଭୟଙ୍କର। ପ୍ରତିନିୟତ ସେ କାହାରିକୁ ନା କାହାରିକୁ ଅସତର୍କ ମୁହୂର୍ତ୍ତରେ ଆକର୍ଷିତ କରିନେଇ ଯାଇଥାଏ ନିଜ ଗର୍ଭକୁ। ଆଦୌ ବିଶ୍ୱାସଯୋଗ୍ୟ ନୁହେଁ ସେ। ଏବେ ସେ କୂଳ ଲଂଘି ଆସିବାକୁ ପଣ କରିଛି। ଆଗ ଅପେକ୍ଷା ଭାରି ଭୟଙ୍କର ଦିଶିଲାଣି ତା'ର ରୂପ। ଭୁଲ୍‌ରେ ବି ତା' କୂଳ ଛୁଇଁ ଛିଡ଼ାହେବ ନାହିଁ ତୁମେ। ତା'ଠାରୁ ଦୂରେଇ ରହିବ ସର୍ବଦା।"

ଏ ସବୁ କଥାକୁ ମନେ ପକାଇ ରାଧିକାମାତାଙ୍କ ମନ ଘନକୁହୁଡ଼ିର ଆସ୍ତରଣ ପରି ସଂଶୟାଚ୍ଛନ୍ନ ହୋଇପଡ଼ିଥିଲା । ତଥାପି ନିଜ ଆଶଂକାକୁ ଲଗାମ ଦେଇଥିଲେ ସେ। ମଠରେ କାହା ସମ୍ମୁଖରେ ଏହା ପ୍ରକଟ କରୁ ନଥିଲେ। କାରଣ ତାଙ୍କ ବିଚାରରେ ଆଶଂକା କେବଳ ଆଶଂକା ହିଁ। ସତ୍ୟ ପ୍ରକଟ ନ ହେବାଯାଏ ପ୍ରତୀକ୍ଷା କରିବା ବିଜ୍ଞତାର ପରିଚାୟକ ହେବ ନିଶ୍ଚୟ।

ପ୍ରକୃତରେ ଜେନିର ଅନ୍ତର୍ଦ୍ଧାନ ହୋଇଯିବା ପଛରେ ଭିନ୍ନ ଏକ କାରଣ ନିହିତ ଥିଲା। ସେଦିନ ପୂର୍ବାହ୍ନରେ ମଠରୁ ବାହାରି ସେ ଚାଲି ଆସିଥିଲା ମାଉସୀ ମା' ମନ୍ଦିର। ତା' ମନ ଭିତରୁ ଅଦ୍ୟାବଧି ଲିଭି ନଥିଲା ଅବଧୂତ ବାବାଙ୍କ ପ୍ରସଂଗ। ଷଣ୍ଢକୁ ଆଶ୍ରୟ କରି ବଡ଼ଦାଣ୍ଡରେ ଶୋଇପଡ଼ିବା, ତାଙ୍କ ପାଖରୁ ତତ୍ତ୍ୱ ଓ ଦର୍ଶନ ଶୁଣିବା ପର୍ଯ୍ୟନ୍ତ ସମସ୍ତ ଦୃଶ୍ୟ ଓ ଘଟଣା ସିନେମାର ଛବି ପରି ଚକ୍‌ଚକ୍ କରୁଥିଲା ତା' ମନ ସରସୀରେ।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ଆଧୁନିକୀକରଣ କେତେ ଉପଯୋଗୀ ?

**ପ୍ରତିଭା ଦାଶ**



ଯୁଗ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଆମ ଦୁନିଆ ମଧ୍ୟ ଆଧୁନିକୀକରଣ ହୋଇଛି । ବିଜ୍ଞାନର ଯେତେ ପ୍ରଗତି ହେଉଛି ଜଗତରେ ଲୋକଙ୍କର ପ୍ରଗତି ସହ କୁକର୍ମ ସେତେ ବଢ଼ି ବଢ଼ି ଯାଉଛି । ଆଜିର ମଣିଷ ପୁରାତନ ଚଳଣୀର ଉପକାରିତା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । ମଣିଷ ନିଜ ସୁବିଧା ଅନୁଯାୟୀ ନିଜ କର୍ମକୁ ସହଜ ଓ ସରଳ କରିବା ପାଇଁ ଆଧୁନିକ ବୈଷୟିକ ଯନ୍ତ୍ରପାତି ତଥା ବିଜ୍ଞାନ କୌଶଳକୁ ବ୍ୟବହାର କରୁଛି । ବିଜ୍ଞାନର ପ୍ରଗତି ଏତେ ପରିମାଣରେ ବୃଦ୍ଧି ପାଉଛି ଯେ ତା'କୁ ମଣିଷ ଅନୁକରଣ ନ କଲେ ଏଇ ଦୁନିଆରେ ପଛରେ ରହିଯିବ । ପୂର୍ବରୁ ପରିବାରରେ ଶିଶୁଟି ଜନ୍ମ ଗ୍ରହଣ କଲେ କିମ୍ବା କାହାର ମୃତ୍ୟୁ ହେଲେ ଚିଠି ମାଧ୍ୟମରେ ତାଙ୍କ ସମ୍ପର୍କୀୟଙ୍କ ନିକଟକୁ ପଠାଉଥିଲେ । ଯାହାକି ପାଞ୍ଚ ଛଅ ଦିନରେ ପହଞ୍ଚୁଥିଲା । ମାତ୍ର ଏବେ ମୋବାଇଲ, ଫୋନ ମାଧ୍ୟମରେ ଏକ ସେକେଣ୍ଡରେ ମାଇଲ ମାଇଲ ଦୂରକୁ ଖବର ପହଞ୍ଚା ଯାଇପାରୁଛି । ଆଜିର ମଣିଷ ଚିଠିର ବ୍ୟବହାର କ'ଣ ଜାଣିପାରୁନି । ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ଲୋକମାନେ ଶଗଡ଼ ଗାଡ଼ିରେ ବା ଚାଲି ଚାଲି ଯାଉଥିଲେ । ଧିରେ ଧିରେ ସାଇକେଲର ବ୍ୟବହାର କଲେ । ଗମନାଗମନର ଏତେ ସୁବିଧା ମଧ୍ୟ ନ ଥିଲା । ସେଥିପାଇଁ ବେଶୀ ଦୂରକୁ ଯାଇ ପାରୁ ନ ଥିଲେ। ବିଜ୍ଞାନର ପ୍ରଗତି ସହ ଯାନବାହାନର ସଂଖ୍ୟା ବୃଦ୍ଧି ଏବଂ ସମୁଦ୍ର ଭିତରେ, ଆକାଶ ମାର୍ଗରେ, ରାସ୍ତାଘାଟରେ ଯିବା ପାଇଁ ବିଭିନ୍ନ ଯାନର ଆବିଷ୍କାର ହୋଇଛି । ଲୋକେ ଅତି କମ୍ ସମୟରେ ଦୂର ଦୂରାନ୍ତର ସ୍ଥାନକୁ ଯାଇପାରୁଛନ୍ତି ।

ମଣିଷ ଗୋଟିଏ ଗ୍ରହରୁ ଅନ୍ୟ ଗ୍ରହକୁ ପହଞ୍ଚି ସାରିଲାଣି । ଡେଣା ନ ଥାଇ ମଧ୍ୟ ଆକାଶ ମାର୍ଗରେ ଯାଇ ଅନ୍ୟ ଗ୍ରହ, ଉପଗ୍ରହରେ ପଦାର୍ପଣ କଲାଣି । ଘଞ୍ଚ ଅରଣ୍ୟ ଯେଉଁଠି ହିଂସ୍ର ଜନ୍ତୁଙ୍କର ବାସସ୍ଥଳୀ ଥିଲା ,ମଣିଷ ସେଠାକୁ ଯିବାକୁ ଡରୁଥିଲା । ଆଜି ତାହା ସଫା କରି ଚାଷ ଜମି, କଳକାରଖାନା ନିର୍ମାଣ, ରାସ୍ତାଘାଟ ତିଆରି କଲାଣି ।

ଜନସଂଖ୍ୟା ବୃଦ୍ଧି ଯୋଗୁଁ ଚାଷ ଜମି ଓ ଜଙ୍ଗଲର ପରିମାଣ ହ୍ରାସ ପାଇଛି ମାତ୍ର ରାସ୍ତାଘାଟ, କଳକାରଖାନା, ଯାନବାହାନ, ଗୃହ ଆଦି ବଢିବାରେ ଲାଗିଛି । ଯାହାକି ଆମ ପରିବେଶକୁ ଦୂଷିତ କରୁଛି । ଆମ ଦେହଟି ରୋଗର ଗନ୍ତାଘର ପାଲଟି ସାରିଲାଣି । ସମାଜରେ ଅପମୃତ୍ୟୁର ସଂଖ୍ୟା ବଢି ବଢି ଚାଲିଛି । ଅକାଳରେ ମୃତ୍ୟୁ ଯୋଗୁଁ ପରିବାରର ସଦସ୍ୟ ନିଃସହାୟରେ ବଞ୍ଚୁଛନ୍ତି ।ଜଙ୍ଗଲ ହ୍ରାସ ଯୋଗୁଁ ପୃଥିବୀ ନିଆଁରେ ଜଳୁଛି । ଅଂଶୁଘାତ ପାଇଁ ମୃତକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି । ପଶୁପକ୍ଷୀଙ୍କ ଉପଯୁକ୍ତ ବାସସ୍ଥଳୀ ଓ ଖାଦ୍ୟପେୟ ଅଭାବରୁ ତାଙ୍କର ବଂଶ ଲୋପ ପାଉଛି । ବଣ୍ୟଜନ୍ତୁ ଗାଁସହର ମୁହାଁ ହେଉଛନ୍ତି । ଠିକ୍ ସମୟରେ ଆମକୁ ବର୍ଷା ଜଳ ମିଳି ପାରୁନି । ଯଦ୍ୱାରା ଚାଷ କର୍ମରେ ବ୍ୟାଘାତ ସୃଷ୍ଟି ହେଉଛି । ମରୁଡ଼ି, ଦୁର୍ଭିକ୍ଷ ଆଦି ସମସ୍ୟା ବହୁ ସମୟରେ ଉପୁଜୁଛି । ଯାହା ଆମ ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପଡୁଛି । ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ ହୋଇ ପାରୁନି ତେଣୁ ବୈଦେଶିକ ମୁଦ୍ରା ଆମଦାନୀରେ ଆମେ ପଛେଇ ଯାଉଛୁ । ଦାରିଦ୍ର୍ୟ ସମସ୍ୟା ମଧ୍ୟ ବଢି ବଢି ଯାଉଛି । ଯାହା ଫଳରେ ବେକାରୀ ସମସ୍ୟା ଯୋଗୁଁ ଚୋରୀ, ଡ଼କାୟତୀ, ହିଂସା , ହତ୍ୟା, ନିଶା ସେବନ ସହ ନିଶା କାରବାର ବୃଦ୍ଧି ହେଉଛି ।

ଜନସଂଖ୍ୟା ବୃଦ୍ଧି ଏବଂ ଚାଷ ଜମି ହ୍ରାସ ଯୋଗୁଁ ଉତ୍ପାଦିତ ଦ୍ରବ୍ୟ ଚାହିଦା ଅନୁଯାୟୀ ଯୋଗାଣ ହୋଇ ପାରୁନି । ସେଥିରେ ପୁଣି ବର୍ଷାର ଅନିୟମିତତା । ସେଥିପାଇଁ ଚାଷୀ ଅଧିକ ଅମଳ ପାଇଁ ବିଭିନ୍ନ ପ୍ରକାର ଔଷଧ,ସାର ବ୍ୟବହାର କରୁଛି । ଫଳକୁ ପଚେଇବା ପାଇଁ କେଲସିୟମ୍ କାର୍ବାଇଡ୍ ନାମକ ବିଷାକ୍ତ ଔଷଧ ବ୍ୟବହାର କରାଯାଉଛି । ଯାହାକି ମଣିଷ ଖାଇ ବିଭିନ୍ନ ରୋଗର ଶିକାରର ସମ୍ମୁଖୀନ ହେଉଛି । କହିବାକୁ ଗଲେ ମଣିଷର ଲୋଭ ରୂପକ କୁକର୍ମ ଯୋଗୁଁ ମଣିଷ ହିଁ ଦୁଃଖର ଭାଗୀଦାର ବନୁଛି । ମଣିଷର ଶତ୍ରୁ ମଣିଷ ସାଜିଛି । ଠିକ୍ ସେହିପରି ଶିଳ୍ପ କାରଖାନାଗୁଡ଼ିକରୁ ନିର୍ଗତ ବିଷାକ୍ତ ଗ୍ୟାସ ବାୟୁ ମଣ୍ଡଳକୁ ଦୂଷିତ କରୁଛି । ତାକୁ ମଣିଷ ପ୍ରଶ୍ୱାସରେ ନେଇ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହେଉଛି । ସେଥିରୁ ନିର୍ଗତ ପାର୍ଉଶ ଓ ଦୂଷିତ ଜଳ ମୃତ୍ତିକାକୁ ପ୍ରଦୂଷଣ କରୁଛି । ଯାନବାହନ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ସହ ଲୋକଙ୍କ ଅସତର୍କତା ଏବଂ ଅଜ୍ଞାନତା ଯୋଗୁଁ ବହୁ ଦୁର୍ଘଟଣା ମଧ୍ୟ ଘଟୁଛି ।

ମୋବାଇଲ, ଟେବଲେଟ ମଧ୍ୟ କମ୍ ମାରାତ୍ମକ ନୁହଁ । ଶିକ୍ଷାର୍ଥୀମାନେ ପାଠପଢ଼ା ଛାଡ଼ି ସେଥିରେ ବ୍ୟସ୍ତ ରହୁଛନ୍ତି । ହଁ ସବୁ ଜିନିଷର ସୁଗୁଣ ଓ ଦୁର୍ଗୁଣ ରହିଛି । ହେଲେ ମଣିଷର ମନ ଏମିତି ଯେ ଯାହା ମନା କରିବେ ସେଇଟା ସେ କରିବ । ସେଥିରେ ଶିକ୍ଷଣୀୟ ଜିନିଷ ମଧ୍ୟ ରହିଛି । ଘରେ ବସି ଜଣେ ଲୋକ ୟୁଟ୍ୟୁବରେ ପ୍ରସାରିତ ବିଭିନ୍ନ ଶିକ୍ଷଣୀୟ ଚେନାଲ ମାଧ୍ୟମରେ ପଢ଼ି ଡ଼କ୍ଟର, ଇଞ୍ଜିନିୟର , ଶିକ୍ଷକ ଆଦି ବିଭିନ୍ନ ଚାକିରୀର ପରୀକ୍ଷାରେ କୃତକାର୍ଯ୍ୟ ହୋଇ ପାରିବ । ହେଲେ ସେ ରିଲସ୍ , ଇନଷ୍ଟାଗ୍ରାମ୍, ଫେସ୍ ?ବୁକ୍, ହ୍ୱାଟସ ଅଫ, ବିଭିନ୍ନ ପ୍ରକାର ଅନଲାଇନ୍ ଗେମ୍ ରେ ବ୍ୟସ୍ତ ରହୁଛି । ଛୋଟ ସମୟରୁ ସେ ବହୁତ କିଛି ଯାବତୀୟ ଜିନିଷ ଶିଖି ଯାଉଛି ଯାହା ତା' ପାଇଁ ନୁହଁ । ପରିବାର ଲୋକେ ମୋବାଇଲ ବ୍ୟବହାର କରିବାକୁ ମନା କଲେ ମରିବାର ଧମକି ଦେଉଛି । ଆଉ କୌଣସି କୌଣସି ଜାଗାରେ ଆତ୍ମହତ୍ୟା ମଧ୍ୟ କରୁଛନ୍ତି । ଅନ୍‌ଲାଇନ ଗେମ୍ ଯୋଗୁଁ ବହୁ ଶିକ୍ଷାର୍ଥୀ ମରିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଓ ପଢ଼ିବା ଆଡୁଆଳରେ ବ୍ଲୁ ଫିଲ୍ମ ଦେଖୁଛନ୍ତି । ସମୟ ସମୟରେ ତାଙ୍କ ଭୁଲ ଯୋଗୁଁ ପଇସା ମଧ୍ୟ ବାପାମାଙ୍କୁ ହରାଇବାକୁ ପଡୁଛି ।

ଆଧୁନିକ ଉପକରଣ ତିଆରି କରିବାର ଲକ୍ଷ୍ୟ ଅଲଗା । ମାତ୍ର ଆଜିର ମଣିଷ ତାକୁ କୁକର୍ମରେ ବ୍ୟବହାର କରୁଛି । ଅନ୍ୟକୁ ଧ୍ୱଂସ କରିବା, ଅନ୍ୟର ଅମଙ୍ଗଳ ଚିନ୍ତାଧାରାରେ ତାହା ବ୍ୟବହୃତ ହେଉଛି ଯେମିତି ପରମାଣୁ ବୋମା । ସବୁ ଆଧୁନିକ ହେଉଛି ହେଲେ ତାହାର କୁପ୍ରଭାବ ଏଇ ପୃଥିବୀ ବାସୀଙ୍କ ଉପରେ ଏକ ଅଭିଶାପ ମଧ୍ୟ ହେଉଛି । ଯେ ପର୍ଯ୍ୟନ୍ତ ମଣିଷ ଜାଗ୍ରତ ହେବ ନାହି ଏଇ ପରିସ୍ଥିତି ସହ ମୁକାବିଲା କରି ପାରିବ ନାହିଁ । ପରିବେଶକୁ ସନ୍ତୁଳନ ରଖିବା ପାଇଁ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଇବାର ଆବଶ୍ୟକତା ରହିଛି । ଆଜିର ଶିଶୁଙ୍କୁ ଠିକ୍ ରାସ୍ତାକୁ ଆଣିବା ପାଇଁ ଉପଯୁକ୍ତ ଗାଇଡ୍ ଦରକାର ଏବଂ ଆମ ପରିବେଶକୁ ନିଶାମୁକ୍ତ କରି ଏକ ସ୍ୱଚ୍ଛ ନିର୍ମଳ କରିବାକୁ ପଡ଼ିବ । ତାପରେ ଯାଇ ଏଇ ପୃଥିବୀ ପୁଣି ହସି ଉଠିବ ।

♥ ନୂଆପଡ଼ା
(ମୋ) ୭୮୯୪୫୨୮୪୯୩

**ଯୁଧିଷ୍ଠିର ମହାରଣା**



# ଅଳିଆ ଗଦାରେ ପଡ଼ିଛି ମେହନତିଙ୍କ ସାମ୍ବିଧାନିକ ଅଧିକାର

**ବର୍ତ୍ତମାନ ଓଡ଼ିଶାରେ ବିଜୁଳିକୁ ନେଇ ହା ହାକାର ପରିସ୍ଥିତି, ଏପଟେ ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ନିଜ ବିଜ୍ଞାପନର ଢ଼ୋଲ ବାଡଉଛି କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଭିନ୍ନ। ଟାଟା ପାୱାର ଅଧୀନରେ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରି, ବିଦ୍ୟୁତ ବିଭାଗରେ ଭିତ୍ତିଭୂମିର ସଂପ୍ରସାରଣ ହେଉଥିଲେ ମଧ୍ୟ ବୈଷୟିକ ମାନବ ଶକ୍ତିର ବିରାଟ ହ୍ରାସ ଘଟିଛି ଯାହାର ଫଳ ସ୍ୱରୂପ ରାଜ୍ୟରେ ଜରୁରୀ କାଳୀନ ସେବା ଗୁଡ଼ିକ ଏକ ପ୍ରକାର ଠପ ହୋଇଯାଇଛି। ଓଡ଼ିଶାରେ ସରକାର ବଦଳିଲା ପରେ ବିଶେଷକରି ସମାଜର ତଳ ବର୍ଗର, ରାତି ପାହିଲେ ଝାଳ ବୁହାଇ ଦୁଇ ପଇସା ରୋଜଗାର କରୁଥିବା ମେହନତୀ ବର୍ଗର ଲୋକ ବରଂ ବେଶୀ ଶୋଷିତ, ଉପକ୍ଷିତ ଓ ନିର୍ଯ୍ୟାତୀତ ହେଉଛନ୍ତି।**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାମ। ଓଡ଼ିଶା ପୂର୍ବ ଭାରତର ବିକାଶର ମୁଖଶାଳା। ଏହିପରି ଅନେକ ମନକୁ ଛୁଇଁଲାପରି ପେଟ ପୁରି ଯାଉଥିବା ପରି କଥା ସବୁ ଶୁଣୁଛୁ। କିନ୍ତୁ ବାସ୍ତବ କଥା ହେଉଛି ବିକାଶର ଝଲକ, ଚାକଚକ୍ୟତାର ଦେଖାଣିଆ ବଡ଼ପଣ ଭିତରେ ସାମ୍ବିଧାନିକ ଅଧିକାର ଏକ ପ୍ରକାର ଧୂଳି ଚାଟୁଛି କହିଲେ ଅତ୍ୟୁକ୍ତି ହେବନାହିଁ। ରାଜଧାନୀ ଭୁବନେଶ୍ୱରର ଗାନ୍ଧୀ ମାର୍ଗରେ ଅହିଂସା ପ୍ରତିବାଦସ୍ୱରୂପ ଐତିହାସିକ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଗତ ଅଠର ମେ ରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ଦଶହଜାରରୁ ଊର୍ଦ୍ଧ୍ୱ ଆଉଟ ସୋର୍ସିଂ ଓ ଠିକା କର୍ମଚାରୀ ସେମାନଙ୍କର ଜୀବିକା ଓ ସମ୍ମାନ ରଖିବା ପାଇଁ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି। ଏହି ପ୍ରତିବାଦ କେବଳ ମଜୁରୀ ବଢ଼ାଇବା ପ୍ରସଙ୍ଗ ନୁହେଁ ଏହାର ପ୍ରାଥମିକତା ହେଉଛି ଶ୍ରମିକ ମାନଙ୍କୁ କେବଳ ୟୁଜ୍ ଆଣ୍ଡ ଥ୍ରୋ ପରି ଏକ ସାମଗ୍ରି ଭାବରେ ସେମାନଙ୍କୁ ବର୍ଷ ବର୍ଷ ଧରି ଖଟାଇ ଯେଉଁଭଳି ନ୍ୟାର୍ଯ୍ୟ ହକ୍ ପ୍ରାପ୍ୟରୁ ବଞ୍ଚିତ କରୁଛନ୍ତି ଏହା ମାନବିକତା ବିରୁଦ୍ଧ ନୁହେଁ କି ? ଏକ ପରିସଂଖ୍ୟନର ତଥ୍ୟରୁ ଜାଣିବାକୁ ମିଳିଛି ଗତ ଦୁଇ ବର୍ଷ ଭିତରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ସ୍ୱାସ୍ଥ୍ୟ ସେବା ଠାରୁ ବିଦ୍ୟୁତ, ନିର୍ମାଣ ଠାରୁ ଖଣି, ଇସ୍ପାତ ଠାରୁ ଯୋଗାଯୋଗ ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପନ୍ଦର ହଜାରରୁ ଊର୍ଦ୍ଧ୍ୱ ଏହି ମେହନତୀ ଶ୍ରମିକବର୍ଗ କର୍ମ ହରାଇଛନ୍ତି।

ବର୍ତ୍ତମାନ ଓଡ଼ିଶାରେ ବିଜୁଳିକୁ ନେଇ ହା ହାକାର ପରିସ୍ଥିତି, ଏପଟେ ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ ଭାବେ ସର୍ବଭାରତୀୟ ସ୍ତରରେ ନିଜ ବିଜ୍ଞାପନର ଢ଼ୋଲ ବାଡଉଛି କିନ୍ତୁ ବାସ୍ତବ କଥା ସମ୍ପୂର୍ଣ୍ଣ ଭିନ୍ନ। ଟାଟା ପାୱାର ଅଧୀନରେ ବିଦ୍ୟୁତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ଛଟେଇ କରି, ବିଦ୍ୟୁତ ବିଭାଗରେ ଭିତ୍ତିଭୂମିର ସଂପ୍ରସାରଣ ହେଉଥିଲେ ମଧ୍ୟ ବୈଷୟିକ ମାନବ ଶକ୍ତିର ବିରାଟ ହ୍ରାସ ଘଟିଛି ଯାହାର ଫଳ ସ୍ୱରୂପ ରାଜ୍ୟରେ ଜରୁରୀ କାଳୀନ ସେବା ଗୁଡ଼ିକ ଏକ ପ୍ରକାର ଠପ ହୋଇଯାଇଛି। ଓଡ଼ିଶାରେ ସରକାର ବଦଳିଲା ପରେ ବିଶେଷକରି ସମାଜର ତଳ ବର୍ଗର, ରାତି ପାହିଲେ ଝାଳ ବୁହାଇ ଦୁଇ ପଇସା ରୋଜଗାର କରୁଥିବା ମେହନତୀ ବର୍ଗର ଲୋକ ବରଂ ବେଶୀ ଶୋଷିତ, ଉପକ୍ଷେତ ଓ ନିର୍ଯ୍ୟାତିତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ଓଡ଼ିଆ କୁଶଳୀ ଓ ସ୍ଥାନୀୟ ଶ୍ରମିକଙ୍କ ତୁଳନାରେ ବାହାର ଲୋକଙ୍କୁ ପ୍ରାଥମିକତା ଦିଆଯାଉଛି। ଦଶରୁ ପନ୍ଦର ବର୍ଷ ଧରି ଯେଉଁମାନେ ଦକ୍ଷ ଶ୍ରମିକ ଯୋଗ୍ୟ ହୋଇପାରିଥିଲେ ସେମାନେ ସ୍ଥାୟୀ ମାନ୍ୟତା ପାଇବା ବଦଳରେ ସେମାନଙ୍କ ଚାକିରୀ ଛୁଟି କରାଯାଉଛି। ଏହି ଆନ୍ଦୋଳନ ପାଇଁ ସହଯୋଗ, ସମର୍ଥନ ଯୋଗାଉଛନ୍ତି ସେହି ମେହନତି ଖଟିଖିଆଙ୍କ ସୁଖଦୁଃଖକୁ ଚିନ୍ତା କରୁଥିବା ଭାରତୀୟ ମଜଦୁର ସଂଘର ସଭାପତି ବାଦଲ କୁମାର ମହାରଣା, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ବରିଷ୍ଠ ଟ୍ରେଡ ୟୁନିୟନର ନେତା ଏ. ଶ୍ରୀନିବାସ ରାଓ, ଡାକ୍ତର ମହାନ୍ତ ଏବଂ ପାର୍ଥସାରଥୀ ମହାନ୍ତି ପ୍ରମୁଖ। ସେହିପରି ଏନଏଫଆଇଟିୟୁର ରାଜ୍ୟ ସଭାପତି ପ୍ରଶାନ୍ତ ପାଢ଼ୀ ଏବଂ ଉପସଭାପତି ନୃସିଂହ ଚରଣ ମିଶ୍ର ଏବଂ ଫାର୍ମାସ୍ୟୁଟିକାଲ ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ପ୍ରତାପ ମିଶ୍ର ପ୍ରମୁଖ।

ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଦେଶର ସମସ୍ତ ସରକାରଙ୍କୁ ଆଗାମୀ ତିନି ମାସ ମଧ୍ୟରେ ଆଉଟ ସୋର୍ସିଂ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏକ୍ଷେତ୍ରରେ ଓଡ଼ଶା ସରକାର ପ୍ରସଙ୍ଗକୁ ଆଖି ବୁଜି ଦେଇଥିବାବେଳେ ମାନ୍ୟବର ସୁପ୍ରିମ କୋର୍ଟ ତାଙ୍କ ଐତିହାସିକ ରାୟରେ ନିୟନ୍ତ୍ରିତ କରଣ ଅର୍ଥାତ୍ ସ୍ଥାୟୀ ମାନ୍ୟତା ପ୍ରଦାନ ନୀତିକୁ ସମର୍ଥନ କରିଛନ୍ତି। ସୂଚନାଥାଉକି, ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଶ୍ରମିକ ମାନଙ୍କୁ ଏକ ଶକ୍ତିଶାଳୀ ତଥା ମଜଭୁତ ଆଇନଗତ ଅସ୍ତ୍ର ପ୍ରଦାନ କରିଛି। ମାନ୍ୟବର କୋର୍ଟ ଏହା ମଧ୍ୟ ସୁସ୍ପଷ୍ଟ କରିଛନ୍ତିଯେ ଦଶ ବର୍ଷା କିମ୍ବା ତା ଠାରୁ ଅଧିକ ସମୟପାଇଁ ଚୁକ୍ତି ଭିତ୍ତିକ କିମ୍ବା ଆଉଟ ସୋର୍ସିଂ ଆଧାରରେ କାର୍ଯ୍ୟ କରିଥିବା କର୍ମଚାରୀ ମାନଙ୍କୁ ସ୍ଥାୟୀ ମାନ୍ୟତା ପ୍ରଦାନ କରିବା ଜରୁରୀ। ଏହି ରାୟ ସମ୍ବିଧାନର ଧାରା ୧୪ ଯାହାକି ସମାନତାର ଅଧିକାର ଏବଂ ଧାରା ୨୧ ଯାହାକି ବଞ୍ଚି ରହିବାର ଅଧିକାର ପରିସରଭୁକ୍ତ ଏହା ହିଁ ଶ୍ରମିକ ମାନଙ୍କ ସପକ୍ଷରେ ଯାଇଛି। ସମସ୍ତ ରାଜ୍ୟ ଓ ବିଭାଗକୁ ଯୋଗ୍ୟ ଶ୍ରମିକ ମାନଙ୍କୁ ଚିହ୍ନଟ କରି ତିନି ମାସ ମଧ୍ୟରେ ନିୟନ୍ତ୍ରିତକରଣ ପ୍ରକ୍ରିୟା ସମାପ୍ତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ଦୁନିଆରେ ଆପୋଷ ଆଲୋଚନାରେ ଅନେକ କିଛିର ସମାଧାନ ହୋଇଥାଏ, ବାଟ ମିଳିଥାଏ କିନ୍ତୁ ଦୁର୍ଭାଗ୍ୟର ବିଷୟ ସରକାର ଦମନର ଆଶ୍ରୟ ନେଉଛନ୍ତି। ଖର୍ଚ୍ଚକାଟ ନାମରେ ସମସ୍ତଙ୍କୁ ଏକ ପ୍ରକାର ଶୋଷଣ ଏବଂ ଛଟେଇ କରାଯାଉଛି। ଏନଏଫଆଇଟିୟୁର ମୂଳ ଲକ୍ଷ୍ୟ ହେଉଛି ଜାତୀୟ ସ୍ୱାର୍ଥ, ଶିଳ୍ପ ସ୍ୱାର୍ଥ ଓ ଶ୍ରମିକଙ୍କ ସ୍ୱାର୍ଥ। ଆମେ ସମସ୍ତେ ଭୁଲି ଯାଉଛେ ଶ୍ରମ ଶକ୍ତି ବା ମାନବ ସମ୍ବଳ ଯେକୌଣସି ଶିଳ୍ପର ସବୁଠାରୁ ବଡ଼ ସମ୍ପତ୍ତି। ସେମାନଙ୍କୁ ଅସୁରକ୍ଷିତ ରଖିବା ଅର୍ଥ ଜାତୀୟ ଅର୍ଥନୀତିକୁ ଦୁର୍ବଳ କରିବା। ଏ କ୍ଷେତ୍ରରେ ଓଡ଼ିଶା ସରକାର ଓ ଶ୍ରମିକ ପ୍ରତିନିଧିଙ୍କ କ୍ଷେତ୍ରରେ ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ବିନା ସର୍ତ୍ତରେ ସମସ୍ତ ଛଟେଇ ହୋଇଥିବା ଶ୍ରମିକଙ୍କୁ ତୁରନ୍ତ କାର୍ଯ୍ୟ କ୍ଷେତ୍ରକୁ ଫେରାଇ ଅଣାଯାଉ। ସାମାଜିକ ସୁରକ୍ଷା ଭାବରେ ବୈଧାନିକ ମଜୁରୀ ସହିତ ଇପିଏଫ ଓ ଇଏସଆଇ ଭଳି ସୁବିଧା ସୁନିଶ୍ଚିତ କରିବା ଦରକାର। ଓଡ଼ିଶାରେ ପାରଦର୍ଶୀ ଶ୍ରମ ନୀତି ସ୍ଥାପିତ ହେବା ଦରକାର ଓ ସ୍ଥାନୀୟ ଯୁବକ ମାନଙ୍କୁ ପ୍ରାଥମିକତା ଦେଉଥିବା ନୀତି ବାସ୍ତବିକ ରୂପ ନେଉ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ବେଶ ସ୍ୱଷ୍ଟ ଅଭିଜ୍ଞତା ଓ ଦୀର୍ଘକାଳୀନ ସେବାକୁ ସମ୍ମାନ କରାଯିବା ସହ ଯଦି ସରକାର ବିକାଶକୁ ପ୍ରୋତ୍ସାହନ କରୁଥିବାର ଦାବୀ କରୁଛନ୍ତି ତେବେ ସେହି ବିକାଶରେ ଶ୍ରମିକ ମାନଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଗ୍ରହଣ କରାଯାଉ। ତୀବ୍ର ଖରାରେ, ଛଟେଇ ହୋଇ ଦାନା ପାଣି ନପାଇ ଭୁବନେଶ୍ୱରରେ ଦଶହଜାରରୁ ଊର୍ଦ୍ଧ୍ୱ ପରିବାର ରାସ୍ତାରେ ବସିଛନ୍ତି। ସରକାରଙ୍କ ଭିତରେ ଟିକିଏ ମାନବିକତା ଜାଗି ଉଠୁ, କାରଣ ଏ ସରକାର ବା 'ଲୋକଙ୍କ ସରକାର'। ଏହି ପ୍ରସଙ୍ଗରେ ଉଚ୍ଚସ୍ତରୀୟ ହସ୍ତକ୍ଷେପ ଜରୁରୀ ଏବଂ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଏହି ବର୍ଗର ସମସ୍ୟା ସରକାର ଟିକିଏ ଶୁଣନ୍ତୁ।

♥ ସାଧାରଣ ସମ୍ପାଦକ,
ଏନଏଫଆଇଟିୟୁ, ଓଡ଼ିଶା,
ମୋ : ୯୪୩୭୧୬୩୫୨୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୧ ମଇ ୨୦୨୬

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଟିକି ବିପ୍ଳବୀ : ନୀଳମଣି



## ଅକ୍ଷୟ କୁମାର ରାଉତ

(ପୂର୍ବ ପ୍ରକାଶିତ ଉତ୍ତାରୁ) ନୀଳମଣି ରେଭେନ୍‌ସା କଲେଜ ଓ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର ହେବାପରେ ଶେଷର ଡଃ. ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ଉଦ୍ୟମରେ ବିଦ୍ୟାସାଗର କଲେଜର ଚତୁର୍ଥ ବର୍ଷରେ ନାମ ଲେଖାଇଲେ । ବିଦ୍ୟାସାଗର କଲେଜରେ ଏକ ଛାତ୍ର ଧର୍ମଘଟ ହୋଇଥିଲା ସେଥିରେ ନୀଳମଣି ନେତୃତ୍ୱ ନେଇଥିଲେ । ଏହି ସମୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ନୀଳମଣିଙ୍କୁ ଡକାଇ ଓଡିଶାରେ କିପରି ଫର୍‌ୱାର୍ଡ ବ୍ଲକ୍ ସଂଗଠିତ ହେବ ସେ ବିଷୟରେ ଆଲୋଚନା କରିଥିଲେ । ନୀଳମଣି ବିଦ୍ୟାସାଗର କଲେଜରୁ କୃତିତ୍ୱର ସହ ବି.ଏ. ପାଶ୍‌କରି ବନାରସ୍ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଓ ଆଇନ ଶ୍ରେଣୀରେ ନାମ ଲେଖାଇଲେ । ସେ ସମୟରେ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ବନାରସ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଥିଲେ । ନୀଳମଣି ବିରଳା ଛାତ୍ରାବାସରେ ରହି ଆଇନ କଲେଜର ଅଧକ୍ଷ ଶ୍ରୀ ସୁବ୍ରମଣ୍ୟମ୍ ଓ ରାଜନୀତି ବିଜ୍ଞାନର ମୁଖ୍ୟ ଶ୍ରୀମୁକୁଟ ବିହାରି ଲାଲ୍‌ଙ୍କ ତତ୍ତ୍ୱାବଧାନରେ ପଢ଼ାପଢ଼ି କରୁଥିଲେ । ସେ ସମୟରେ ଭାରତୀୟ ଛାତ୍ରସଂଘର କର୍ମକର୍ତାମାନଙ୍କ ସହ ଭଲ ସଂପର୍କ ରଖିଥିଲେ । ରାଜ ନାରାୟଣ ଓ କେଦାର ପାଣ୍ଡଙ୍କ ସହ ମଧ ତାଙ୍କର ସୁସମ୍ପର୍କ ଥିଲା ।



୧୯୪୧ ଜୁନ୍ ୨୨ ତାରିଖରେ ଜର୍ମାନୀ ଋଷ ଉପରେ ଆକ୍ରମଣ କରିବାରୁ ଏହାକୁ ଜନଯୁଦ୍ଧର ଆଖ୍ୟାଦେଲେ । ୧୯୪୨ ମସିହା ପାଟଣାଠାରେ ନିଖିଳ ଭାରତ ଛାତ୍ରସଂଘର ଏକ ଅଧିବେଶନ ବସିଲା । ଏଥିରେ ଓଡିଶାରୁ ସାମ୍ୟବାଦୀ ଛାତ୍ରନେତା ବିଜୟଚନ୍ଦ୍ର ଦାସ, ଗଙ୍ଗାଧର ରଥ, ଦୁର୍ଗାଚରଣ ମହାନ୍ତି ଓ ନୀଳମଣି ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିନିଧି ଭାବରେ ଯୋଗଦେଇଥିଲେ । ଛାତ୍ର ସଂଘ ସମ୍ମିଳନୀରେ ଜନଯୁଦ୍ଧ ପ୍ରସ୍ତାବକୁ ନୀଳମଣି ଘୋର ବିରୋଧ କରିଥିଲେ । ୧୯୪୨ ଅଗଷ୍ଟ ଆଠ ତାରିଖରେ ବମ୍ବେଠାରେ ଜାତୀୟ କଂଗ୍ରେସ 'ଭାରତଛାଡ଼' ପ୍ରସ୍ତାବ ଗ୍ରହଣ କରିଥିଲା । ବନାରସ୍‌ରେ ଛାତ୍ରମାନଙ୍କର ଏକ ଜରୁରୀ ବୈଠକ ବସି 'ଭାରତ ଛାଡ' ଆନ୍ଦୋଳନ କରାଯିବ ସ୍ଥିର ହେଲା । ନୀଳମଣିଙ୍କ ସହିତ ସମାଜବାଦୀ ଛାତ୍ରନେତା ରାଜନାରାୟଣ ଓ କେଦାର ପାଣ୍ଡେ ଛାତ୍ରମାନଙ୍କର ନେତୃତ୍ୱ ନେଇଥିଲେ । ନୀଳମଣି ଗିରଫ ହେବା ପୂର୍ବରୁ ଛାତ୍ରାବାସରୁ ଖସି ପଳାଇଲେ । ବନାରସରୁ ନୀଳମଣିଙ୍କୁ ବହିଷ୍କାର କରିବା ପାଇଁ ଡିଭିଜନାଲ କମିଶିନର ଆଦେଶ ଜାରି କରିଥିଲେ । ନୀଳମଣି ଲୁଚି ଛପି ଛାତ୍ରନେତାମାନଙ୍କ ସହ ବନାରସରେ 'ଭାରତ ଛାଡ' ଆନ୍ଦୋଳନକୁ ଆଗେଇନେବାର ପ୍ରଚେଷ୍ଟା ଜାରିରଖିଲେ । ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମହମ୍ମଦ ହନିଫଙ୍କ ଠାରୁ ଭଦ୍ରକ ଆସି ଆନ୍ଦୋଳନରେ ସାହାର୍ଯ୍ୟ କରିବା ପାଇଁ ଖଣ୍ଡେ ଚିଠି ପାଇଲେ । ତେଣୁ ଲୁଚି ଛପି ଆସି ନିଜ ଗାଁରେ ପହଁଚିଲେ । କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କ ସଙ୍ଗେ ନୀଳମଣି ସଂପର୍କ ରଖି ଭାରତଛାଡ ଆନ୍ଦୋଳନକୁ ସକ୍ରିୟ କରିବାରେ ଲାଗିପଡିଲେ । ପୀରହାଟ, ତିହିଡି ପ୍ରଭୃତି ସ୍ଥାନରେ ଗୁପ୍ତ ବୈଠକ କରି ଭଦ୍ରକ - ଚାନ୍ଦବାଲି ଟେଲିଫୋନ ଯୋଗାଯୋଗ ଓ ଡାକ ଚଳାଚଳ ବ୍ୟବସ୍ଥା ସଂପୂର୍ଣ୍ଣ ଅଚଳ କରିଦିଆଗଲା । ନୀଳମଣି ଡହଁରା ଗାଁରେ ଲୁଚିକରି ଆଶ୍ରୟ ନେଲେ । ପାଣି କାଦୁଅରେ ବୁଲିବୁଲି ଭିନ୍ନ ଭିନ୍ନ ଗାଁକୁ ଗଲେ । କର, ଟିକସ, ଖଜଣା, ସରକାରଙ୍କୁ ନ ଦେବାପାଇଁ ମତାଇଲେ । ନୀଳମଣି ଲୁଚିକରି ବିଲ ରାସ୍ତାରେ ଗାଁ କୁ ଗାଁ ବୁଲିବା ସମୟରେ ତାଙ୍କ ଗୋଡ କଟିଗଲା । ସେ ଅସୁସ୍ଥ ହୋଇପଡିଲେ । ତାଙ୍କ ଭାଇ ଖବର ପାଇ ଗାଁକୁ ନେଇଗଲେ । ପୋଲିସ୍ ଖବର ପାଇ ଅତର୍କିତ ଭାବେ ଘର ଉପରେ ଚଢ଼ାଉ କଲେ ଓ ନୀଳମଣିଙ୍କୁ ଗିରଫ କରିନେଲେ । ବିଚାରରେ ତାଙ୍କୁ ୧ ବର୍ଷ ଅଶ୍ରମ କାରାଦଣ୍ଡ ଦିଆଗଲା । ଅନ୍ୟ ବନ୍ଦୀମାନଙ୍କ ସହିତ ନୀଳମଣିଙ୍କୁ ହାତକଡି ଓ ଅଂଟାରେ ଦଉଡି ବାନ୍ଧି ଭଦ୍ରକ ଜେଲ୍‌ରୁ ରେଲଷ୍ଟେସନ୍ ପର୍ଯ୍ୟନ୍ତ ଚଲାଇ ଚଲାଇ ନିଆଗଲା ।

ବାଲେଶ୍ୱର ଜେଲରେ ନୀଳମଣି ଉଚ୍ଚ ଶ୍ରେଣିର ବନ୍ଦୀ ରୂପେ ରାଜନେତା ମାନଙ୍କ ସହିତ ରହିଲେ । ୧୯୪୩ ମସିହା ଅଗଷ୍ଟ ୧୭ ତାରିଖରେ ନୀଳମଣି ଖଲାସ୍ ହେଲେ ପୋଲିସ୍ ଆସିଲା ବେଳକୁ ନୀଳମଣି ଚମ୍ପଟ୍ । ରାତିରେ ଚାଲି ଚାଲି ଆଠ ମାଇଲ ଦୂର ହଳଦୀପଦା ଷ୍ଟେସନରୁ ରେଳଯୋଗେ କଲିକତା ଚାଲିଗଲେ । ଭାଇଙ୍କ ପାଖରେ ରହି ଆଇନ୍ ଶ୍ରେଣୀରେ ନାମ ଲେଖାଇ ପଢ଼ିଲେ ଓ ପାସ୍ କଲେ । ୧୯୪୭ରେ ଡିଗ୍ରୀ ହାସଲ କରି ନୀଳମଣି କଟକରେ ରାଜକିଶୋର ଦାସଙ୍କର ଜୁନିୟର ଓକିଲ ଭାବେ କାମ ଆରମ୍ଭକଲେ । ପ୍ରଜାତନ୍ତ୍ରର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ ଚେଷ୍ଟାରେ ପ୍ରଜାତନ୍ତ୍ର ଏକ ଟ୍ରଷ୍ଟରେ ପରିଣତ ହେଲା । ସେ ଜଣେ ଟ୍ରଷ୍ଟି ରହିଲେ । ନୀଳମଣି ସୋରୋ ବିଧାନସଭା ଆସନରୁ ନିର୍ବାଚିତ ହୋଇ ୧୯୪୮ ମସିହା ଜୁଲାଇ ୧୨ ତାରିଖ ଦିନ ଏଗାରଟା ବେଳେ ଓଡିଶା ବିଧାନସଭାରେ ସଦସ୍ୟଭାବେ ଶପଥ ନେଇଥିଲେ । ବାଚସ୍ପତି ଲାଲ୍ ମୋହନ ପଟ୍ଟନାୟକ ନୀଳମଣିଙ୍କୁ ଶପଥ ପାଠ କରାଇଥିଲେ ।

୧୯୪୯ ମସିହାରେ ନୀଳମଣି ନଳିନୀ ଦେବୀଙ୍କୁ ଭଲ ପାଇ ବୈଦିକ ରୀତିରେ ନିରାଡମ୍ବର ଭାବେ ବିବାହ କରିଥିଲେ । ନଳୀନୀ ଦେବୀଙ୍କର ଓଡିଆ, ବଙ୍ଗଳା, ଓ ହିନ୍ଦି ସାହିତ୍ୟରେ ବିଶେଷ ଦଖଲ ଥିଲା । ତାଙ୍କ ସଂପାଦନାରେ 'ମରୁତୀର୍ଥ' ନାମକ ମାସିକ ପତ୍ରିକା ପ୍ରକାଶିତ ହେଉଥିଲା । ୧୯୫୦ ଜୁଲାଇ ୨୮ରେ ତାଙ୍କର ଏକମାତ୍ର ପୁତ୍ର ବିଜୟଶ୍ରୀ ରାଉତରାୟ ଜନ୍ମ ହୋଇଥିଲା । ୧୯୫୨ରେ ନୀଳମଣି ଧାମନଗର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥଭାବେ ବିଜୟ ଲାଭ କରି, ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ଉପମନ୍ତ୍ରୀ ଭାବେ ଫେବୃୟାରୀ ୨୦ ତାରିଖରେ ଶପଥ ଗ୍ରହଣ କରିଥିଲେ । ୧୯୫୨ରୁ ୧୯୫୭ ପର୍ଯ୍ୟନ୍ତ ଘରୋଇ ବିଭାଗର ଉପମନ୍ତ୍ରୀ ରହି ଦକ୍ଷତାର ପରିଚୟ ଦେଇଥିଲେ । ୧୯୫୭ରେ ନୀଳମଣି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରୁ ବିଜୟ ଲାଭକରି ହରେକୃଷ୍ଣ ମହତାବଙ୍କ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗାଣ, ପରିବହନ ଓ ଶ୍ରମ ବିଭାଗର କ୍ୟାବିନେଟ୍ ମନ୍ତ୍ରୀଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୫୯ରେ ମନ୍ତ୍ରୀମଣ୍ଡଳ ସଂପ୍ରସାରିତ ହେଲା । ନୀଳମଣି ସେଥିରେ ଯୋଗାଣ ଓ ବାଣିଜ୍ୟ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । ୧୯୬୧ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ନୀଳମଣି ଘରୋଇ, ବାଣିଜ୍ୟ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହେଲେ । କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଗଲେ । ୧୯୬୩ ଅକ୍ଟୋବର ଦୁଇ ତାରିଖରେ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେଲେ । ଏହି ମନ୍ତ୍ରୀମଣ୍ଡଳରେ ନୀଳମଣି ରାଜନୈତିକ ଓ ପ୍ରଶାସନ, ଘରୋଇ, ଶ୍ରମ ଓ ଯୋଗାଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେଲେ । ୧୯୬୭ରେ ନୀଳମଣି ପ୍ରଦେଶ କଂଗ୍ରେସର ସଭାପତି ଭାବେ ଚାରିବର୍ଷ ରହିଲେ । ୧୯୭୧ ମସିହାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଘରୋଇ, ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗର ମନ୍ତ୍ରୀ ରହିଲେ । ନନ୍ଦିନୀ ଶତପଥୀଙ୍କ ମନ୍ତ୍ରୀମଣ୍ଡଳରେ ସେ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ । ୧୯୭୬ରେ ସେ ରାଜ୍ୟସଭା ସଦସ୍ୟ ଭାବେ ରହିଥିଲେ । କେନ୍ଦ୍ରରେ ଜନତା ସରକାର ଗଠିତ ହେବାପରେ ଓଡିଶା ସମେତ ୯ ଟି ରାଜ୍ୟର କଂଗ୍ରେସ ସରକାରଙ୍କୁ ଭାଙ୍ଗି ଦିଆଗଲା । ମଧ୍ୟବର୍ତୀକାଳୀନ ନିର୍ବାଚନ କରାଗଲା । ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇ ନୀଳମଣି ବିଜୟ ଲାଭ କଲେ । ୧୯୭୭ ଜୁନ୍ ୨୬ ତାରିଖରେ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ୧୯୮୯ ନିର୍ବାଚନରେ ପୁରୀ ଲୋକସଭା ଆସନରୁ ନିର୍ବାଚିତ ହୋଇ ଭି.ପି. ସିଂହଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଥମେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ପରେ ଜଙ୍ଗଲ ଓ ପରିବେଶ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ନୀଳମଣି ରାଉତରାୟ ପିଲାବେଳରୁ ଛୋଟ ବିପ୍ଳବୀ ଭାବେ ସ୍ୱାଧିନତା ଆନ୍ଦୋଳନରେ ଯୋଗଦେଇ ଓଡିଶାର ରାଜନୀତିରେ ଷାଠିଏ ବର୍ଷରୁ ଅଧିକ କାଳ ଜଡିତ ଥିଲେ । ସେ ବିଧାୟକରୁ ସାସଂଦ, ଉପମନ୍ତ୍ରୀରୁ ମନ୍ତ୍ରୀ, ଉପମୁଖ୍ୟ ମନ୍ତ୍ରୀରୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଭାବେ ଆସନ ଅଳଙ୍କୃତ କରି ସେ ଜଣେ ଖ୍ୟାତନାମା ସମାଜସେବୀ, ସାମ୍ବାଦିକ, ରାଜନିତିଜ୍ଞ ଓ ପ୍ରଶାସକ ଭାବେ ଉଭା ହୋଇଥିଲେ । ତାଙ୍କର ସରଳ ଓ ନମ୍ର ବ୍ୟବହାର ପାଇଁ ସେ ଜନସାଧାରଣଙ୍କର ସ୍ନେହ ଓ ଶ୍ରଦ୍ଧା ଲାଭ କରିଥିଲେ । ଶେଷ ସମୟରେ ଲେଖା ପଢ଼ାରେ ସମୟ ଅତିବାହିତ କରିଥିଲେ । ଏହି ମହାନ୍ ଜନନାୟକ ୨୦୦୪ ମସିହା ଅକ୍ଟୋବର ମାସ ୪ ତାରିଖ ଦିନ ଇହଲିଳା ସମ୍ବରଣ କରିଥିଲେ ।

(ସମାପ୍ତ)

❤ ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ. ୯୯୩୭୬୯୧୪୭୫

# ଆଜିର ମନୋରଞ୍ଜନ ବ୍ୟବସ୍ଥା କେତେ ହିତକାରୀ !



## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ଅବସାଦଗ୍ରସ୍ତ ମନକୁ ସୁସ୍ଥ କରିବା ପାଇଁ ବହୁ ସମୟରେ ମନର ପରିବର୍ତ୍ତନ କରିବାକୁ ହୋଇଥାଏ । ଶରୀର କ୍ଲାନ୍ତ ହୋଇପଡ଼ିଲେ। ଯେ'ଭଳି ପୃଷ୍ଟିସାରଜନିତ ଖାଦ୍ୟ ଓ ପାନୀୟର ଆବଶ୍ୟକତା ସାଙ୍ଗକୁ ବିଶ୍ରାମ କ୍ଲାନ୍ତ ଦୂର କରେ, ସେ'ଭଳି ଜଣେ ମାନସିକ ଶ୍ରମର ଲାଘବ ପାଇଁ ବିଶେଷରେ କିଛିଟା ଖୁସି- ଗପ, କଥା-ଭାଷା, ଥଟ୍ଟା-ତାମସାରେ ମନୋରଞ୍ଜନ ହୋଇଥାଏ । ମନୋରଞ୍ଜନ ପରେ ମଣିଷ ପୁଣି କ୍ରୀୟାଶୀଳ ହୁଏ ଓ ମନ ଅନୁଭବ କରୁଥିବା କ୍ଲାନ୍ତି ଆପଣାଛାଏଁ ଉଭେଇଯାଏ। ମନର ମନୋରଞ୍ଜନ ପାଇଁ କିଛି ଦିନ ପୂର୍ବେ ପାରମ୍ପରିକ ନୃତ୍ୟ, ନାଟକ, ବିଭିନ୍ନ କଳାନୈପୂଣ୍ୟ ଓ କଉତୁକ କାର୍ଯ୍ୟାବଳୀର ଉପଯୋଗ କରାଯାଉଥିଲା । ଏବେ କିନ୍ତୁ ମନୋରଞ୍ଜନ ପାଇଁ ବିଶେଷ କରି ବିଭିନ୍ନ ଚଳଚ୍ଚିତ୍ର, ଇଲେକ୍ଟ୍ରୋନିକ୍‌ସ ଯନ୍ତ୍ରପାତି ସ୍ୱର ଶବ୍ଦର ମୂର୍ଚ୍ଛନା, କମ୍ପ୍ୟୁଟରକୃତ ନାଚଗୀତ, ରେଡ଼ିଓ ଓ ଟେଲିଭିଜନର ଦୃଶ୍ୟଶ୍ରାବ୍ୟ ଚିତ୍ରାବଳୀର ଆବଶ୍ୟକତା ବଢ଼ି ବଢ଼ି ଯାଉଛି।

ବିଂଶ ଶତାବ୍ଦୀର ପ୍ରାରମ୍ଭ ବେଳକୁ ମନୋରଞ୍ଜନ ପାଇଁ ବହୁଳ ଭାବେ ଗ୍ରାମ୍‌ଫୋନର ବ୍ୟବହାର ହେଉଥିଲା। ଗ୍ରାମ୍‌ଫୋନ ବକ୍ସ ଓ କେତେକ ନିର୍ଦ୍ଦିଷ୍ଟ ସଙ୍ଗୀତ କମ୍ପାନୀ ଦ୍ୱାରା ପ୍ରସ୍ତୁତ ରେକର୍ଡ ଦେଇ କଣ୍ଠଶିଳ୍ପୀମାନଙ୍କର ଭଜନ, କୀର୍ତ୍ତନ, ନାଟକ ଆଦି ରେକର୍ଡିଂ କରାଯାଉଥିଲା ଓ ସେ'ସବୁକୁ ଆବଶ୍ୟକ ବେଳେ ବଜା ଯାଇ ଆନନ୍ଦ ଅନୁଭବ କରାଯାଉଥିଲା । ସେହି ସମୟର ହିଜ୍ ମାଷ୍ଟରସ୍ ଭୋଏସ୍, ପିଲ୍ସ ଆଦି କମ୍ପାନୀ ରହିଥିଲେ ଯେଉଁମାନେ ଗ୍ରାମ୍‌ଫୋନ୍ ରେକର୍ଡ ସବୁ ତିଆରି ବିକ୍ରି କରୁଥିଲେ । କି ଗ୍ରାମ କି ସହର ସବୁଠାରେ ସେହି ସମୟରେ ମନୋରଞ୍ଜନର ପ୍ରଥମ ମାଧ୍ୟମ ଥିଲା ଗ୍ରାମ୍‌ଫୋନ୍ । ତାରି କିଛି ଦିନ ପରେ ମାର୍କୋନୀଙ୍କ ଜଳତରଙ୍ଗ ପରୀକ୍ଷିତ ଶବ୍ଦ ତରଙ୍ଗର ଆବିଷ୍କାର ହେଲା ଓ ସେଥିରୁ ରେଡିଓ ପ୍ରସାରଣ ଆରମ୍ଭ ହେଲା । ପ୍ରଥମେ ବଡ଼ ବଡ଼ ସହର, ନଗରମାନଙ୍କରେ ରେଡିଓ କାର୍ଯ୍ୟକ୍ରମ ଶୁଣିବାକୁ ମିଳିଲା ଓ କ୍ରମଶଃ ତାରି ଜ୍ଞାନକୌଶଳରେ ଅଭିବୃଦ୍ଧି ଘଟି ରେଡିଓ ଟ୍ରାନ୍ସମିଟରମାନଙ୍କର ପ୍ରସାରଣ କ୍ଷମତା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ରାଜ୍ୟ ଓ ଅଞ୍ଚଳମାନଙ୍କରେ ବେତାର ପ୍ରସାରଣ କେନ୍ଦ୍ରମାନ ସ୍ଥାପନ କରାଯାଇ ବେତାର କାର୍ଯ୍ୟକ୍ରମକୁ ମନୋରଞ୍ଜନଧର୍ମୀ କରାଗଲା। ବିଜ୍ଞାନର ଅଭ୍ୟୁଦୋୟ ପରେ କେତେ ମ୍ୟାଗ୍ନେଟିକ୍ ଟେପର ପ୍ରସ୍ତୁତି କରାଗଲା। ପୁଣି ତାକୁ ବଜାଇବା ପାଇଁ ଟ୍ୟାପ୍ ରେକଡର ସବୁ ବଜାରକୁ ଆସିଲା । ଏହା ଦ୍ୱାରା ଜନସାଧାରଣଙ୍କୁ ଯେ'କୌଣସି ଗୀତ, ସଙ୍ଗୀତ, କଥୋପକଥନ, ଆଲୋଚନା, ନାଟକ ଆଦିକୁ ଭଲ ଲାଗୁଥିଲେ ତାକୁ ଆବଶ୍ୟକ ବେଳେ ଆଉଥରେ ଶୁଣିବା ପାଇଁ ଟେପ୍‌ରେ ରଖି ଶୁଣିବା ସମ୍ଭବ ହେଲା । ଏ' ମଧ୍ୟରେ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଅନ୍ୟ ଏକ ଇଲେକ୍ଟ୍ରୋନିକ ମାଧ୍ୟମ 'ଟେଲିଭିଜନ' ଦୂରଦର୍ଶନ ଏକ ବଳିଷ୍ଠ ମନୋରଞ୍ଜନର ମାଧ୍ୟମ ଭାବରେ ସ୍ୱୀକୃତି ପାଇଲା ଓ ଆଜିକାଲି ପ୍ରତିଟି ଘରେ ଘରେ ଦୂରଦର୍ଶନରୁ ରଙ୍ଗୀନ ଦୃଶ୍ୟର କାର୍ଯ୍ୟକ୍ରମ ପ୍ରସାରିତ ହେଉଛି । ଏମିତିକି ଆଗରୁ ଯେତେ ସବୁ ମନୋରଞ୍ଜନର ମାଧ୍ୟମ ରହିଥିଲା ସେ'ସବୁକୁ ପଛରେ ପକାଇ ଟେଲିଭିଜନ ତା'ର ଶହ ଶହ କେନ୍ଦ୍ର ଓ ଚ୍ୟାନେଲ ଜରିଆରେ କି ଧନୀ କି ଗରିବ ସମସ୍ତଙ୍କ ମନୋରଞ୍ଜନ କରିବାରେ ସମର୍ଥ ହେଉଛି ।

ମନୋରଞ୍ଜନ ପାଇଁ ଆଗରୁ ତିଆରି ହୋଇଥିବା ଚଳଚ୍ଚିତ୍ର ସିନେମା ଶିଳ୍ପରେ ମଧ ବୈଜ୍ଞାନିକମାନଙ୍କ ନୂତନ ଗବେଷଣା ଓ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ପ୍ରଥମର ମୂଳକ ଚିତ୍ର ପ୍ରସାରଣର ଚିତ୍ର ଚଳମାନ ହେଲା। ପରେ କଳାଧଳା ସ୍ୱରୂପର କଥାକୁହା ଚଳଚିତ୍ରର ଆବିର୍ଭାବ ହେଲା। ବର୍ତ୍ତମାନକୁ ଅତ୍ୟାଧୁନିକ ରଙ୍ଗୀନ ଚଳଚ୍ଚିତ୍ରର ପ୍ରସ୍ତୁତି ଓ ପ୍ରସାରଣ, ଫୋଟଗ୍ରାଫି, ସଙ୍ଗୀତ, କଳା ପ୍ରଦର୍ଶନ ଦିଗରେ ଆକାଶକୁ ଛୁଇଁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ସିନେମା ହଲ, ରେଡିଓ ଶୁଣିବାକୁ ଚାହିଁଲେ ଯେ'କୌଣସି ଗୋଟିଏ ରେଡିଓ ସେଟ୍ ପାଖରେ ବସିବା ସାଙ୍ଗରେ ନେଇ ଶୁଣିବାକୁ ହେଉଥିଲା ବେଳେ ଦୂରଦର୍ଶନର କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଟେଲିଭିଜନ ସେଟ୍ ପାଖରେ ବସି ରହିବାକୁ ହେଉଥିବା ଅସୁବିଧା ଏବେ ମୋବାଇଲ୍ ଫୋନ୍ ବ୍ୟବସ୍ଥା ସେହି ସବୁ ଅସୁବିଧାକୁ ଦୂର କରିଦେଇ ପାରିଛି ଓ ମନୋରଞ୍ଜନର ଆଗରୁ ଥିବା ସମସ୍ତ ମାଧ୍ୟମଗୁଡ଼ିକୁ ଏକାଠି କରି ମୋବାଇଲ୍ ଫୋନ୍ ମାଧ୍ୟମରେ ସେ'ସବୁକୁ ସୁଚାରୁ ରୂପରେ ଉପଭୋଗ କରି ହେଉଛି । ଗ୍ରାମ୍‌ଫୋନ ଟେପ୍‌ରେକଡର ରେଡିଓ ଚଳଚ୍ଚିତ୍ର ଓ ଟେଲିଭିଜନ ସେବା, କମ୍ପ୍ୟୁଟରୀକୃତ ଗୋଟିଏ ଛୋଟିଆ ତିନି ଇଞ୍ଚ ଲମ୍ବା ଓ ଅଧାଇଞ୍ଚ ମୋଟେଇରୁ ଛୋଟ ମୋବାଇଲ୍ ଫୋନ୍‌ର ସ୍କ୍ରିନ୍ ସ୍ପିକର ଯନ୍ତ କୌଶଳ ମଧ୍ୟରୁ ପ୍ରାପ୍ତ ହୋଇପାରୁଛି। ଏହି ପ୍ରକାର ଏକ ଦ୍ରବ୍ୟ ପ୍ରସ୍ତୁତି ପାଇଁ ବିଜ୍ଞାନକୁ ସତରେ ଧନ୍ୟବାଦ ନ ଦେଇ ରହିହେଉନି । ଅବଶ୍ୟ ମାନବ ହିତ ତଥା କଲ୍ୟାଣ ପାଇଁ ବୈଜ୍ଞାନିକ ଯନ୍ତ୍ରପାତି ଗୁଡ଼ିକର ସୃଷ୍ଟି । ସେ'ସବୁକୁ ଯଦି ଆମେ ମାପିଚୁପି ନିୟମ ମୁତାବକ ବ୍ୟବହାର ନ କରିବା, ତା'ହେଲେ ସେ' ସବୁର ଅପକାରର ପ୍ରଭାବରେ ନିଶ୍ଚିତ ଦୁଃଖ ପାଇବା । ମନର ଶୋକ, ଦୁଃଖ, କ୍ଲେଶ ଓ ଆଳସ୍ୟକୁ ଦୂର କରି ନିଜ ନିଜର ଜ୍ଞାନର ପରିସୀମା ବୃଦ୍ଧି କରିବା ପାଇଁ ଶିକ୍ଷଣୀୟ ମନୋରଞ୍ଜନ ଧର୍ମୀ ମାଧ୍ୟମଗୁଡ଼ିକର ବ୍ୟବହାର କରିବା କଥା । ତା' ନକରି ଆମେ ଯଦି ନିଜ କର୍ମ, କର୍ତ୍ତବ୍ୟକୁ ଭୂଲି ସଦାସର୍ବଦା ଦୂରଦର୍ଶନ ପରଦାରେ ଭାସି ଆସୁଥିବା ଶ୍ଳୀଳ, ଅଶ୍ଳୀଳ ସଙ୍ଗୀତ, ନୃତ୍ୟ ଓ ଗୀତକୁ ଚାହିଁ ରହିବା ତା'ହେଲେ ତ' ସବୁ ସରିଲା । ପୁଣି ପ୍ରସାରିତ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ପରଉପକାର, ଜନସେବା, ତ୍ୟାଗ, ଧର୍ମ, ନ୍ୟାୟ, ପବିତ୍ରତା, ସମନ୍ୱୟ, ଶାନ୍ତି, ମୈତ୍ରୀ ଚରିତ୍ରାଦର୍ଶଗୁଡ଼ିକକୁ ଅନୁସରଣ କରି ସମାଜରେ ଏକ ଖଳନାୟକ ହେବା ତା'ହେଲେ ବିଜ୍ଞାନର ଦୋଷ ରହିଲା କେଉଁଠି ?

ଏବେ ଦେଖିବାକୁ ମିଳୁଛି ଦୂରଦର୍ଶନ ମୋବାଇଲ୍‌ର ମନୋରଞ୍ଜନ ସମାଜରେ ସର୍ବ ସଂହାରକୁ ସଂକ୍ରାମକ ଏକ କଳୁଷିତ ବ୍ୟାଧି ରୂପରେ ଦେଖାଦେଇଛି । ଅଧ୍ୟୟନରତ ବିଦ୍ୟାର୍ଥୀମାନେ ଦିନକୁ ଦିନ ଟେଲିଭିଜନକୁ ଦେଖି ଦେଖି ବିଦ୍ୟା ବିବର୍ଜିତ ହୋଇ ପଡ଼ୁଛନ୍ତି। ସମାଜର ଶ୍ରଦ୍ଧା, ପରସ୍ପରର ଭାବ ବିନିମୟ, ଦୁଃଖ ଶୋକ, ସାମାଜିକ ବ୍ୟବହାର, ଚଳଣୀ, ମାନ୍ୟଧର୍ମ ଆମ ସାଂସ୍କୃତିକ ପରମ୍ପରାରୁ ଆମେ ଆଜି ଦୂରେଇ ଯାଉଛେ ।

ଆମ ସାଂସ୍କୃତିକ ପରମ୍ପରାକୁ ଭୁଲାଇ ନେବାରେ ମୋବାଇଲ୍ ଓ ଦୂରଦର୍ଶନ ଏକ ପ୍ରଭାବଶାଳୀ ମନୋରଞ୍ଜନଧର୍ମୀ ମାଧ୍ୟମ ଭାବରେ ଆମ ସଂସ୍କୃତିର ବହୁ ଅପଚୟ କରିଚାଲିଛି। ମନୋରଞ୍ଜନ ନାଁରେ କାର୍ଯ୍ୟକ୍ରମରେ ବିଜ୍ଞାପନ ପ୍ରସାରଣ ଦର୍ଶକଙ୍କ ବହୁ ମୂଲ୍ୟବାନ ସମୟର ଅପଚୟ କରୁଛି । ପୁଣି ଆଜିକାଲି ଆଧୁନିକତା ନାଁରେ ଯେଉଁଭଳି ଲଜ୍ୟାକର ଅଶ୍ଳୀଳ ଅଙ୍ଗଭଙ୍ଗୀ ଓ ଉଲଗ୍ନ ଚିତ୍ରାବଳୀ ନିର୍ଲ୍ଲଜ କଥାବସ୍ତୁ ସହ ଦୂରଦର୍ଶନର ରଙ୍ଗୀନ ପରଦାରେ ପ୍ରଦର୍ଶିତ ହେଉଛି, ଏଥିରେ ପରିବାରର ସଭିଏଁ ବସି କାର୍ଯ୍ୟକ୍ରମକୁ ଆସ୍ୱାଦନ କରିବାରେ ଦର୍ଶକ ତଥା ପରିବାରର ମୁଖ୍ୟମାନଙ୍କୁ ଅସୀମ ଯନ୍ତ୍ରଣା ଉପଲବ୍ଧ ହେଉଛି । ଏ'ଭଳି କଷ୍ଟ ଯେ, ତାକୁ କହି ହୁଏନି କି ସହି ହୁଏନି । ଚଳଚ୍ଚିତ୍ର ପ୍ରଯୋଜନା ବେଳେ ଯେଉଁଭଳି ସେନ୍ସରର ଦୃଷ୍ଟିରୁ ଅଶ୍ଳୀଳତା ଖସି ନଯାଏ- ସେ'ଭଳି ପ୍ରଚେଷ୍ଟା ଦୂରଦର୍ଶନ କାର୍ଯ୍ୟକ୍ରମର ପ୍ରସାରଣରେ ବୋଧେ ଆଦୌ କରାଯାଉନାହିଁ। ଯଦିଚ ସେନ୍ସର ରହିଛି, ତା'ହେଲେ ସେମାନେ ମଧ ନିର୍ବିକାର ଭାବେ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛନ୍ତି । ନତୁବା ଏ'ଭଳି ମାତ୍ରାଧିକ ଅଶ୍ଳୀଳତାପୂର୍ଣ୍ଣ ଦୃଶ୍ୟାବଳୀ ପ୍ରସାରଣ ହେଉଛି କେମିତି ? ଏହା ଦର୍ଶକଙ୍କ ମନୋରଞ୍ଜନ କରୁଛି ନା ମନକୁ ପାଶ୍ଚାତ ସଂସ୍କୃତିର କ୍ଷଣମାନ ଆକର୍ଷଣ ତଥା ଲୋଭ ଦେଖାଇ ଆମକୁ ଆମ ଆଦର୍ଶ ଓ ସଂସ୍କୃତିରୁ ବିଚ୍ୟୁତି କରାଉଛି, ଏହା ସମସ୍ତଙ୍କ ପାଇଁ ଚିନ୍ତା କରିବାର ବେଳ । ଏ'ପ୍ରକାର ପରିସ୍ଥିତି କେବଳ ଦୂରଦର୍ଶନର କାର୍ଯ୍ୟକ୍ରମ ବୋଲି ନାହିଁ; ସିନେମା, ନାଟକ, ଡ୍ରାମା, ଅପେରା, ଆଲବମ୍ ଗୀତ, ମୋବାଇଲ୍ ୟୁଟ୍ୟୁବର କାର୍ଯ୍ୟକ୍ରମ୍ୟମାନଙ୍କରେ ବି ପ୍ରସାରିତ ହେଲାଣି। କି'ଗ୍ରାମ କି' ସହର ଆଜିକାଲି ସବୁଠାରେ ଅନୁଷ୍ଠିତ ହେଉଥିବା ଯାତ୍ରା, ମେଳା ମହୋତ୍ସବ ମାନଙ୍କରେ ମଧ ଦୂରଦର୍ଶନ ଓ ଚଳଚ୍ଚିତ୍ରର ପ୍ରଭାବ ନେଇ ଅଶ୍ଳୀଳ ଓ ଲଜ୍ଜାହୀନ ବେଶ ସମ୍ଭାର ସାଙ୍ଗକୁ ଚୁମ୍ବନ ଓ ଆଲିଙ୍ଗନର ଦୃଶ୍ୟରେ ମଞ୍ଚସ୍ଥଳ ଶିହରି ଯାଉଛି। (କ୍ରମଶଃ)


❤ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି
ମୋ:୯୩୩୭୯୬୦୬୮୮

ଛୋଟ ଗଳ୍ପ

# ବୋଉର ବିଞ୍ଚଣା



## ପ୍ରଫୁଲ୍ଲ ବାରିକ



ଠିକ ଶବ ଉଠିଲା ବେଳକୁ ପହଁଚିଲା ସମିର । ତିନିଟା ଗାଡି ବଦଳେଇ କୋରାପୁଟରୁ ଆସି ପହଂଚିବା ସହଜ କି ? ତେବେବି ଭୁବନେଶ୍ୱରରୁ ଗାଡିକରି ଆସିଲା । ବସରେ ଆସିଥିଲେ କେତେବେଳେ ପହଂଚିଥାଆନ୍ତା ତାର ଠିକଣା ନାଇଁ । ବଡ଼ଭାଇ ସୁଶାନ୍ତ ସହ ମାଲଭାଇମାନେ ସମସ୍ତେ ଖୁସି ହେଇଗଲେ । ହଉପଛେ ଡେରି, ପହଞ୍ଚିଲା ଆସି ।

ବୋଉ ଗଲାଣି ଭୋ'ରୁ । ଆସି ହେଲାଣି ଦିନ ଦୁଇ । ପଡିଶା ଅଡିଶା ବିରକ୍ତ ହେଲେ । କହିଲେ, ବାସି ମଡ଼ା କରିବ ନା କ'ଣ? ସାନ ନଆସୁ । ବଡ଼ ତ ଅଛି । ଦ୍ୱିପହରେ ରୋଷଇ ହେଇନି କାହାରି । ଗାଁ'ଟା ଓପାସ । ଶବ ଗଲେ ଯାଇ ରୁଷେଇ, ଖିଆପିଆ । ସୁଶାନ୍ତ ଶୁଣିବାକୁ ବାଧ୍ୟହେଲା । ପଡିଶା ନେଇ ଘର କରିଛନ୍ତି । ତାଙ୍କ କଥା ଶୁଣିବାକୁ ହେବ । କାଟିଦେଇ ହେବନି । ସେମାନେ କାଇଁକି ଅପେକ୍ଷାରେ ରହିବେ ଏତେ ସମୟ ଅଖିଆ ? କାମ ଧନ୍ଦାର ଲୋକ । ଦିନଟା ତ ଇମିତି ଗଲାଣି । ସୁଶାନ୍ତ ମାଲ ଭାଇଙ୍କୁ କହିଲା, ହଉ ବ୍ୟବସ୍ଥା କର । ସମିର ଯେତେବେଳେ ଆସୁଛି ଆସୁଥାଉ ।

ଛଅଖଣ୍ଡି ବାଉଁଶରେ କୋକେଇ ବାନ୍ଧି ଶବକୁ ଶୁଆଇଲେ ନେଇ । ଆସବାବ ଯାହା ଯିବାର କାଢି ରଖିଲେ ଶବଧାର ପାଖରେ । ସମସ୍ତେ ବ୍ୟଗ୍ର ହେଉଥିବା ବେଳେ ଶ୍ମଶାନକୁ, ସୁଶାନ୍ତ ଅପେକ୍ଷା କରିଥାଏ ସମିରକୁ। ଅନାଉଥାଏ ବାର ବାର ଗାଁ ମୁଣ୍ଡ ଆଡକୁ । ମନ କହୁଥାଏ ସମିର ନିଶ୍ଚିତ ଆସିବ । ବୋଉର ସେ ବେଶୀ ଗେହ୍ଲା । ତାକୁ ବେଶୀ ଭଲପାଉଥିଲା ବୋଉ ।

ଅପେକ୍ଷାର ଅନ୍ତ ଘଟେଇ ସମିର ପହଁଚିଲା । ବ୍ୟାଗଟାକୁ ଫିଙ୍ଗିଦେଇ ପିଣ୍ଡାକୁ ବୋଉ ଶବରେ ମଥାପିଟି ଧକେଇ କାନ୍ଦିଲା । ବୋଉ ମୁହଁରୁ ଲୁଗାକାଢି ତାକୁ ଦେଖେଇ ଦିଆ ଗଲା । ସମିର କାନ୍ଦୁଥାଏ ବୋଉ ମୁହଁକୁ ଧରି ଛୋଟ ପିଲାଟି ପରି । ବଡ଼ଭାଇ ତାକୁ ଉଠେଇ ପ୍ରବୋଧନା ଦେଲେ । କହିଲେ, ମୁଁ ଜାଣିଥିଲି ବୋଉର ମୃତ୍ୟୁ ଇମିତି ଅପ୍ରତ୍ୟାସିତ ହେବ । ଶ୍ୱାସଟା ବଢ଼ି ଯାଇଥିଲା, ମେଡ଼ିସିନ ଇନହେଲର ନେବା ସତ୍ତ୍ୱେ । ରାତିକୁ ଆଉ ସମାଳି ହେଲାନି । ଅଣନିଶ୍ୱାସି ହେଇ ଚାଲିଗଲା ।

ମାଲଭାଇମାନେ କାନ୍ଧକୁ ଉଠେଇବାକୁ ଯାଉଛନ୍ତି ସମିର କହିଲା, ଗୋଟେ ମିନିଟ ରୁହ । ମୁଁ ଆସୁଛି । ଦଉଡ଼ିକି ଯାଇ ବୋଉ ଘରୁ ବିଞ୍ଚଣାଟା ଆଣି ଥୋଇଲା ତା ଶବଉପରେ । ପରେପରେ ଯାତ୍ରା ଶ୍ମାଶନକୁ ।

ବୋଉ ସହ ବିଞ୍ଚଣାର ସମ୍ପର୍କ ନିବିଡ଼ । ବୋଉ ସବୁ ଛାଡିଦେବ, ହାତରୁ ବିଂଚଣା ଛାଡିବନି । ଶୁଣିଛି ମେଦବହୁଳ ଲୋକଙ୍କୁ ବେଶୀ ଗରମ ହୁଏ । ବୋଉ ଏତେଟା ମୋଟି ନହେଲେବି ସାଧାରଣ ସ୍ୱାସ୍ଥଠୁ ଥିଲା ଅଧିକା । ସେ ଯାହା ହେଉ, ବିଂଚଣାଟି ଥିବ ତା ହାତରେ ସବୁବେଳେ । ନାରାୟଣଙ୍କ ହାତରେ ଚକ୍ରପରି । କି ରାତି କି ଦିନ । ରାତିରେ ଶୋଇ ଅଧା ନିଦରେ ବୁଲାଉଥିବ ବିଂଚଣାକୁ । ତା ବିଂଚଣାକୁ ଛୁଏଁଇ ଦେବନି କାହାକୁ । ସିଧା କହିବ ବିଂଚଣାରେ ମୋ ଜୀବନ । ଖରାଦିନେ ଖରାବେଳେ ସମସ୍ତେ ଯେବେ ବିଶ୍ରାମ ନେଉଥିବେ, ଘରର ଶାନ୍ତ ଚୁପଚାପ ପରିବେଶରେ ଶୁଭୁଥିବ ଶବ୍ଦଟିଏ । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ କେଁ..କେଁ..। ସେ ଶବ୍ଦ ଆଉକିଛି ନୁହେଁ । ବୋଉ ହାତର ବିଂଚଣାର ଶବ୍ଦ । ତାଳପତ୍ର ବିଂଚଣାର ବେଣ୍ଟ ଘୋରି ସୃଷ୍ଟି କରୁଥିବ ସାହାନାଇରେ ମାଙ୍ଗଳିକ । ବେଳେବେଳେ ଗ୍ରୀଷ୍ମ ବଢିଲେ ବୋଉ ତା ବିଂଚଣାକୁ ବୁଡେଇ ଆଣେ ପାଣିରେ । ପାଇବାକୁ ଥଣ୍ଡା ପବନ । ତେବେବି ଆସିବନି ପଙ୍ଖା ପବନକୁ । କୃତିମତାକୁ ତାର ନାପସନ୍ଦ । ଖାଇବାଠୁ ପିନ୍ଧିବା ଯାକେ ସବୁ ପ୍ରାକୃତିକ । ବାଡ଼ିରେ ନିଜ ହାତଲଗା ଗଛର ଫଳ ପରିବା ହେବ ରୋଷେଇରେ । ପିନ୍ଧିବ ମୋଟା ସୁତି ଶାଢି । କି ଅଜବ ଲୋକ କିଜାଣି । ତା ସହ ଚଳିବା କଷ୍ଟ ।

ବୋଉ ରୁମ୍ ଅଲଗା । ସେ ତଳେ ଶୁଏ ଖଟ ଥିବାସତ୍ତ୍ୱେ । ସପ ଉପରେ ବେଡ଼ସିଟ ଖଣ୍ଡେ ପକେଇ ଆରାମରେ ସେ ଶୋଇଯାଏ । ବୋଉକୁ କୁହାଗଲା ସେ ବିଂଚଣା ଛାଡ଼ । ସିଲିଂ ଫ୍ୟାନଟିଏ ଆମେ ଝୁଲେଇ ଦେଉଛୁ । ଆରାମରେ ଶୋଇବୁ । ଆଉ ବିଂଚଣା ହଲେଇବାକୁ ପଡ଼ିବନି । ତାର ଜବାବ, ତମ ସିଲିଂଫ୍ୟାନକୁ ମୋର ଭାରି ଭୟ । ନିଦରେ ଶୋଇଥିବା ବେଳେ ଖସି ପଡିଲାତ.. ? ନାଇଁ ବାବା, ମୋ ହାତ ବିଂଚଣା ମୋ ପାଇଁ ଭଲ । ସିଲିଂ ଫ୍ୟାନକୁ କଣ ଧରି ବୁଲିବି ଏଠୁ ସେଠିକି ? ସାରାଦିନତ ବିଂଚଣାରେ । ରାତି କେଇଘଣ୍ଟା ଚଳୁନି । ମୋ ପାଇଁ କିଛି ବ୍ୟବସ୍ଥା କରିବା ଦର୍କାର ନାହିଁ । ତମେ ଯା'କରୁଚ ନିଜ ପାଇଁ କର । ମଥା ଉପରେ ଫ୍ୟାନ ବୁଲିଲେ ମୁଁ ଶୋଇ ପାରିବିନି । ନିଦ ହେବନି ସାରା ରାତି । ମୋ ଦେହ ଖରାପ ହେବ । ସେଇଠୁ ବୋଉକୁ ଆଉ ବାଧ କରା ଯାଇନି । ବୋଉ ବିଂଚଣା ସହ ଜଡିତ ଅଙ୍ଗାଙ୍ଗି ଭାବେ । ଦୁହିଁକି ଦୁହେଁ ନଛୋଡ ବନ୍ଧା ।

ସମିର ଦେଖିଲା ସବୁ ଜିନିଷ ଯାହା ଯାଏ ଶବ ସହ, ଅଛି । ନାହିଁ ବୋଉର ବିଂଚଣା ଯିଏକି ବୋଉର ଅସଲ ସମ୍ପତ୍ତି । ସମିର ଦୌଡ଼ି ଯାଇ ବିଂଚଣା ଆଣି ରଖିଲାରୁ ମାଲଭାଇ ଶବ ଉଠେଇଲେ । କହିଲେ ଛାର ଜିନିଷଟା ପାଇଁ ଦି'ମିନିଟ ଅଟକେଇଲ ଶବ ? ଧନ୍ୟ ତମକୁ । ସମିର କହିଲା ତମ ପାଇଁ ଯାହା ଛାର, ବୋଉ ପାଇଁ ସିଏ ସମ୍ପତ୍ତି । ତା ବିନା ଶାନ୍ତି ହେବନି ବୋଉର ଆତ୍ମା । ରହିଯିବ ଅଶାନ୍ତ ଅପୂରଣୀୟ ହେଇ । ଏବେ ଖୁସିହେବ ବୋଉ । ତାର ବିଂଚଣା ଅଛି ତ ଅଛି ସବୁ ।

ଶ୍ମଶାନରେ ପହଂଚିବା ବେଳକୁ ତିନିଟା ବାଜି ସାରିଥିଲା ।

❤ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
(ମୋ) ୯୨୩୮୯୨୦୪୦୫

# ଜିଲ୍ଲାସ୍ତରୀୟ "ମେଧାବୀ ମୟୂରଭଞ୍ଜ" ସମ୍ବର୍ଦ୍ଧନା ସମାରୋହ -୨୦୨୬




ବାରିପଦା, ୩୦/୫ (ନି.ପ୍ର): ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ ଓ ତତସହିତ ଅଧିକ ସଂଖ୍ୟାରେ ଇ୧ ଗ୍ରେଡରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତୀର୍ଣ୍ଣ କରିବାରେ ଲକ୍ଷ୍ୟ ନେଇ ୨୦୨୪-୨୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଛି ବର୍ତ୍ତମାନର ଲୋକପ୍ରିୟ ଜିଲ୍ଲାପାଳଙ୍କ ମାନସପ୍ରସୂ କାର୍ଯ୍ୟକ୍ରମ "ମେଧାବୀ ମୟୂରଭଞ୍ଜ" । ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଜିଲ୍ଲା ଶିକ୍ଷା ବିଭାଗର ସମସ୍ତ ପଦାଧିକାରୀଙ୍କ ନିୟମିତ ତଦାରଖ, ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ସମୟ ଉପଯୋଗୀ ଉତ୍ସର୍ଗୀକୃତ ଶିକ୍ଷାଦାନ ଆଜି ଆମ ଜିଲ୍ଲାକୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏକ ଅଭୂତପୂର୍ବ ସଫଳତା ଆଣି ଦେଇଛି। ୨୦୨୪ ମସିହାରେ ଆମ ଜିଲ୍ଲାରେ ୪୦ଜଣ ଇ୧ ଗ୍ରେଡ ପାଇଥିଲା ବେଳେ "ମେଧାବୀ ମୟୂରଭଞ୍ଜ" ଆରମ୍ଭ ହେବା ପରେ ୨୦୨୫ ମସିହାରେ ୮୦ ଜଣ ଏବଂ ଚଳିତ ବର୍ଷ ୨୦୨୬ ମସିହାରେ ୧୪୬ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ଆମ ଜିଲ୍ଲାର ମୋଟ ୬୨୦ଟି ଉଚ୍ଚ ବିଦ୍ୟାଳୟରୁ ୧୮୪ ଟି ପରୀକ୍ଷା କେନ୍ଦ୍ରରେ ମୋଟ ୩୦୯୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲାବେଳେ ସେଥିମଧ୍ୟରୁ ୩୦୨୧୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଯାହା ଆମ ଜିଲ୍ଲାର ସଫଳତାର ହାର ଶତକଡା ୯୭.୫୨ ଅଟେ। ସେଥି ମଧ୍ୟରୁ A୧ ଗ୍ରେଡରେ ୧୪୬ ଜଣ, A୨ ଗ୍ରେଡରେ ୬୭୫ ଜଣ, B୧ ଗ୍ରେଡରେ ୧୬୩୧ ଜଣ, B୨ ଗ୍ରେଡରେ ୩୬୦୯ ଜଣ, C ଗ୍ରେଡରେ ୭୦୮୩ ଜଣ, D ଗ୍ରେଡରେ ୧୦୪୮୭ ଜଣ, E ଗ୍ରେଡରେ ୬୫୮୨ ଜଣ ପାସ କରିଛନ୍ତି । ମୋଟ A୧ ଗ୍ରେଡ ପାଇଥିବା ବିଦ୍ୟାଳୟ ସଂଖ୍ୟା ୪୭ ଥିଲାବେଳେ ସେଥିମଧ୍ୟରୁ ୩୯ଟି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ହୋଇଥିବାବେଳେ ୦୮ଟି ବେସରକାରୀ ବିଦ୍ୟାଳୟ ରହିଛି । ସରକାରୀ ବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ୧୧୪ ଜଣ A୧ ଗ୍ରେଡ ପାଇଥିଲାବେଳେ ବେସରକାରୀ ବିଦ୍ୟାଳୟରୁ ମୋଟ ୩୨ ଜଣ A୧ ଗ୍ରେଡ ପାଇଛନ୍ତି । ଏହିପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ ହାରାହାରି ପାସ ହାର ଆଧାରରେ ଏକ ମାନନିର୍ଦ୍ଧାରଣ କରାଯାଇ ୩ଟି ଉଚ୍ଚ ବିଦ୍ୟାଳୟ ଯଥା-ଚକାଡୋଳା ବିଦ୍ୟାପୀଠ, ମାଣିକପୁର, ରାସଗୋବିନ୍ଦପୁର ବ୍ଲକ, ଶଙ୍ଖାଭଙ୍ଗା ଉଚ୍ଚ ବିଦ୍ୟାଳୟ, ବାରିପଦା ବ୍ଲକ, ଟିକରପଡା ଉଚ୍ଚ ବିଦ୍ୟାଳୟ, ଶାମାଖୁଣ୍ଟା ବ୍ଲକକୁ ସର୍ବୋତକୃଷ୍ଟ ବିଦ୍ୟାଳୟ ଭାବେ ପୁରସ୍କୃତ କରାଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାରିପଦା-୨ର ଛାତ୍ର ଶ୍ରୀମାନ ପାର୍ଥସାରଥି ମହାନ୍ତ ୯୮% ନମ୍ବର ରଖି ରାଜ୍ୟ ଟପର ହୋଇ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ସାଉଁଟିଛନ୍ତି ଯାହା ପରବର୍ତ୍ତୀ ସମୟରେ ଅନ୍ୟ ପିଲାମାନଙ୍କୁ ପ୍ରେରଣା ଯୋଗାଇବ। ଜିଲ୍ଲାର ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ଶିକ୍ଷା ବିଭାଗ, ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ସର୍ବପରି ଛାତ୍ରଛାତ୍ରୀମାନଙ୍କର ପ୍ରଚେଷ୍ଟା ଓ ବଳିଷ୍ଠ ଉଦ୍ୟମ ଜିଲ୍ଲାକୁ ସଫଳତା ଶୀର୍ଷରେ ପହଞ୍ଚାଇ ପାରିଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶହୀଦ୍ ସ୍ମୃତି ଭବନ ବାରିପଦାଠାରେ ଜିଲ୍ଲା ସ୍ତରୀୟ ସମ୍ବର୍ଦ୍ଧନା ସମାରୋହ "ମେଧାବୀ ମୟୂରଭଞ୍ଜ" ନାମରେ ଏକ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି । ସମସ୍ତ A୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପଦକ, ମାନପତ୍ର, ପୁସ୍ତକ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କୃତି ଛାତ୍ରଛାତ୍ରୀ ମାନଙ୍କର ଅଭିଭାବକ, ଅଧ୍ୟୟନରତ ସମସ୍ତ ବିଦ୍ୟାଳୟର ଶିକ୍ଷକ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମାରୋହଟି ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା । ସେ ତାଙ୍କ ଅଭିଭାଷଣରେ ପିଲା ଓ ଅଭିଭାବକ ମାନଙ୍କୁ କହିଥିଲେ ଯେ ଉଚ୍ଚତର ଶିକ୍ଷା ନିମନ୍ତେ ଜିଲ୍ଲାର ବିଭିନ୍ନ ବ୍ଲକ ମାନଙ୍କରେ କୋଚିଙ୍ଗ ସେଣ୍ଟର ମାନ ପ୍ରସ୍ତୁତ କରାଯାଇ ପିଲା ମାନଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରାଯିବ । ମୁଖ୍ୟ ଅତିଥି ଭାବରେ ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡିଶା ସରକାର, ମୁଖ୍ୟ ବକ୍ତା ଶ୍ରୀଯୁକ୍ତ ଗଣେଶ ରାମ ସିଂ ଖୁଣ୍ଟିଆ, ମାନ୍ୟବର ମନ୍ତ୍ରୀ ପରିବେଶ ଓ ଜଙ୍ଗଲ ବିଭାଗ ଓଡିଶା ସରକାର, ବରେଣ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ନବ ଚରଣ ମାଝି, ମାନ୍ୟବର ଲୋକସଭା ସାଂସଦ, ମୟୂରଭଞ୍ଜ, ତଥା ଶ୍ରୀମତୀ ଭାରତୀ ହାଁସଦା, ମାନ୍ୟବର ଜିଲ୍ଲା ପରିଷଦ ଅଧକ୍ଷ ମୟୂରଭଞ୍ଜ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ, ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ତଥା ମାନ୍ୟବର ବିଧାୟକ ଉଦଳା, ଶ୍ରୀଯୁକ୍ତ ଜଲେନ ନାଏକ, ମାନ୍ୟବର ବିଧାୟକ ରାଇରଙ୍ଗପୁର, ଶ୍ରୀଯୁକ୍ତ ଭାଦବ ହାଁସଦା, ମାନ୍ୟବର ବିଧାୟକ ସାରସକଣା, ଶ୍ରୀଯୁକ୍ତ ଦୀପକ ଗୋଛାୟତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠୀ ମହୋଦୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିବା ସହିତ, ୨୦୨୬-୨୭ ଶିକ୍ଷା ବର୍ଷରେ କିପରି ଶିକ୍ଷାର ମାନ ଆହୁରି ବୃଦ୍ଧି ହେବ ସେଥିପାଇଁ ସମସ୍ତ ଶିକ୍ଷା ବିଭାଗର ଅଧିକାରୀ ମାନେ ବିଦ୍ୟାଳୟ ପରିଦର୍ଶନ ସମୟରେ କ୍ଲାସ ନେବେ ବୋଲି ନିଜର ମତ ରଖିଥିଲେ । ସମସ୍ତ ଅତିଥି ବୃନ୍ଦ ସେମାନଙ୍କ ଉଦବୋଧନରେ ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହିତ ଜଣେ ଜଣେ ସଂସ୍କାରୀ ଓ ସୁନାଗରିକ ହୋଇ ଜିଲ୍ଲାର ଗୌରବ ବୃଦ୍ଧି କରିବା ସହିତ ରାଜ୍ୟ ଓ ଦେଶ ଗଠନରେ ସେମାନଙ୍କର ସହଭାଗିତା କାମନା କରିଥିଲେ । ଶ୍ରୀଯୁକ୍ତ ହରେନ୍ଦ୍ର କୁମାର ମହାନ୍ତ, ଶିକ୍ଷକ ନାହାସୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୋରଡା, ମଞ୍ଚ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିନୋଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଶଶିଧର ସିଂ, ଶ୍ରୀଯୁକ୍ତ ଗୌତମ ପାତ୍ର, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସପନ କୁମାର ପୃଷ୍ଟି, ନିରଞ୍ଜନ ନାୟକ, ଶୈଳବାଳା ବେହେରା, ମନୋଜ କୁମାର ଶର୍ମା ପ୍ରମୁଖ ଯୋଗଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ମୋହନଙ୍କ କାର୍ଯ୍ୟରେ ମୋହର...

କାରଣ ମନ୍ତ୍ରୀଙ୍କ ପ୍ରଦର୍ଶନକୁ ନେଇ ପୂର୍ବରୁ ସରକାର ଅଡୁଆରେ ପଡିଛନ୍ତି। ସରକାରକୁ ଘେରିବାକୁ ବିରୋଧୀଙ୍କୁ ସୁଯୋଗ ମିଳିଛି। ଅନ୍ୟ କିଛି ମନ୍ତ୍ରୀଙ୍କ ଅମାନିଆ ତୁଣ୍ଡ ସରକାରଙ୍କୁ ଅକଳରେ ପକାଇଛି। ତେଣୁ ସାମ୍ନାସାମ୍ନି ଆଲୋଚନା ବେଳେ ଏ ପ୍ରସଙ୍ଗ ଉଠାଇପାରନ୍ତି ମୁଖ୍ୟମନ୍ତ୍ରୀ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଭିତରେ ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ବେଶ ଗୁରୁତ୍ୱ ବହନ କରୁଛି। କାହା ପାଇଁ ଏହି ରିପୋର୍ଟ କାର୍ଡ ଆଶୀର୍ବାଦ ପାଲଟିପାରେ ତ ପୁଣି କାହାର ପଦ ଛଡାଇ ନେଇପାରେ ବୋଲି ପାୱାର କରିଡରରେ ଚର୍ଚ୍ଚା।

## ବାରଙ୍ଗ ଥାର୍ଡଡିଗ୍ରି ମାମଲାରେ...

କ୍ୟାବିନ୍ ବି ମିଳିଛି । ତାଙ୍କୁ ରେଫର୍ କରିଥିବା ବିକ୍ରମ୍ ସାର୍ ହେଉଛନ୍ତି ଏହି ମେଡ୍ ଏକ୍ସ ହସ୍ପିଟାଲର ନିର୍ଦ୍ଦେଶକ ବିକ୍ରମ ସେନାପତି । ବିକ୍ରମ ଫୋନ୍ ଯୋଗେ କହିଛନ୍ତି ଯେ, ସେ ରାକେଶଙ୍କୁ ଧାକୁଲେଇ ନିକଟରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆଣିଥିଲେ । ସିଧାସଳଖ ସର୍ଜରୀ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ଆରମ୍ଭ ହୋଇଥିଲା । ହେଲେ ରାକେଶ ଗୁରୁତର ଥିବା ବେଳେ ଏବଂ ବିକ୍ରମଙ୍କ ପାଇଁ ଅଜଣା ହୋଇଥିବା ବେଳେ, ତାଙ୍କ ନାଁ, ବାପାଙ୍କ ନାଁ, ପୂରା ଠିକଣା, ମୋବାଇଲ ନମ୍ବର ଆଦି ଏତେ ତଥ୍ୟ ଜାଣିଲେ କେମିତି ? ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ରାକେଶଙ୍କ ସଂପର୍କୀୟଙ୍କ କହିବା କଥା, ରାକେଶଙ୍କୁ ଜେରା ପାଇଁ ଡାକିଥିଲା ବାରଙ୍ଗ ଥାନା ପୁଲିସ । ହେଲେ ପ୍ରଶ୍ନ ଉଠୁଛି, ଥାନାରୁ ସିଧା ହସ୍ପିଟାଲରେ କେମିତି ପହଞ୍ଚିଗଲେ ରାକେଶ ? କେଉଁ ପରିସ୍ଥିତିରେ ସେ ଗୁରୁତର ହେଲେ ? ବାରଙ୍ଗ ଥାନାରୁ ଧାକୁଲେଇ ନିକଟକୁ କେମିତି ଗଲେ ? ରାକେଶଙ୍କ କିଡନି ସମସ୍ୟା ରହିଛି ବୋଲି ଗତକାଲି କଟକ ଡିସିପି କହିଥିଲେ । ହେଲେ ତାଙ୍କୁ ସର୍ଜରୀ ବିଭାଗ ଡାକ୍ତର ଦେଖିଲେ କାହିଁକି ? ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛି କି ପୁଲିସ ? ଥାର୍ଡ ଡିଗ୍ରି ନିର୍ଯାତନା ପରେ ଦୁର୍ଘଟଣାର ରୂପ ଦିଆଯାଉଛି କି ? ରାକେଶ କେମିତି ଗୁରୁତର ହେଲେ ପୁଲିସ ସ୍ପଷ୍ଟ କରୁନି କାହିଁକି ? କେଉଁ ପାପ ଉପରେ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା ଚାଲିଛି ? ମେଡ୍ ଏକ୍ସ ହସ୍ପିଟାଲ ସହ ରହିଛି କି ପୁଲିସର ଭିତିରି ସଂପର୍କ ? ହସ୍ପିଟାଲ ନିର୍ଦ୍ଦେଶକ ରାତି ୧୨ଟା ୪୫ରେ ଧାକୁଲେଇ ନିକଟରେ କରୁଥିଲେ କଣ ?

## ଉତ୍ତର ପ୍ରଦେଶରେ ପ୍ରଳୟଙ୍କରୀ ...

ପ୍ରତାପଗଡ଼, ଆଜମଗଡ଼, ବାଲିଆ, ଭଦୋହୀ, ଦେଓରିଆ, ଆଗ୍ରା, ମଥୁରା, ଉନ୍ନାଓ ଓ ଫତେହପୁର ଭଳି ଏକାଧିକ ଜିଲ୍ଲାରୁ ଆସିଥିବା ଅନ୍ୟାନ୍ୟ ମୃତ୍ୟୁ ଖବରର ସତ୍ୟାସତ୍ୟ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉଛି। ରାଜ୍ୟର ଏହି ସଙ୍କଟଜନକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କ୍ଷୟକ୍ଷତିର ଏକ ବ୍ୟାପକ ଆକଳନ କରିବା ସହ ପ୍ରଭାବିତ ଏବଂ ମୃତକଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ, ପାଣିପାଗ ବିଭାଗ ପକ୍ଷରୁ ଶନିବାର ପାଇଁ ଏକ ନୂଆ ସତର୍କ ସୂଚନା ଜାରି କରାଯାଇ ରାଜ୍ୟର ୪୬ଟି ଜିଲ୍ଲାରେ ପ୍ରବଳ ଝଡ଼ତୋଫାନ ସହ ପବନ ବହିବା ଏବଂ ୧୪ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ଆଲର୍ଟ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ମିର୍ଜାପୁରରେ ୧୦୦ ମିଲିମିଟର, ଅଯୋଧାରେ ୯୦ ମିଲିମିଟର, ପ୍ରୟାଗରାଜରେ ୬୧ ମିଲିମିଟର ଏବଂ ଉନ୍ନାଓରେ ୫୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସୀତାପୁର, ବଦାୟୁଁ ଏବଂ ଝାନ୍ସି ଅଞ୍ଚଳରେ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ଯୋଗୁଁ ଚାଷୀଙ୍କ ଫସଲ ଓ ସମ୍ପତ୍ତିର ବ୍ୟାପକ କ୍ଷତି ଘଟିଛି। ତେବେ ଏହି ବର୍ଷା ଓ ଝଡ଼ ଯୋଗୁଁ ବିଗତ କିଛି ଦିନ ଧରି ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ସାଧାରଣ ଜନତାଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି ଏବଂ ଅନେକ ଜିଲ୍ଲାରେ ସର୍ବୋଚ୍ଚ ତାପମାତ୍ରା ସ୍ୱାଭାବିକ ସ୍ତରଠାରୁ ପ୍ରାୟ ୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଥିବା ଜଣାପଡ଼ିଛି।

## ଉନ୍ମୋଚିତ ହେଲା ଡ. ରମାକାନ୍ତ...

ଟ୍ରଷ୍ଟର ଅଧ୍ୟକ୍ଷ ତଥା ଗ୍ରନ୍ଥ ରଚୟିତା ଡ. ରମାକାନ୍ତ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ଡ. ସୁବର୍ଣ୍ଣ କେଶରୀ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଡାକ୍ତର ମଧୁସୂଦନ ଜେନା, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ, ଅନ୍ନପୂର୍ଣ୍ଣା ଜେନା, ଅନସୂୟା ପ୍ରଧାନ, ଡ. ଅର୍ଚ୍ଚନା ସାମଲଙ୍କ ସମେତ ଡ. ଭାଗବତ ପ୍ରସାଦ ଦାସ, ପ୍ରୀତିଲେଖା ପାତ୍ର, ଆଡଭୋକେଟ ବିଜୟ କୁମାର ପାଣିଗ୍ରାହୀ, ରଂଜିତ କୁମାର ଦେ ପ୍ରମୁଖ ବହୁବିଶିଷ୍ଟ ବ୍ୟକ୍ତି ଓ ଲେଖକବୃନ୍ଦ ଯୋଗଦାନ କରିଥିଲେ।

# ଅଖିଳ ଭାରତ କୃଷକ ସଭାର ରାଜ୍ୟ ପରିଷଦ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୩୦/୫ (ନି.ପ୍ର): ଅଖିଳ ଭାରତ କୃଷକ ସଭା (ଏଆଇକେଏସ୍)ର ପରିବର୍ଦ୍ଧିତ ଓଡ଼ିଶା ରାଜ୍ୟ ପରିଷଦ ବୈଠକ ଶନିବାର ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏଆଇକେଏସ୍‌ର ସର୍ବ ଭାରତୀୟ ସଭାପତି କମ୍ରେଡ ରାଜନ କ୍ଷୀରସାଗର ଉଦ୍‌ବୋଧନ ଦେଇ ସ୍ୱାଧୀନ ଭାରତର କୃଷକ କୃଷି ପାଇଁ ଜମି, କୃଷି ପାଇଁ ଜଳସେଚନ, କୃଷି ଯନ୍ତ୍ରପାତିର ଶିଳ୍ପ ପ୍ରତିଷ୍ଠା, ଜୈବିକ ସାର, ପୋକମରା ଔଷଧ, କୃଷି ଉତ୍ପାଦନର ଲାଭ ଜନକ ଦର ଅଥବା ଆଇନଗତ ସର୍ବନିମ୍ନ ସହାୟକ ମୂଲ୍ୟ ଓ କୃଷି ଉତ୍ପାଦିତ ସାମଗ୍ରୀର ସୁରକ୍ଷିତ ସଂରକ୍ଷଣ, ପ୍ରକ୍ରିୟାକରଣ ଶିଳ୍ପ, ଶୀତଳ ଭଣ୍ଡାର, ପିଆଜ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ଇତ୍ୟାଦି ପାଇଁ ଦାବି ନେଇ ନିଜ ଜୀବନ ଓ ଜୀବିକାର ସୁରକ୍ଷାର ସଂଘର୍ଷ କରିଆସିଛନ୍ତି। ଐତିହାସିକ କୃଷକ ଆନ୍ଦୋଳନ ୨୦୨୦ ମସିହା ନଭେମ୍ବର ୨୬ରୁ ୨୦୨୧ ମସିହା ନଭେମ୍ବର ୧୯ ପର୍ଯ୍ୟନ୍ତ ଦିଲ୍ଲୀର ବିଭିନ୍ନ ସୀମାରେ ଚାଲିଥିବାବେଳେ ୭୦୦ରୁ ଉର୍ଦ୍ଧ୍ୱ କୃଷକ ଶହୀଦ ହୋଇଥିଲେ ମଧ୍ୟ ପଛକୁ ହଟି ନ ଥିଲେ ଏବଂ ଏକଛତ୍ରବାଦୀ ମୋଦି ସରକାର ତିନିଟି କଳା କୃଷି ଆଇନ ପ୍ରତ୍ୟାହାରବେଳେ ଯେଉଁ ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ ପ୍ରଣୟନରେ ପ୍ରତିଶ୍ରୁତି ଦେଇଥିଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ଭରି ନାହାନ୍ତି। ଏହି ଘଡ଼ିସନ୍ଧି ମୂହୂର୍ତ୍ତରେ ଭାରତର ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଆମେରିକା-ଭାରତ ବାଣିଜ୍ୟ ଚୁକ୍ତି କରାଇ ଦେଶର ଜନଗଣଙ୍କୁ ଆମେରିକା ଉପନିବେଶବାଦୀ ଶାସନ ଓ ଶୋଷଣ ଭିତରକୁ ଠେଲି ଦେଇଛନ୍ତି। ଏହି ଉପନିବେଶବାଦୀ ଶାସନ ଓ ଶୋଷଣ ବିରୋଧରେ କୃଷକ ସମାଜ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ କୃଷକ ସଂଘର୍ଷକୁ ଶାଣିତ କରିବାକୁ କମ୍ରେଡ଼ କ୍ଷୀରସାଗର ଆହ୍ୱାନ ଦେଇଥିଲେ। ଏଆଇକେଏସର ରାଜ୍ୟ ସଭାପତି କମ୍ରେଡ ଶଶୀଭୂଷଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପରିବର୍ଦ୍ଧିତ ରାଜ୍ୟ ପରିଷଦ ବୈଠକରେ ସର୍ବ ଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ରାଉଲା ଭେଙ୍କାୟା ଉଦ୍‌ବୋଧନ ଦେଇ ବ୍ରିଟିଶ ଉପନିବେଶବାଦୀ ଶାସନାଧୀନ ଭାରତର ମୁକ୍ତି ସଂଘର୍ଷର ଅଗ୍ନି ଗର୍ଭରୁ ୧୧ ଏପ୍ରିଲ ୧୯୩୬ରେ ସହଜାନନ୍ଦ ସରସ୍ୱତୀଙ୍କ ନେତୃତ୍ୱରେ ପ୍ରତିଷ୍ଠା ଦିନଠାରୁ ଏ ପର୍ଯ୍ୟନ୍ତ ଦେଶର ଅର୍ଥନୀତିର ମେରୁଦଣ୍ଡ କୃଷି ଓ କୃଷକ ସମାଜର ବିକାଶ ପାଇଁ ସଂଘର୍ଷ ଅବ୍ୟାହତ ଥିବାବେଳେ କୃଷକ ସମାଜର ହକ୍ ଏବଂ ଅଧିକାର ପାଇଁ ସଂଘର୍ଷ କରୁଥିବା ବାମପନ୍ଥୀ ଆନ୍ଦୋଳନ ଓ ସଂସଦୀୟ ପ୍ରତିନିଧିତ୍ୱ ବୃଦ୍ଧି ଦ୍ୱାରା ହିଁ ସମ୍ଭବ ହେବ। ଏଥିପାଇଁ ପ୍ରତ୍ୟେକ ଗାଁରେ ଅଖିଳ ଭାରତ କୃଷକ ସଭାର ସଭ୍ୟ ସଂଗ୍ରହ, ଶାଖା ଗଠନ ସହ କୃଷକ ଆନ୍ଦୋଳନ ଶକ୍ତିଶାଳୀ ହେଲେ ହିଁ କୃଷକ ସମାଜର ଦାବି ପୂରଣ ସହ ଗ୍ରାମ୍ୟ ଅର୍ଥନୀତି ସୁଦୃଢ଼ ହୋଇ ପାରିବ ବୋଲି ଆହ୍ୱାନ ଦେଇ ଓଡ଼ିଶାରେ କୃଷକ ଆନ୍ଦୋଳନକୁ ଶାଣିତ କରିବାକୁ ଆହ୍ୱାନ ଦେଇଥିଲେ। ଉପସଭାପତି କମ୍ରେଡ ଆଶିଷ କାନୁନ୍‌ଗୋ ଓଡ଼ିଶାର କୃଷି ଓ କୃଷକ ସମସ୍ୟା ନେଇ ଆଗାମୀ ଜୁଲାଇ-ଅଗଷ୍ଟରେ ରାଜ୍ୟ ବ୍ୟାପୀ ପଦଯାତ୍ରା ସହ ୧ ସେପ୍ଟେମ୍ବରରେ ରାଜ୍ୟସ୍ତରୀୟ "କୃଷକ ଗର୍ଜନ ମହା ସମାବେଶ" ଭୁବନେଶ୍ୱରରେ କରାଇବାକୁ ଆହ୍ୱାନ ଦେଇଥିଲେ।

# ଡକ୍ଟର ଅଶୋକ କୁମାର ପଣ୍ଡା, ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ, ସେଲ୍‌ଙ୍କ ରାଉରକେଲା ଇସ୍ପାତ କାରଖାନା ଗସ୍ତ




ରାଉରକେଲା, ୩୦/୫ (ନି.ପ୍ର): ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍)ର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ (ସିଏମଡି) ଡକ୍ଟର ଅଶୋକ କୁମାର ପଣ୍ଡା ୨୯ ମଇ, ୨୦୨୬ରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)କୁ ଏକ ଦୁଇ ଦିନିଆ ଗସ୍ତରେ ରାଉରକେଲା ପହଞ୍ଚିଛନ୍ତି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ରାଉରକେଲା ବିମାନବନ୍ଦରରେ ଡକ୍ଟର ପଣ୍ଡାଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର ଉପସ୍ଥିତ ଥିଲେ। ବିମାନବନ୍ଦରରେ ଆରଏସପିର ସିଆଇଏସଏଫ୍ ୟୁନିଟ୍ ପକ୍ଷରୁ ଡକ୍ଟର ପଣ୍ଡାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ୩୦ ତାରିଖ ସକାଳେ, ଡକ୍ଟର ପଣ୍ଡା ଆରଏସପିର ସମ୍ପ୍ରସାରଣ ସ୍ଥଳ ଏବଂ ନ୍ୟୁ ପ୍ଲାଣ୍ଟ ମିଲ୍ ପରିଦର୍ଶନ କରିଥିଲେ। ସିଏମଡିଙ୍କ ସହ ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, ରାଜୀବ ରଞ୍ଜନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବ୍ୟବସାୟିକ ଯୋଜନା) (ସେଲ୍), କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପଲାଇ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ଏସ୍ ପାଲ୍ ଚୌଧୁରୀ ଉପସ୍ଥିତ ଥିଲେ। ପରିଦର୍ଶନ ପରେ, ଡକ୍ଟର ପଣ୍ଡା ଆରଏସପିର 'ମନ୍ଥନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଭାରପ୍ରାପ୍ତ ନିର୍ଦ୍ଦେଶକ, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ସିଜିଏମ, ବିଭାଗୀୟ ମୁଖ୍ୟ (ଏଚଓଡି) ଏବଂ କାରଖାନାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଆରଏସପି ଗସ୍ତକୁ ନିଜର 'ଘର ବାହୁଡ଼ା' ଭାବେ ଅଭିହିତ କରି ଡକ୍ଟର ପଣ୍ଡା କାରଖାନାର ଉତ୍କୃଷ୍ଟ ପ୍ରଦର୍ଶନ ଏବଂ ବିଭିନ୍ନ କ୍ଷେତ୍ରରେ ଏହା ଦ୍ୱାରା ସ୍ଥାପିତ ହୋଇଥିବା ଅନେକ ରେକର୍ଡର ପ୍ରଶଂସା କରିଥିଲେ। ସେଲ୍ ମ୍ୟାନେଜମେଣ୍ଟ ଆରଏସପି ଉପରେ ନିଜର ଆସ୍ଥା ପ୍ରକଟ କରିଛି ଏବଂ ଏହାଠାରୁ ଅନେକ ଆଶା ମଧ୍ୟ ରଖିଛି ବୋଲି ସେ ଯୋଗ କରିଥିଲେ। ଆଲୋଚନା ସମୟରେ ଡକ୍ଟର ପଣ୍ଡା ଇସ୍ପାତ କାରଖାନାର ପରିଚାଳନାର ତିନୋଟି ପ୍ରମୁଖ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ, ଯଥା - ସୁରକ୍ଷା ଯନ୍ତ୍ରପାତିର ସୁସ୍ଥତା ଏବଂ ମୂଲ୍ୟଯୁକ୍ତ ଇସ୍ପାତ ର ଅଧିକ ଉତ୍ପାଦନ। ଶ୍ରୀ ଆଲୋକ ବର୍ମା ସିଏମଡିଙ୍କୁ ତାଙ୍କ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ କହିଥିଲେ ଯେ ଆରଏସପିର ସମୂହ କର୍ମଚାରୀ ସେଲ୍ ମ୍ୟାନେଜମେଣ୍ଟର ଆଶା ଅନୁରୂପ କାର୍ଯ୍ୟ କରି ଦେଖାଇବେ। ଡକ୍ଟର ପଣ୍ଡା ଅପରାହ୍ନରେ ରାଉରକେଲାରୁ ପ୍ରସ୍ଥାନ କରିଥିଲେ। ରାଉରକେଲା ବିମାନବନ୍ଦରରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତାଙ୍କୁ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ତ୍ରିକୋଣୀୟ ପ୍ରେମରୁ ଥାର୍ ଚଢ଼ାଇ ହତ୍ୟା: ଡିସିପି

ଭୁବନେଶ୍ୱର, ୩୦/୫ (ନି.ପ୍ର): ଚନ୍ଦ୍ରଶେଖରପୁରରେ ଥାର୍ ଚଢ଼ାଇ ହତ୍ୟା ପଛର ବଡ଼ ଖୁଲାସା ହୋଇଛି । ତ୍ରିକୋଣୀୟ ପ୍ରେମରୁ ଥାର୍ ଚଢ଼ାଇ ହତ୍ୟା କରାଯାଇଥିବା ନେଇ ଡିସିପି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ତ୍ରିକୋଣୀୟ ପ୍ରେମକୁ ନେଇ ମୃତକ ଓ ଆକ୍ରମଣକାରୀଙ୍କ ମଧ୍ୟରେ ଶତ୍ରୁତା ଥିଲା । କ୍ରିକେଟ ଷ୍ଟମ୍ପ୍ ନେଇ ସଂଘବଦ୍ଧ ଭାବେ ପିଟି ମାରିବା ଉଦ୍ୟମ କରିଥିଲେ । ଏହା ପରେ ଝଗଡ଼ା ହୋଇଥିଲା, ଜାଣିଶୁଣି ଥାର ଚଢ଼ାଇଥିଲେ ଅଭିଯୁକ୍ତ । ଘଟଣାର ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ରହିଛନ୍ତି, ଅନ୍ୟ ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିସିପି କହିଛନ୍ତି । ବର୍ତ୍ତମାନ ସୁଦ୍ଧା ୫ ଅଟକ, ଥାର ଓ ଗୋଟିଏ ବାଇକ୍‌କୁ ଜବତ କରାଯାଇଛି । ରାତି ୩ଟା ବେଳେ ହୋଇଛି । ଝଗଡ଼ା ପରେ ପିଛା କରି ଜାଣିଶୁଣି ଧକ୍କା କରିଛନ୍ତି । ବାଇକ୍‌ରେ ଥିବା ୩ ଜଣଙ୍କ ଭିତରୁ ଜଣେ ମୃତ, ଆଉ ୨ ଆହତ ପ୍ରତ୍ୟକ୍ଷଦର୍ଶୀ । ଏଥିରେ କୌଣସି ଯୁବତୀଙ୍କ ସମ୍ପୃକ୍ତି ଜଣାପଡ଼ିନି, ହଠାତ ଝଗଡ଼ାରୁ ଘଟିଛି ବୋଲି ଡିସିପି କହିଛନ୍ତି । ୩ ଜଣ ବାଇକ୍‌ରେ କ୍ରିକେଟ ଷ୍ଟମ୍ପ ନେଇ ଆକ୍ରମଣ ପାଇଁ ଯାଇଥିଲେ । ମାତ୍ର ଦୋକାନରେ ଅଧିକ ଲୋକ ଥିବାରୁ ସାହସ ନ କରି ଫେରିଥିଲେ । ଏହା ପରେ ସେମାନେ ଥାରରେ ପିଛା କରି ଧକ୍କା ଦେଇଥିବା ଜଣାପଡ଼ିଛି ବୋଲି ଡିସିପି କହିଛନ୍ତି ।

# ସମ୍ବଲପୁର ଶୀତଳ ଷଷ୍ଠୀ ପାଇଁ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ

ଭୁବନେଶ୍ୱର, ୩୦/୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ସମ୍ବଲପୁରର ଶୀତଳ ଷଷ୍ଠୀ ପର୍ବ ଆମ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଶୀତଳ ଷଷ୍ଠୀକୁ ଭବ୍ୟତାର ସହ ପାଳନ କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି।

**AFFIDAVIT**

By virtue of an affidavit before the executive Magistrate Basudevpur, I Kalakar Majhi Son of Bailochan Majhi permanent resident of vill-Badaagapur, Po-Padmapur, P.s-Basudevpur, Dist-Bhadrak, pin- 756124 declare that, I am the father of the minor DIPUNU KUMAR MAJHI, For and on behalf of my minor son, I wholly renounce, relinquish and abandon the use of the former name of my minor son DIPUNU KUMAR MAJHI and in place thereof assume from the date hereof the name of such minor as DIPUN MAJHI. From now on he shall be known as DIPUN MAJHI for all purposes.

Kalakar Majhi

# ଭଦ୍ରକରେ ନୂତନ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ: ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ତୀବ୍ର ବିରୋଧ



ଭଦ୍ରକ , ୩୦/୫ (ନି.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ କ୍ରମେ ସକାଳ ଆଠଟାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ଜିଲ୍ଲାରେ ନୂତନ କରି ପ୍ରାୟ ୬୦ ଟି ବିଦେଶୀ ଓ ଦେଶୀ ମଦ ଦୋକାନ ଖୋଲିବାକୁ ଜିଲ୍ଲାପାଳ ଲାଇସେନ୍ସ ପ୍ରଦାନ କରିଥିବାରୁ ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଛି ।ଏହି ବିକ୍ଷୋଭ ପରିପ୍ରେକ୍ଷୀରେ ଜିଲ୍ଲା ସମ୍ପାଦକ ବରିଷ୍ଠ ଆଡଭୋକେଟ୍ ଗିରିଧାରୀ ନାଥ ଅଭିଯୋଗ କରିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ଓଡିଶା ବିଜେପି ଦଳ ରାଜ୍ୟବାସୀଙ୍କୁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲାକି ବିଜେପି କ୍ଷମତାକୁ ଆସିଲେ ଓଡ଼ିଶାରେ ମଦ ପ୍ରଚଳନ ବନ୍ଦ ହେବ। ମଦ ମୁକ୍ତ ଓଡ଼ିଶା ତିଆରି ହେବ। ମାତ୍ର ମଦ ବନ୍ଦ କରିବା ପରିବର୍ତ୍ତେ ଓଡ଼ିଶାରେ ନୂତନ ଭାବେ ସାତ ଶହରୁ ଉର୍ଦ୍ଧ୍ୱ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ କରିଛନ୍ତି ଏବଂ ଭଦ୍ରକ ଜିଲ୍ଲାପାଳ ଗତକାଲି ୬୦ ଜଣକୁ ନୂତନ ଲାଇସେନ୍ସ ପ୍ରଦାନ କରିଛନ୍ତି ।ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଭଦ୍ରକ ଓ ଓଡ଼ିଶା ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧୀ। ବେକାରୀ ଯୁବକମାନଙ୍କୁ କର୍ମ ସନ୍ଧାନ ଯୋଗାଇବା ପରିବର୍ତ୍ତେ ସେମାନଙ୍କୁ ରାଜନୈତିକ ବଚସ୍କର ବନେଇବା ପାଇଁ ମୋହନ ମାଝି ସରକାରଙ୍କର ଏହା ଏକ ହୀନ ପ୍ରୟାସ। ରାଜସ୍ୱ ଆଦାୟ ନାଁ ରେ ସରକାର ମଦ ବେପାର କରି ସମାଜକୁ ଉତ୍ସୁଙ୍ଖଳ କରୁଛନ୍ତି। ପରିବାର ଉଜୁଡି ଯାଉଛି ଏହି ମଦ ପାଇଁ ରାଜକୋଷକୁ ଅର୍ଥ ଆସିବା ପରିବର୍ତ୍ତେ ମଦରୁ ଆୟର ପ୍ରାୟ ଦଶ ଗୁଣ ସରକାର ଖର୍ଚ୍ଚ କରୁଛନ୍ତି ମଦ ଜନିତ ଅପରାଧ ରୋକିବା ପାଇଁ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପ୍ରଦାନ କରିଥିବା ଲାଇସେନ୍ସକୁ ପ୍ରତ୍ୟାହାର କରିନେବା ପାଇଁ ନିଶା ନିବାରଣ ଜିଲ୍ଲା କମିଟି ଦାବି କରିଛି। ଏବଂ ଏ ସଂକ୍ରାନ୍ତରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲ୍ଲା କଲେକ୍ଟରଙ୍କ ଜରିଆରେ ଦାବୀପତ୍ର ପ୍ରଦାନ କରାଯାଇଛି ।ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ ଜିଲ୍ଲା ସାଙ୍ଗଠନିକ ସଭାପତି ସଙ୍ଗ୍ରାମ କିଶୋର ମହାନ୍ତି, ଉପସଭାପତି ଅମର ପାଣିଗ୍ରାହୀ, ଅନ୍ୟତମ ଉପସଭାପତି ଅଗଣୀ ଚରଣ ଜେନା, ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ,ସରସ୍ୱତୀ ସେନାପତି ଓ ଅନ୍ୟମାନେ। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ସଂଯୋଜକ ଖଗେଶ୍ୱର ବଳ ଉପସ୍ଥିତ ରହି ଆନ୍ଦୋଳନ ପରିଚାଳନାରେ ସହଯୋଗ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଆଡଭୋକେଟ୍ ମାଧବ ଚନ୍ଦ୍ର ବେହେରା, ଉର୍ମିଳା ସେନାପତି ,ରୁକ୍ମଣୀ ଘଡ଼େଇ, ନାରାୟଣ ପୋଥାଳ, ଅଭିମନ୍ୟୁ ଲେଙ୍କା, ଚନ୍ଦ୍ରଗୁପ୍ତ ଲେଙ୍କା,ସ୍ନେହଲତା ମଲ୍ଲିକ,ସଙ୍ଗିତା ମହାନ୍ତି, ଜ୍ୟୋତି ବାଳା ନାୟକ ଏପରି ଶତାଧିକ କର୍ମି ଉପସ୍ଥିତ ରହି ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଶେଷରେ ଓଡ଼ିଶାକୁ ମଦ ମୁକ୍ତ କରିବା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଧ୍ୱନି ପ୍ରତିଧ୍ୱନି



# କ୍ୟାନସର ପୀଡିତ ରଘୁନାଥଙ୍କୁ ଚିକିତ୍ସାରେ ବାଧକ ସାଜିଛି ଅର୍ଥ: ସହାୟତା ପାଇଁ ଓଡ଼ିଶାବାସୀଙ୍କୁ ମାଆର ନିବେଦନ

ନୀଳଗିରି, ୩୦/୫ (ନି.ପ୍ର): ରାତିପାହିଲେ ଭଗବାନଙ୍କୁ ପୂଜାକରି ପେଟ ପୋଷୁଥିଲେ। ଏବେ ନିଜ ଜୀବନ ବଞ୍ଚାଇବା ପାଇଁ ଭଗବାନଙ୍କ ନିକଟରେ ଗୁହାରୀ କରୁଛନ୍ତି।ନୀଳଗିରି ନିର୍ବାଚନ ମଣ୍ଡଳୀ ବାହାନଗା ବ୍ଲକ କସବା ଜୟପୁର ଗ୍ରାମର ରଘୁନାଥ ପାଢୀ( ୫୫ ) ଜଜମାନ କରି ପରିବାର ପ୍ରତିପୋଷଣ କରନ୍ତି। ମା ଓ ଭଉଣୀକୁ ନେଇ ସଂସାର ଚାଲିଥିବାବେଳେ ଘରର ଏକମାତ୍ର ରୋଜଗାରିଆ ପୁଅ ରଘୁନାଥ ୨୦୨୧ ମସିହାରେ ହଠାତ ମୁଖକର୍କଟରେ ପୀଡିତ ହୋଇଥିଲେ। ପ୍ରଥମେ ଏସ୍‌ସିବି ଓ ପରେ ପଞ୍ଜାବର ଚଣ୍ଡୀଗଡରେ ଚିକିତ୍ସିତ ହୋଇଥିଲେ। ଜମିବାଡି ବିକ୍ରିକରି ପୁଅର ଦେହ ଭଲରେ ଲାଗିପଡିଥିଲେ ମାଆ ରଙ୍ଗଲତା।୫ବର୍ଷ ମଧ୍ୟରେ ନିଜର ସମସ୍ତ ସମ୍ପତ୍ତି ସାରିବାପରେ ଏବେ ଅସହାୟ ହୋଇପଡିଛନ୍ତି।ପୁଅର ଦେହ ଭଲ କରିବାପାଇଁ ସରକାରଙ୍କୁ ସହାୟତା ଲୋଡିବା ସହ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି ।ସମଗ୍ର ଓଡିଶାବାସୀ ଓ ସେବା ସଙ୍ଗଠନ ମାନେ ସହାୟତାର ହାତ ବଢାଇବାପାଇଁ ମଧ୍ୟ ଅନୁରୋଧ କରିଛନ୍ତି ମାଆ ରଙ୍ଗଲତା।ଏ ବାବଦରେ ଖବର ପାଇବାପରେ ସାଇ ସତ୍ୟଜିତ ଟ୍ରଷ୍ଟର ସଦସ୍ୟମାନେ ରଘୁନାଥଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା କରିବାସହ ଆଗାମୀ ଦିନରେ କିପରି ଅଧିକ ସହଯୋଗ ପାଇପାରିବେ ସେଥିପାଇଁ ସମସ୍ତ ଓଡିଶା ବାସୀଙ୍କୁ ଅନୁରୋଧ କରିଛନ୍ତି।ଯେଉଁ ସହୃଦୟ ବ୍ୟକ୍ତି ସହାୟତା କରିବାକୁ ଚାହୁଁଛନ୍ତି ସେମାନେ ଏହି ଆକାଉଣ୍ଟ ନମ୍ବର ୨୦୧୬୪୪୮୬୨୫୪ଯାହାର ଆଇଏଫସି କୋଡ ଏସବିଆଇଏନ୍ ୦୦୬୪୫୩୫ରେ କିମ୍ବା ଫୋନପେ ଜରିଆରେ ୯୪୩୮୧୮୦୧୮୫ ନମ୍ବରରେ ସହଯୋଗ କରିପାରିବେ।

# ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘର ଉପରେ ବୋମା ମାଡ

ପାରାଦୀପ, ୩୦/୫ (ନି.ପ୍ର): ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଘରେ ଉପରେ ଶନିବାର ଦିନ ସଂଧ୍ୟାରେ ବୋମା ମାଡ ହୋଇଛି । ଗୋଟିଏ ମୋଟର ସାଇକେଲ୍‌ରେ ତିନି ଜଣ ଯୁବକ ଆସି ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ମଧୁବନସ୍ଥିତ ବାସଭବନ ଉପରେ ପେଟ୍ରୋଲ ବୋମା ପକାଇ ଫେରାର ହୋଇଯାଇଥିବା ଜଣା ପଡିଛି ।ଖବର ପାଇ ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛନ୍ତି ।ବୋମା ମାଡ ହେବା ସମୟରେ ନଗରପାଳ ଶ୍ରୀ ବିଶ୍ୱାଳ ଘରେ ନଥିଲେ । ଘଟଣାରୁ ପ୍ରକାଶଯେ, ପାରାଦୀପର ସବୁ ବର୍ଗର ଲୋକମାନଙ୍କ ସମସ୍ୟାର ଆଶୁ ସମାଧାନ କରିବା ଦିଗରେ ଶ୍ରୀ ବିଶ୍ୱାଳଙ୍କ ଦକ୍ଷତା ରହିଛି । ଯେଉଁଥି ପାଇଁ ସେ ପାରଦୀପର ଘରେ ଘରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଦୁଇ ଦୁଇ ଥର ସେ ପାରାଦୀପ ପୌର ପରିଷଦର ଅଧକ୍ଷ ଭାବେ ନିର୍ବାଚିତ ହୋଇ ପାରିଛନ୍ତି । ପାରାଦୀପ ଅଂଚଳର ସେ ଜଣେ ଜଣାଶୁଣା ରାଜନେତା । ଛାତ୍ର ରାଜନିତିରେ ସେ ପାରାଦୀପ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ନିର୍ବାଚିତ ହେବା ପରେ ପାରାଦୀପ ବିଜ୍ଞାପିତ ଅଂଚଳ ପରିଷଦର ପାରିଷଦ, ପାରାଦୀପ ପୌର ପାଳିକାର ଉପାଧକ୍ଷ ଓ ଦୁଇ ଦୁଇ ଥର ନଗରପାଳ ଭାବେ ନିର୍ବାଚିତ ହୋଇ ନିଜର ଲୋକପ୍ରିୟତାର ପ୍ରମାଣ ଦେଇଛନ୍ତି ।ତେବେ କିଏ କାହିଁକି ତାଙ୍କ ପରି ଲୋକପ୍ରିୟ ରାଜନେତାଙ୍କ ଘର ଉପରେ ବୋମା ମାଡ କଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# କାଦୁଅ ପଚପଚ ପକ୍କା ସଡ଼କ: ଡ୍ରେନ ନିର୍ମାଣ ନହେବାରୁ ମାଟିବନ୍ଧ ପକାଇ ଜଳନିଷ୍କାସନ

ନୀଳଗିର, ୩୦/୫ (ନି.ପ୍ର): ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କାନକୁ ଭଲ ଶୁଭୁଥିଲେ ହେଁ ବାସ୍ତବଚିତ୍ର ଭିନ୍ନ। ରାସ୍ତାଘାଟ ଠାରୁ ପାନୀୟଜଳ, କୃଷି ଠାରୁ ସ୍ୱାସ୍ଥ୍ୟ ପ୍ରତିକ୍ଷେତ୍ରରେ ଗ୍ରାମାଞ୍ଚଳ ମାନଙ୍କରେ ବିକାଶକରିବା ସରକାରଙ୍କ ମୁଖ୍ୟଲକ୍ଷ୍ୟ। ମାତ୍ର ଅଧିକାରୀ ଏବଂ ଠିକାଦାରଙ୍କ ପକେଟ ଗରମ କରିବା ଉଦ୍ଦେଶ୍ୟରଖିଲେ ବିକାଶ କେବଳ କାଗଜକଲମରେ ରହିଯାଇଥାଏ। ବିଭିନ୍ନ ସମୟରେ ଏପରି ଘଟଣା ନଜରକୁ ଆସିଥିଲା ବେଳେ ଏବେ ନୀଳଗିରି ବ୍ଲକରେ ଏକ ଚିତ୍ର ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ ଉକ୍ତ ବ୍ଲକ ମାଟିଆଳି ଗ୍ରାମପଞ୍ଚାୟତ ମାଟିଆଳି ଗ୍ରାମରେ ୨୦୨୪/୨୫ ଆର୍ଥିକବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ନାହିଧର ମହାପାତ୍ର ଘରଠାରୁ ବଡ଼ପୋଖରୀ ପର୍ଯ୍ୟନ୍ତ ପକ୍କାରାସ୍ତା ସହିତ ଡ୍ରେନନିର୍ମାଣ କରିବାପାଇଁ ବିଭାଗୀୟ କାର୍ଯ୍ୟାଦେଶ ଥିବାବେଳେ ଅଟକଳ ମୂଲ୍ୟ ୪ଲକ୍ଷ ୭ହଜାର ୫୬୩ଟଙ୍କାର ଅନୁଦାନ ଆସିଥିଲା। ମାତ୍ର ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ପକ୍କାସଡ଼କ ନିର୍ମାଣକାର୍ଯ୍ୟ ନିମ୍ନମାନର ହୋଇଥିବାବେଳେ ରାସ୍ତାକଡ଼ରେ ଡ୍ରେନନିର୍ମାଣ କରାଯାଇନଥିବା ଦେଖିବାକୁ ମିଳିଛି। ଫଳରେ ରାସ୍ତାପାଣି ସହିତ ଅନ୍ୟାନ୍ୟ ପାଣିନିଷ୍କାସନ ହୋଇନପାରି ରାସ୍ତାର ଉଭୟପଟକୁ



ବହିଯାଉଛି। ଯାହାଫଳରେ ରାସ୍ତାର ଉଭୟପଟ ରେ ଥିବା ଚାଷଜମିରେ ପାଣିଜମା ହେବାଫଳରେ ବାଡିରେ କରାଯାଇଥିବା ଚାଷ ଓ କିଛିଲୋକଙ୍କ ଘରଭିତରେ ପାଣି ପଶିଯାଉଛି। କ୍ଷୟକ୍ଷତି ରୋକିବାପାଇଁ କ୍ଷତିଗ୍ରସ୍ତ ଚାଷୀ ରାସ୍ତାକଡ଼ରେ ମାଟିପକାଇବାକୁ ବାଧହୋଇଛି। ତେଣୁ ସାମାନ୍ୟ ବର୍ଷାରେ ରାସ୍ତାକଡ଼ରେ ଜମାହୋଇଥିବା ମାଟି ବହିଆସି ପକ୍କାରାସ୍ତାରେ ଜମି କାଦୁଅ ପଚପଚ ହୋଇଥିବାବେଳେ ଯିବାଆସିବାରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏହି କାର୍ଯ୍ୟର ସମସ୍ତ ବିଲ ଉଠିସାରିଥିବା ବେଳେ ସାଧାରଣ ଜନତା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ଗ୍ରାମବାସୀ ମିଳିତଭାବେ ଉଭୟ ଗୋଷ୍ଠୀଉନ୍ନୟନ ଅଧିକାରୀ ବିକ୍ରମ କିଶୋର ପରିଡା ଏବଂ ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କୁ ମଧ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ ତଦନ୍ତ କରାଯାଇନଥିବା ସୂଚନା ମିଳିଛି। ତେବେ ଲୋକଙ୍କ କହିବାକଥା ସରକାର ଲୋକଙ୍କ ସରକାର ମାତ୍ର ତାହା କଥାରେ ରହିଯାଉଛି। ଉପଜିଲ୍ଲାପାଳ କିମ୍ବା ଗୋଷ୍ଠୀଉନ୍ନୟନ୍ ଅଧିକାରୀ କେବେ ତଦନ୍ତ କରି ଉଚିତ ପଦକ୍ଷେପ ନେବେ ଦେଖିବାକୁ ବାକିରହିଲା।

# ନୂତନ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା



ବସ୍ତା , ୩୦/୫ (ନି.ପ୍ର): ବସ୍ତା ବ୍ଲକ ହୋଟେଲ ପ୍ରିନ୍ସ ପରିସରରେ ବିଜୁ ଜନତା ଦଳର ବିଭିନ୍ନ ପଂଚାୟତ ପକ୍ଷରୁ ଦଳର ନୂତନ ବ୍ଲକ ସଭାପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ, ବହୁ ବିଜେଡି ନେତା, ସରପଞ୍ଚ, ଜିଲ୍ଲାପରିଷଦ ପ୍ରମୁଖ ଉପସ୍ଥିତ ରହି ନୂତନ ବ୍ଲକ ସଭାପତି ତଥା ନିର୍ବାଚନ ମଣ୍ଡଳୀ ସଂଯୋଜକ ମହାଦେବ ଦାସଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ତେବେ ଆଜିର ସମ୍ବର୍ଦ୍ଧନା ପର୍ବରେ ବିଷ୍ଣୁପ୍ରିୟା ବୁଗୁଡ଼ି, ଅଖିଳ ବେହେରା,ଅନିରୁଦ୍ଧ ଆଇଚ, ଖଗେଶ୍ୱର ବେହେରା, ଦିଲ୍ଲୀପ କୁମାର ପାତ୍ର, ଗୋପାଳ ଦାସ, କାଳିଚରଣ ଗିରି, ସୁଦର୍ଶନ ପାଳ, ରାଜୀବ କୁମାର ଗିରି, ବିନୋଦ ଦାସ, ରାଜେଶ କୁମାର ଗିରି, ପୂର୍ଣଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଦାସଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା କରିଥିଲେ।

## ବିଏମସି ପକ୍ଷରୁ ଖାଦ୍ୟର ମାନ ଯାଂଚ ନେଇ ହୋଟେଲରେ ଚଢ଼ଉ

ଭୁବନେଶ୍ୱର, ୩୦/୫ (ନି.ପ୍ର): ବିଏମସି ପକ୍ଷରୁ ଭୁବନେଶ୍ୱରର ଭରତପୁର ଓ ଜାଗମରା ଅଂଚଳରେ ଖାଦ୍ୟ ସୁରକ୍ଷା ନିୟମ ପାଳନ ନେଇ ଚଢାଉ କରାଯାଇଛି । ଖାଦ୍ୟ ସୁରକ୍ଷା ଅଧିକାରୀମାନେ ବିଭିନ୍ନ ଖାଦ୍ୟ ପ୍ରତିଷ୍ଠାନ, ଯଥା ଭୋଜନାଳୟ, ମିଠା ଦୋକାନ, କୋଲ୍ଡ ଡ୍ରିଙ୍କସ୍ ଏବଂ ଫଳ ଦୋକାନ ମାନଙ୍କରେ ଯାଂଚ କରିଥିଲେ। ଫଳ ଓ ଫଳରସର ୮ଟି ନମୁନା ରାସାୟନିକ ପରୀକ୍ଷା ପାଇଁ ସଂଗ୍ରହ କରାଯାଇଥିଲା ।ଏହାସହ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ (ଏଫଏସଏସ୍ ଆକ୍ଟ) ର ଧାରା ୩୮(୪) ଅନୁଯାୟୀ ଅସୁରକ୍ଷିତ ଏବଂ ଅସ୍ୱଚ୍ଛ ଖାଦ୍ୟ ସାମଗ୍ରୀଗୁଡ଼ିକୁ ନଷ୍ଟ କରାଯାଇଥିଲା।

# ଜାତୀୟସ୍ତରୀୟ ପ୍ରେରଣା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ରଘୁନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରଶ୍ମିରେଖା

ବୈଶିଙ୍ଗା , ୩୦/୫ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଂଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ରଶ୍ମିରେଖା ସାହୁ ଜାତୀୟ ସ୍ତରୀୟ ‘ପ୍ରେରଣା‘ କାର୍ଯ୍ୟକ୍ରମ ରେ ମୟୁରଭଞ୍ଜ ରୁ ପ୍ରତିନିଧିତ୍ୱ କରିବେ । ଗୁଜରାଟ ରାଜ୍ୟ ଅହମଦାବାଦ ର ଭାଦନଗର ଠାରେ ମେ ୩୧ ତାରିଖ ଠାରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ୭ ଦିନ ବ୍ୟାପି କାର୍ଯ୍ୟକ୍ରମ ରେ ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରୁ ରୁ ଛାତ୍ରଛାତ୍ରୀ ମାନେ ଏକାଠି ହୋଇ ନିଜ ଅଞ୍ଚଳର ଶିକ୍ଷା, ସଂସ୍କୃତି ଓ ପରମ୍ପରା ସମ୍ପର୍କିତ ଭାବ ବିନିମୟ



କରିବାର ସୁଯୋଗ ହାସଲ କରି ପାରିବେ । ଅଭିଜ୍ଞ ଶିକ୍ଷାବିତ ଗଣ ଛାତ୍ରଛାତ୍ରୀ ମାନଙ୍କୁ ଜାତୀୟ ଶିକ୍ଷା ନୀତି ଉପରେ ବହୁ ଉପାଦେୟ ଶିକ୍ଷଣ ପ୍ରଦାନ କରିବେ । ଏତଦବ୍ୟତୀତ ଗୁଜୁରାଟ ର ବିଭିନ୍ନ ଶିକ୍ଷଣୀୟ ତଥା ଦର୍ଶନୀୟ ସ୍ଥାନ ପରିଭ୍ରମଣର ସୁଯୋଗ ପାଇବେ ଶିକ୍ଷାର୍ଥୀ ମାନେ । ରଘୁନାଥ ଉଚ୍ଚ ବିଦ୍ୟାଳୟ, ରାଇକମାର ଛାତ୍ରୀ ରଶ୍ମିରେଖାଙ୍କ ସମେତ ପୁରୁଣିଆ ସ୍ଥିତ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ର ଦଶମ ଶ୍ରେଣୀ ଛାତ୍ର ତ୍ରିଲୋଚନ ନାୟକ ଜିଲ୍ଲା ସ୍ତରୀୟ ପ୍ରେରଣା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ଏହି ଜାତୀୟ କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି କ୍ଷମୟୁରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କ ତରଫରୁ ଶିକ୍ଷୟିତ୍ରୀ ନିତୁ ବାଲା ଙ୍କ ନେତୃତ୍ୱରେ ଏହି ଶିକ୍ଷାର୍ଥୀ ଦ୍ୱୟ ଅହମଦାବାଦ ଯାତ୍ରା କରିଛନ୍ତି ।ଶିକ୍ଷାର୍ଥୀଙ୍କ ଏହି ମୂଲ୍ୟବାନ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣ ଚନ୍ଦ୍ର ସେଠି, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଓ ରବିନ୍ଦ୍ର କୁମାର ସାମନ୍ତରାୟ ଅଭିନନ୍ଦନ ଜଣାଇଛନ୍ତି ।

## ନଗର ଉନ୍ନୟନ ବିଭାଗ ତରଫରୁ କ୍ୟାମ୍ପ କୋର୍ଟ ଆୟୋଜିତ

ଭୁବନେଶ୍ୱର, ୩୦/୫ (ନି.ପ୍ର): ଗୃହ ଏବଂ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଶନିବାର ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇଥିଲା। ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ଦ୍ରୁତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢୀ ଆଜିର ଶୁଣାଣିରେ ଅଧକ୍ଷତା କରିଥିଲେ। ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୪୨ ଟି ମାମଲା ଗ୍ରହଣ ଏବଂ ନିଷ୍କାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡିତ। ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ମଧ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

# ଭଦ୍ରକରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ଅବସରରେ ଭୋଟର ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଭଦ୍ରକ, ୩୦/୫ (ନି.ପ୍ର): ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ଭୋଟରମାନଙ୍କୁ ସହଜ ଓ ଦ୍ରୁତ ସେବା ପ୍ରଦାନ ଉଦ୍ଦେଶ୍ୟରେ ଏକ ଭୋଟର ସହାୟତା କେନ୍ଦ୍ର ଆଜି ଜିଲ୍ଲାପାଳକଂ କାର୍ଯ୍ୟାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଦିଲୀପ ରାଉତରାଏ ଓ ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ରବି ନାରାୟଣ ସାହୁ ଏହି ସହାୟତା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲା




ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧନାଇ ଚରଣ ଟୁଡୁ, ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ପ୍ରତିମା ନାୟକ ଓ ସହକାରୀ ଜିଲ୍ଲାପାଳ ଶ୍ରୀ ଶାଶ୍ୱତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଭୋଟର ସହାୟତା କେନ୍ଦ୍ର ମାଧ୍ୟମରେ ଭୋଟରମାନେ ଭୋଟର ତାଲିକା ସମ୍ବନ୍ଧୀୟ ବିଭିନ୍ନ ସୂଚନା, ନାମ ଅନ୍ତର୍ଭୁକ୍ତି, ସଂଶୋଧନ, ବିଲୋପ ଓ SIR-୨୦୨୬ ସମ୍ବନ୍ଧୀୟ ଆବଶ୍ୟକ ସହାୟତା ପାଇପାରିବେ। SIR-୨୦୨୬ ଅଧୀନରେ ଭୋଟର ତାଲିକାର ସଠିକତା ଓ ଅଦ୍ୟତନକରଣ ପାଇଁ ଘରକୁ ଘର ବୁଲି ଯାଞ୍ଚ କାର୍ଯ୍ୟ ଚାଲିଛି। ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ନିର୍ବାଚକଙ୍କ ନାମକୁ ଭୋଟର ତାଲିକାରେ ସୁନିଶ୍ଚିତ କରିବା ଏବଂ ଅଯୋଗ୍ୟ ନାମଗୁଡ଼ିକୁ ତାଲିକାରୁ ହଟାଇବା। ଏହା ମାଧ୍ୟମରେ ଏକ ନିର୍ଭରଯୋଗ୍ୟ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତ ହେବ। SIR-୨୦୨୬ ସମ୍ପର୍କରେ ଅଧିକ ସୂଚନା ପାଇଁ ନାଗରିକମାନେ ଟୋଲ୍ ଫ୍ରି ନମ୍ବର ୧୯୫୦ରେ ଯୋଗାଯୋଗ କରିପାରିବେ। ଏଥିସହ **voters.eci. gov.in** ୱେବସାଇଟ କିମ୍ବା **ECINET** ଆପ୍ ମାଧ୍ୟମରେ **“Book a Call with BLO”** ସୁବିଧା ବ୍ୟବହାର କରି ଆବଶ୍ୟକ ସହାୟତା ଓ ସୂଚନା ପାଇପାରିବେ

# ଖୋର୍ଦ୍ଧା ଜିଲ୍ଲା ପ୍ରଶିକ୍ଷଣ ବର୍ଗରେ ଯୋଗଦେଲେ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୩୦/୫ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଦିନ ଭାରତୀୟ ଜନତା ପାର୍ଟି, ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଆୟୋଜିତ ‘ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ–୨୦୨୬’ ଅନ୍ତର୍ଗତ ଜିଲ୍ଲା ପ୍ରଶିକ୍ଷଣ ବର୍ଗ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ତଥା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧିତ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ବୈଚାରିକ ଅଧିଷ୍ଠାନ, ସଂଗଠନର ମୂଳ ଦର୍ଶନ ଏବଂ ରାଷ୍ଟ୍ରନିର୍ମାଣ ପ୍ରତି ଦଳର ଅବଦାନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।ଦଳର ବିଚାରଧାରା ରାଷ୍ଟ୍ରବାଦ, ଅନ୍ତ୍ୟୋଦୟ, ସୁଶାସନ, ସାଂସ୍କୃତିକ ମୂଲ୍ୟବୋଧ ଏବଂ ’ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ’ର ମନ୍ତ୍ର ଉପରେ ଆଧାରିତ,ଯାହା ସମାଜର ସର୍ବାଙ୍ଗୀନ ବିକାଶ ପାଇଁ ସମର୍ପିତ। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ’ଏକାତ୍ମ ମାନବବାଦ’, ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଷ୍ଟ୍ରବାଦୀ ଚିନ୍ତନ ଏବଂ ଦଳର ଐତିହାସିକ ଯାତ୍ରା ସମ୍ପର୍କରେ ମଧ ଗଭୀର ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକରେଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ , ବିଜେପି ରାଜ୍ୟ ଉପସଭାପତି ଯତୀନ ମହାନ୍ତି, ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାଶ, ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ଜିଲ୍ଲା ପ୍ରଶିକ୍ଷଣ ବର୍ଗ ସହ-ପ୍ରଭାରୀ ରତିକାନ୍ତ ଦାସଙ୍କ ସମେତ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ


ଖୋରଧା, ୩୦/୫ (ନି.ପ୍ର): ନାରୀ ଅଧିକାର ଅଭିଯାନ, ପେଟ୍ରୋଲ, ଡିଜେଲ ଓ ଅତ୍ୟାବଶ୍ୟକ ସାମଗ୍ରୀ ର ଅହେତୁକ ଦର ବୃଦ୍ଧି ବିରୋଧ ରେ ବିକ୍ଷୋଭ, ପ୍ରତିବାଦ ଓ ସଂଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ପାଇଁ ଖୋରଧା ଜିଲ୍ଲା ବିଜେଡିର ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଇଗଲ କ୍ଲବ ପରିସର ରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଓ ଉପସ୍ଥିତ ବିଜୁ ପ୍ରେମୀ ମାନଙ୍କ ନିଷ୍ପତିକ୍ରମେ ଆଗାମୀ ଜୁନ ମାସ ପାଞ୍ଚ ତାରିଖ ଦିନ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦେଶ୍ୟ ରେ ଖୋରଧା




ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ।ଏହି କାର୍ଯ୍ୟକ୍ରମ ରେ ଖୋରଧା ପୌରପରିଷଦ, ଖୋରଧା ବ୍ଲକ ଓ ଟାଙ୍ଗୀ ବ୍ଲକର ଚାରି ହଜାରରୁ ଉର୍ଦ୍ଧ ବିଜୁ ପ୍ରେମୀ, ବିଜେଡିର ଛାମୁଆ ସଂଗଠନର ବହୁ ରାଜ୍ୟ ସ୍ତରୀୟ ନେତୃତ୍ୱ, ବେଗୁନିଆ ବୋଲଗଡ, ଚିଲିକା, ଜଟଣୀ ନିର୍ବାଚନ ମଣ୍ଡଳୀର ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଜ୍ବିଲ୍ଲା ପରିଷଦ ସଭ୍ୟ ବିଜୟ ପାଲଟାସିଂହ, ଖୋରଧା ପୌରପରିଷଦର ବହୁ କାଉନସିଲର, ସରପଞ୍ଚ, ସମିତି ସଭ୍ୟ, ଛାମୁଆ ସଂଗଠନ ର କର୍ମକର୍ତ୍ତା ଓ ବିଜୁ ପ୍ରେମୀ ଯୋଗଦେଇଥିଲେ ଏବଂ ଆଗାମୀ ଦିନରେ ବିଜେଡି ସଂଗଠନକୁ ତୃଣମୂଳ ସ୍ତରରେ ସୁଦୃଢ କରିବାକୁ ସଂକଳ୍ପ ନେଇଥିଲେ।

# ପାରାଦୀପ ବନ୍ଦର ମଧ୍ୟରେ ଆଇରନ୍ ଓର୍ ବକେଟ ଖସି ପଡି ହାଇୱା ଚାଳକ ମୃତ

ପାରାଦୀପ, ୩୦/୫ (ନି.ପ୍ର): ଶନିବାର ଦିନ ପାରାଦୀପ ବନ୍ଦର ପୋତାଶ୍ରୟ ମଧ୍ୟରେ ଏକ ଅଘଟଣରେ ହାଇଓା ଚାଳକଙ୍କ ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ବନ୍ଦର ସିକ୍ୟୁ-୧ ବର୍ଥରେ ଜିନ୍ ହାଏ ହେ ନାମକ ଏକ ଜାହାଜରେ ଆଇରନ୍ ଓର୍ ବୋଝେଇ ହେଉଥିଲା ।ଏହି ଜାହାଜରେ ଆଇରନ୍ ଓର୍ ପ୍ଲଟ୍‌ରୁ ଆଇରନ୍ ଓର୍ ପରିବହନ ନିମନ୍ତେ ହାଇଓା ନିୟୋଜିତ ହୋଇଥାଏ । ଶନିବାର ଦିନ ପ୍ଲଟ୍‌ରୁ ଆଇରନ୍ ଓର୍ ଆଣି ଜାହାଜ ପାଖରେ ଓଆର-୨୧-ବି-୯୨୩୬ ନମ୍ବର ବିଶିଷ୍ଟ ହାଇଓା ଆସିଥିଲା ।



ଜାହାଜରେ ଆଇରନ୍ ଓର୍ କ୍ରେନ୍ ଯୋଗେ ବୋଝେଇ ହେଉଥିବା ବେଳେ କ୍ରେନ୍ ବକେଟ୍‌ର ଆଇରନ୍ ଓର୍ ଖସି ପଡିଥିଲା ।କ୍ରେନ୍ ତଳେ ଥିବା ହାଇଓା କ୍ୟାବିନ୍ ଉପରେ ଏହି ଆଇରନ୍ ଓର୍ ଖସି ପଡିଥିବାରୁ ଗାଡିରେ ଥିବା ଚାଳକ ସରୋଜ ଖିଲାର (୩୭)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯିବଥିଲା । ଏହି ଖବର ପାଇ ଅନ୍ୟ ହାଇଓା ଚାଳକ ଘଟଣାସ୍ଥଳରେ ପହଂଚିଥିଲେ ।ଏହି ଘଟଣାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇଥିଲା । ପୋଲିସ୍ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହିତ ବ୍ୟବଛେଦ ନିମନ୍ତେ ପଠାଇଛି । ମୃତ ଗାଡି ଚାଳକ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଅନଲାକଟା ଗ୍ରାମର ପର୍ଶୁରାମ ଖିଲାରଙ୍କ ପୁଅ ବୋଲି ଜଣାପଡିଛି। ସେ ସୁୟଦ ଖାନ୍ ଙ୍କ ହାଇଓା ଚାଳକ ଭାବେ କାମ କରୁଥିଲେ । ତେବେ ଶୁକ୍ରବାର ଦିନ ପାରାଦୀପରେ ପ୍ରବଳ ବର୍ଷା ହୋଇଥିଲା । ଏହି ବର୍ଷାରେ ଆଇରନ୍ ଓର୍ ସମ୍ପୂର୍ଣ୍ଣ ଭାବେ ଓଦା ହୋଇ କାଦୁଅ ଆକାରର ହୋଇଯାଇଥିଲା ।ଓଦା କାଦୁଆ ଆକାରର ଆଇରନ୍ ଓର୍ କ୍ରେନ୍ ଯୋଗେ ବୋଝେଇ ହେଉଥିବାରୁ ଆଇରନ୍ ଓର୍ ଖସି ପଡି ଏଭଳି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida